ବର୍ଷ-୨୫, ସଂଖ୍ୟା-୧୩
ଭୁବନେଶ୍ୱର
୧୩, ଜାନୁଆରୀ, ୨୦୨୫ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 13
Bhubaneswar
13, January, 2025 Monday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ଜେମିମା ରୋଡ୍ରିଗୁଏଜଙ୍କ ଶତକ

# ୨୨ ବର୍ଷ ପରେ କଂସ ଦରବାରରେ ମୁଖ୍ୟମନ୍ତ୍ରୀ

## ଦରବାରରେ ବରଗଡ଼ ଜିଲ୍ଲା ପାଇଁ ବିଭିନ୍ନ ପ୍ରକଳ୍ପର ଘୋଷଣା



ଭୁବନେଶ୍ୱର, ୧୨।୧ (ମହାଭାରତ): ବରଗଡ଼ର ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବରେ ସାମିଲ ହୋଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ବରଗଡ଼ରେ ପହଞ୍ଚିବା ପରେ କଲ୍ୟାଣ ମଣ୍ଡପରୁ ହାତୀ ପିଠିରେ ବସି କଂସ ମହାରାଜଙ୍କ ଦରବାର ପହଞ୍ଚିଥିଲେ। ମୁଖ୍ୟମନ୍ତ୍ରୀ ମୁଖ୍ୟମନ୍ତ୍ରୀଙ୍କ ସହ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ନିହାର ମହାନନ୍ଦ, ସନତ ଗଡତିଆ, ଇରାଶିଷ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

ଦୀର୍ଘ ବର୍ଷର ବ୍ୟବଧାନ ପରେ ବରଗଡ଼ର ଧନୁଯାତ୍ରାରେ ଦର୍ଶକମାନେ ମୁଖ୍ୟମନ୍ତ୍ରୀଙ୍କୁ ଦେଖିବାକୁ ପାଇଛନ୍ତି ପୂର୍ବରୁ ମୁଖ୍ୟମନ୍ତ୍ରୀ। ଏହି ପ୍ରସିଦ୍ଧ ଯାତ୍ରାରେ ସାମିଲ ହେବା ପାଇଁ ନିଜେ ଘୋଷଣା କରିଥିଲେ ମୁଖ୍ୟମନ୍ତ୍ରୀ। ଏହାର କାରଣ ହେଲା ଦୀର୍ଘ ୨୨ ବର୍ଷର ବ୍ୟବଧାନ ପରେ ମୁଖ୍ୟମନ୍ତ୍ରୀ ଧନୁଯାତ୍ରାରେ ଯୋଗଦେଇଛନ୍ତି। ବରଗଡ଼ ଧନୁଯାତ୍ରାରେ ଏହା ପୂର୍ବରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୦୨ରେ ଯୋଗ ଦେଇଥିଲେ। ସେହିପରି ୧୯୯୩ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଓ ୧୯୭୦ରେ ରାଜେନ୍ଦ୍ର ନାରାୟଣ ସିଂହଦେଓ ବରଗଡ଼ ଧନୁଯାତ୍ରାରେ ଯୋଗ ଦେଇଥିଲେ।

କଂସ ଦରବାରକୁ ସମ୍ବୋଧନ କରି ମୁଖ୍ୟମନ୍ତ୍ରୀ ଏକାଧିକ ବଡ଼ ଘୋଷଣା କରିଛନ୍ତି। ବରଗଡ଼ ଧନୁଯାତ୍ରା ଅନୁଦାନ ୧ କୋଟି ଟଙ୍କାକୁ ବୃଦ୍ଧି ନେଇ ଘୋଷଣା କରିଛନ୍ତି । ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ପାଇଁ ପୂର୍ବରୁ ଅନୁଦାନ ରାଶି ୧୦ ଲକ୍ଷ ଟଙ୍କା ଥିଲା, ଏହାକୁ ୧ କୋଟି ଟଙ୍କାକୁ ବୃଦ୍ଧି ନେଇ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ଏହା ସହିତ ଯାତ୍ରାରେ ଅଂଶଗ୍ରହଣ କରୁଥିବା ସମସ୍ତ ୧୭୦ ଜଣ କଳାକାରଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ସମ୍ମାନ ରାଶି ଦିଆଯିବ ବୋଲି ମଧ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।ସେହିଭଳି ବରଗଡ଼ ସହରରେ ଚିତ୍ତାକର୍ଷକ ସ୍ଥାୟୀ ରାଜମହଲ ନିର୍ମାଣ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ୧୨ କୋଟି ୮୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବ। ରାଜମହଲ ଜିରା ନଦୀରେ ୮୦ କୋଟି ଟଙ୍କା ବ୍ୟୟରେ ଆନିକଟ୍ ନିର୍ମାଣ ହେବ ଏବଂ ବରଗଡ଼ କେନାଲର ସୌନ୍ଦର୍ଯ୍ୟକରଣ ପାଇଁ ୩୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ମୁଖ୍ୟମନ୍ତ୍ରୀ ମଞ୍ଚରୁ ଘୋଷଣା କରିଛନ୍ତି।

ତେଣେ ଆଜି ହେଉଛି ଯାତ୍ରାର ଦଶମ ଦିନ ଧନୁଯାତ୍ରାରେ ସାମିଲ ହେବାକୁ ଆସିଥିବା କୃଷ୍ଣ-ବଳରାମ ମଥୁରା ନଗରୀ ପରିଭ୍ରମଣ କରୁଛନ୍ତି। ଏହି ଅବସରରେ ସୁଦାମା ମାଳି ଓ ରଜକଙ୍କ ସହ ସାକ୍ଷାତ ଦୃଶ୍ୟ ମଧ୍ୟ ଅନୁଷ୍ଠିତ ହୋଇଛି। ସେପଟେ ମଥୁରା ନଗରୀରେ କୃଷ୍ଣ-ବଳରାମଙ୍କ ହତ୍ୟା ପାଇଁ ଯୋଜନା ପ୍ରସ୍ତୁତିରେ ବ୍ୟସ୍ତ ଅଛନ୍ତି କଂସ ମହାରାଜ ଆସନ୍ତାକାଲି କଂସ ବଧ ସହ ଏହି ମହା ନାଟକରେ ପଡ଼ିବ ମହା ଯବନିକା।

## ଆଜିଠୁ ମହାକୁମ୍ଭ ମେଳା

ପ୍ରୟାଗରାଜ, ୧୨।୧: ଆସନ୍ତାକାଲିଠୁ ସଙ୍ଗମ୍ ନଗରୀ ପ୍ରୟାଗରାଜରେ ଆରମ୍ଭ ହେବ ମହାକୁମ୍ଭ ମେଳା। ୧୪୪ ବର୍ଷ ପରେ ଏହି ଅନନ୍ୟ ଓ ଦିବ୍ୟ ତିଥି ପଡ଼ିଥିବାରୁ ଏହାର ମାହାତ୍ମ୍ୟ ବଢ଼ି ଯାଇଛି। ଶ୍ରଦ୍ଧାଳୁଙ୍କୁ ସ୍ୱତନ୍ତ୍ର ଅନୁଭୂତି ଦେବାକୁ ସବୁ ପ୍ରକାର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଦେଶର ସମସ୍ତ ପ୍ରମୁଖ ଆଖଡ଼ାରୁ ସାଧୁ ସନ୍ଥ ପହଞ୍ଚି ସାରିଲେଣି। ଆସନ୍ତାକାଲି ପୌଷ ପୂର୍ଣ୍ଣିମା ଓ ମକର ସଂକ୍ରାନ୍ତି ଏହି ଦୁଇ ଦିନ ହେବ ସାହି ସ୍ନାନ। ପ୍ରଥମେ ସାଧୁ ଓ ମଠ ମହନ୍ତମାନେ ସ୍ନାନ କରିବା ପରେ ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଇବେ। ତା'ସହ ଦେଶ ଓ ବିଶ୍ୱର କୋଣ ଅନୁକୋଣରୁ ଆସୁଥିବା ଲକ୍ଷ ଲକ୍ଷ ଲୋକେ ବି ଯେପରି ସୁରୁଖୁରୁରେ ବୁଡ଼ ପକାଇବେ। ସେଥିପାଇଁ ସବୁ ପ୍ରକାର ପ୍ରସ୍ତୁତି ସରିଛି। ପ୍ରତି ୧୨ ବର୍ଷରେ ପାଳନ କରାଯାଉଥିବା ଏହି ଭବ୍ୟ ଉତ୍ସବରେ ବିଶ୍ୱର ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ ଜାନୁଆରୀ ୧୩ରୁ ଫେବ୍ରୁଆରୀ ୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

# ବିଶ୍ୱର କୌଣସି ଶକ୍ତି ଆମକୁ ବିକାଶ କରିବାରୁ ରୋକିପାରିବନି : ମୋଦୀ

ନୂଆଦିଲ୍ଲୀ, ୧୨।୧ (ମହାଭାରତ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଭାରତ ମଣ୍ଡପମରେ ଆୟୋଜିତ ୟଙ୍ଗ ଲିଡର ଡାଏଲଗ୍-୨୦୨୫ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ସମୟରେ ସେ କହିଥିଲେ ଯେ, ଦେଶର ଯୁବକମାନଙ୍କ ସହିତ ତାଙ୍କର ଏକ ଉତ୍ତମ ବନ୍ଧୁତା ଭଳି ସମ୍ପର୍କ ରହିଛି। ପ୍ରଧାନମନ୍ତ୍ରୀ ବିଶ୍ୱାସ ଏବଂ ଦୃଢ଼ତାର ସହ କହିଛନ୍ତି ଯେ, ଦେଶର ଯୁବଶକ୍ତି ଭାରତକୁ ଶୀଘ୍ର ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବ।



ଉକ୍ତ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଆଜି ଆପଣଙ୍କ ସହିତ କଥାବାର୍ତ୍ତା କରିବା ସମୟରେ, ମୁଁ ବିକଶିତ ଭାରତର ଏକ ଚିତ୍ର ମଧ୍ୟ ଦେଖୁଛିୟ ବିକଶିତ ଭାରତରେ ଆମେ କ'ଣ ଦେଖିବାକୁ ଚାହୁଁଛୁ? ଆମେ କି ପ୍ରକାରର ଭାରତ ଦେଖିବାକୁ ଚାହୁଁଛୁ? କେଉଁଠାରେ ଭଲ ଆୟ ହେବ ଏବଂ ଭଲ ଭାବରେ ପଢିବା ପାଇଁ ଅଧିକରୁ ଅଧିକ ସୁଯୋଗ ମିଳିବ।କେବଳ କଥା କହି ଆମେ ବିକଶିତ ହୋଇଯିବୁ କି? ଯେତେବେଳେ ଆମର ପ୍ରତ୍ୟେକ ନିଷ୍ପତ୍ତିର ମାନଦଣ୍ଡ ସମାନ ହେବ, ବିକଶିତ ଭାରତ। ଯେତେବେଳେ ଆମର ପ୍ରତ୍ୟେକ ପଦକ୍ଷେପ ସମାନ ହେବ ବିକଶିତ ଭାରତ। ତେବେ ବିଶ୍ୱର କୌଣସି ଶକ୍ତି ଆମକୁ ବିକାଶ କରିବାରୁ ରୋକିପାରିବ ନାହିଁ।

ପ୍ରଧାନମନ୍ତ୍ରୀ କହିଛନ୍ତି, 'ମୁଁ ଲାଲକିଲ୍ଲାରୁ ୧ ଲକ୍ଷ ନୂଆ। ଯୁବକଙ୍କୁ ରାଜନୀତିରେ ଆଣିବା ବିଷୟରେ କହିଛି। ରାଜନୀତି ମଧ୍ୟ ଆପଣଙ୍କ ପରାମର୍ଶଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ଏକ ମହାନ ମାଧ୍ୟମ ହୋଇପାରେ। ମୁଁ ନିଶ୍ଚିତ ଯେ ଆପଣଙ୍କ ମଧ୍ୟରୁ ଅନେକ ଯୁବକ ମଧ୍ୟ ରାଜନୀତିରେ ଯୋଗଦେବେ। ଆଗକୁ ଆସି ଅଂଶଗ୍ରହଣ କରିବାକୁ। ସେ କହିଥିଲେ, ବିକଶିତ ଭାରତର ଏହି ଯାତ୍ରାରେ, ଆମକୁ ପ୍ରତିଦିନ ନୂଆ। ଲକ୍ଷ୍ୟ ସ୍ଥିର କରିବାକୁ ପଡିବ ଏବଂ ସେଗୁଡ଼ିକୁ ହାସଲ କରିବାକୁ ପଡିବ। ସେହି ଦିନ ଦୂରରେ ନାହିଁ ଯେତେବେଳେ ଭାରତ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ହେବାର ଲକ୍ଷ୍ୟ ହାସଲ କରିବ। ଗତ ୧୦ ବର୍ଷ ମଧ୍ୟରେ, ଦେଶ ୨୫ କୋଟି ଲୋକଙ୍କୁ ନିଯୁକ୍ତି ଦେଇଛି। ଆମକୁ ଦାରିଦ୍ର୍ୟରୁ ବାହାର କରାଯାଇଛି। ଆମେ ଯେଉଁ ଗତିରେ ଆଗକୁ ବଢୁଛୁ, ସେହି ଦିନ ଦୂର ନୁହେଁ

## ଦୁର୍ଘଟଣାରେ ସ୍ୱାମୀ-ସ୍ତ୍ରୀ ମୃତ

କରଞ୍ଜିଆ, ୧୨।୧(ମହାଭାରତ) : ବାଇକକୁ ଧକ୍କା ଦେଲା କୁକୁଡ଼ା ବୋଝେଇ ଭ୍ୟାନ୍। ଦୁର୍ଘଟଣା ନେଲା ଦମ୍ପତିଙ୍କ ଜୀବନ। ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ। ଥାନା ୫୩ନମ୍ବର ରାଜ୍ୟ ରାଜପଥର କେନ୍ଦୁଜୁମୁଣ୍ଡି ଜଙ୍ଗଲ ନିକଟରେ ଘଟିଛି ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ମୃତକମାନେ ହେଲେ ଚିରୁପଦା ଗାଁର ମନୋଜ ପୂର୍ତ୍ତି ଓ ତାଙ୍କ ପତ୍ନୀ କୁନି ମୁଦୁୟା। ମନୋଜ ବାଇକରେ ପତ୍ନୀ କୁନିଙ୍କୁ ଧରି କରଞ୍ଜିଆ। ଆସୁଥିବା ବେଳେ ଏକ କୁକୁଡ଼ା ବୋଝେଇ ଭ୍ୟାନ୍ ସେମାନଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ କୁନିଙ୍କର ମୃତ୍ୟୁ ଘଟିଥିବା ବେଳେ ଗୁରୁତର ଅବସ୍ଥାରେ ମନୋଜ ପୂର୍ତ୍ତିଙ୍କୁ ଉଦ୍ଧାର କରି କରଞ୍ଜିଆ। ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ ସ୍ଥାନୀୟ ଲୋକେ। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମନୋଜଙ୍କର ମୃତ୍ୟୁ ଘଟିଛି। ଦୁର୍ଘଟଣା ଘଟାଇଥିବା କୁକୁଡ଼ା ବୋଝେଇ ଗାଡ଼ିଟି ଫେରାର୍ ହୋଇଯାଇଛି। ଦୁର୍ଘଟଣାସ୍ଥଳରେ ଚାପା ଉତ୍ତେଜନା ଦେଖାଦେଇଥିଲେ ମଧ୍ୟ ପୁଲିସ ପହଞ୍ଚି ସ୍ଥିତିକୁ ଆୟତ୍ତ କରିଛି। ଏକ ମାମଲା ରୁଜୁ କରି ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଖୋଜୁଛି ପୁଲିସ।

# ସମୁଦ୍ରରେ ମାଛ ମାଫିଆଙ୍କ ଗୁଣ୍ଡାରାଜ




## ବନ ବିଭାଗ କର୍ମଚାରୀଙ୍କୁ ଆକ୍ରମଣ କରି ୮ ସାଥୀଙ୍କୁ ନେଇଗଲେ

ମହାକାଳପଡ଼ା, ୧୨।୧ (ମହାଭାରତ): ମହାକାଳପଡ଼ା ବ୍ଲକ ଗହୀରମାଥା ନିଷିଦ୍ଧାଞ୍ଚଳସ୍ଥିତ ବାବୁବାଲି ସମୁଦ୍ର ମଧ୍ୟରେ ବନ ବିଭାଗ ପାଟ୍ରୋଲିଂ ଟିମ୍ ଉପରେ ମାଛ ମାଫିଆ ଆକ୍ରମଣ କରିଛନ୍ତି। ଏହି ସମୟରେ ଫାଙ୍କା ଗୁଳିଚାଳନା ହୋଇଥିବା ଜଣାପଡିଛି। ବେଆଇନ ଭାବେ ମାଛ ମାରୁଥିବା ତାରିଣୀ ୩ ଟ୍ରଲର ସହିତ ୯ ମତ୍ସ୍ୟଜୀବୀଙ୍କୁ ବନବିଭାଗ କାବୁ କରି ଆଣୁଥିବା ସମୟରେ ୬ ଟି ଟ୍ରଲର ସଂଘବଦ୍ଧ ଭାବେ ଆକ୍ରମଣ କରିବା ସହ ଗୁଳି ଫୁଟାଇ ୮ ମତ୍ସ୍ୟଜୀବୀଙ୍କୁ ଜୋର୍ ଜବରଦସ୍ତ ବନ କର୍ମଚାରୀଙ୍କଠାରୁ ଛଡାଇ ନେଇଛନ୍ତି ମାଛ ମାଫିଆ।

ଘଟଣାରୁ ପ୍ରକାଶ ଆଜି ଅପରାହ୍ନ ୫ଟା ବେଳେ ଶାସନପେଟା ଠାରୁ ପ୍ରାୟ ୨୦ନାଟିକାଲ ମାଇଲ ଦୂରରେ ଥିବା ନିଷିଦ୍ଧାଞ୍ଚଳ ବାବୁବାଲି ସମୁଦ୍ର ମଧ୍ୟରେ ୬ ବେଆଇନ ମାଛ ଧରା ବୋଟ ମାଛ ଧରୁଥିଲା। ଖବର ପାଇ ବନବିଭାଗର କର୍ମଚାରୀ ମାନେ ସରକାରୀ ବୋଟ ଅଲଭିଆ ଯୋଗେ ଉକ୍ତ ସ୍ଥାନକୁ ଯାଇ ସମ୍ପୃକ୍ତ ବୋଟ ଗୁଡିକ ଉପରେ ଚଢ଼ାଉ କରିଥିଲେ। ବନ କର୍ମଚାରୀ ଗହୀରମଥା ବାବୁବାଲି ଠାରେ ବେଆଇନଭାବେ ଟ୍ରଲର ମାଛ ମାରୁଥିବା ବେଳେ ଟ୍ରଲର ସହିତ ୯ ଜଣ ମତ୍ସ୍ୟଜୀବୀଙ୍କୁ କାବୁ କରିଥିଲା ବନବିଭାଗ। ପାଟ୍ରୋଲିଂ ଟିମ୍ ଜବତ ଟ୍ରଲରକୁ ଧରି କୂଳକୁ ଫେରୁଥିବା ବେଳେ ଅନ୍ୟ ୫ଟି ବୋଟରେ ଥିବା ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ମତ୍ସଜୀବୀ ବନବିଭାଗ କର୍ମଚାରୀ ମାନଙ୍କ ଉପରେ ଆକ୍ରମଣ କରି ଜବତ ବୋଟଟିକୁ ନେଇ ଯାଇଥିଲେ। ଏହି ସମୟରେ ମାଛ ମାଫିଆ-ବନବିଭାଗ ମୁହାଁମୁହିଁ ହୋଇ ଗୁଳି ଫୁଟିଥିଲା। ଫଳରେ ମାଛ ମାଫିଆ ଟ୍ରଲରଟିକୁ ଛାଡି ୮ ମତ୍ସ୍ୟଜୀବୀଙ୍କୁ ଖସାଇ ନେଇଛନ୍ତି। ଏହି ଘଟଣାକୁ ବନବିଭାଗ ଗୁରୁତର ସହିତ ନେବା ସହିତ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବା ସହିତ ସୁରକ୍ଷାକୁ କଡାକଡି କରାଯିବ ବୋଲି କହିଛନ୍ତି ରାଜନଗର ବନଖଣ୍ଡ ଅଧିକାରୀ। ଜବତ ଉକ୍ତ ବୋଟର ଡ୍ରାଇଭର ଓ ଅନ୍ୟ ଜଣେ ଅଭିଯୁକ୍ତ ଗିରଫ ହୋଇ ଥିବା ଜଣାପଡିଛି।

# ପୁରୀ, କଟକ ଓ ଭୁବନେଶ୍ୱରକୁ ନେଇ ଗଠନ ହେବ ଟ୍ରାଇ ସିଟି

**ଭୁବନେଶ୍ୱର, ୧୨।୧ (ମହାଭାରତ):** ରାଜ୍ୟରେ ଗଠନ ହେବ 'ଟ୍ରାଇ ସିଟି'। ପୁରୀ, କଟକ ଓ ଭୁବନେଶ୍ୱରକୁ ନେଇ ଟ୍ରାଇ ସିଟି ଗଠନ କରାଯିବ। ସେହିଭଳି ସହରାଞ୍ଚଳରେ ଟ୍ରାଫିକ ସମସ୍ୟା ଦୂର ପାଇଁ ନିର୍ମାଣ ହେବ ଅଧିକ ନୂଆ। ରିଂ ରୋଡ୍ ଏବଂ ଓଭର ବ୍ରିଜ। ଏନେଇ ସୂଚନା ଦେଇଛନ୍ତି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର। ମନ୍ତ୍ରୀ କହିଛନ୍ତି ଯେ ଖୁବଶୀଘ୍ର ପୁରୀ, କଟକ ଓ ଭୁବନେଶ୍ୱରକୁ ଟ୍ରାଇ ସିଟି ମାନ୍ୟତା ପ୍ରଦାନ କରାଯିବ। ଅନ୍ୟପଟେ ସହର ବଢେଇବେ ସରକାର। ଟାଉନ ପ୍ଲାନିଂ ସ୍କିମ ଜରିଆରେ ସହରକୁ ବଢାଇବା ପାଇଁ ନିଷ୍ପତ୍ତି ହୋଇଛି। ଟିପି ସ୍କିମ ପାଇଁ ସ୍ୱତନ୍ତ୍ର ବିଭାଗ କରି ଦାୟିତ୍ୱ ଦିଆଯିବ। ଟାଇମ ପିରିୟଡ୍ ବି ଫିକ୍ସ ହେବ। ସେହିପରି ପ୍ଲାନିଂ ପାଇଁ ସ୍ୱତନ୍ତ୍ର ଅଫିସ ମଧ୍ୟ ଖୋଲାଯିବ ବୋଲି ମନ୍ତ୍ରୀ କହିଛନ୍ତି। ସହରାଞ୍ଚଳରେ କୌଣସି ଅନପ୍ଲାନଡ୍ କାମ ହେବନି। କଟକ, ବ୍ରହ୍ମପୁର, ରାଉରକେଲାରେ ଅନେକ ଟିପି ସ୍କିମ କରିବାକୁ ଯାଉଛନ୍ତି ସରକାର। ଏନେଇ ସୂଚନା ଦେଇ ନଗର ଉନ୍ନୟନ ମନ୍ତ୍ରୀ କହିଛନ୍ତି ଯେ ଭୁବନେଶ୍ୱର ହେଉଛି ଏକ ପ୍ଲାନଡ୍ ସିଟି। ତେଣୁ କୌଣସି ଅନପ୍ଲାନଡ୍ କାର୍ଯ୍ୟ କରାଯିବ ନାହିଁ। ନୀତି ନିୟମ ଭିତରେ ସହରର କଳେବର ବୃଦ୍ଧି ପାଇଁ ଯୋଜନା କରାଯାଉଛି। କେବଳ ଭୁବନେଶ୍ୱର ନୁହେଁ, ରାଜ୍ୟର ସମସ୍ତ ସହରାଞ୍ଚଳରେ ଟାଉନ ପ୍ଲାନିଂ ସ୍କିମ କରାଯିବ ପାଇଁ ନିଷ୍ପତ୍ତି ହୋଇଛି। ଏଥିପାଇଁ ଅଧିକ ଟାଉନ ପ୍ଲାନିଂ କାର୍ଯ୍ୟାଳୟ ଓ ମାନବ ସମ୍ବଳ ରଖାଯିବ।ସେହିଭଳି ଭୁବନେଶ୍ୱର ଟ୍ରାଫିକ ସମସ୍ୟାକୁ ଗୁରୁତ୍ୱର ସହ ନେଇଛନ୍ତି ସରକାର। ସହରାଞ୍ଚଳ ଟ୍ରାଫିକ ସମସ୍ୟା ଦୂର ପାଇଁ ନିର୍ମାଣ ହେବ ଅଧିକ ନୂଆ। ଓଭରବ୍ରିଜ। ରାଜ୍ୟ ସରକାର ଏଥିପାଇଁ ପ୍ରାରମ୍ଭିକ ଯୋଜନା ଆରମ୍ଭ କରିଛନ୍ତି ବୋଲି ସୂଚନା ଦେଇଛନ୍ତି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର। ବିଭିନ୍ନ ସ୍ଥାନରେ ରିଂ ରୋଡ୍ ଏବଂ ଓଭର ବ୍ରିଜ କିପରି ଓ କେମିତି ନିର୍ମାଣ କରାଯାଇପାରିବ ସେନେଇ ମୁଖ୍ୟମନ୍ତ୍ରୀ ଦୁଇ ଥର ବୈଠକ କରି ଆଲୋଚନା କରିଛନ୍ତି। ତୁରନ୍ତ ପ୍ଲାନ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ ଦେଖାଯାଉଥିବା ଟ୍ରାଫିକ ଜାମକୁ ଦୂର ପାଇଁ ପବ୍ଲିକ ଟ୍ରାନ୍ସପୋର୍ଟ ସିଷ୍ଟମକୁ ଅଧିକ ବଢ଼ାଯାଉଛି। ଏଥିପାଇଁ ଡବଲ ଡେକର ବସ ସେବା ଆରମ୍ଭ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

# ଏନକାଉଣ୍ଟରରେ ମଲେ ୫ ନକ୍ସଲ

ବିଜାପୁର, ୧୨।୧ (ମହାଭାରତ): ଛତିଶଗଡ଼ରେ ପୁଲିସ-ନକ୍ସଲ ଗୁଳିବିନିମୟରେ ମୃତକଙ୍କ ସଂଖ୍ୟା ୫କୁ ବୃଦ୍ଧି ପାଇଛି। ମୃତ ନକ୍ସଲମାନଙ୍କ ମଧ୍ୟରେ ୨ ଜଣ ମହିଳା କ୍ୟାଡର ଅଛନ୍ତି। ସୁରକ୍ଷା ବାହିନୀର ଯବାନମାନେ ସମସ୍ତ ୫ଟି ମୃତଦେହ ଜବତ କରିଛନ୍ତି। ଏଥି ସହିତ ଘଟଣାସ୍ଥଳରୁ ବିସ୍ଫୋରକ ସାମଗ୍ରୀ ମଧ୍ୟ ଜବତ କରିଛନ୍ତି। ମୃତ ନକ୍ସଲମାନଙ୍କର ପରିଚୟ ତଦନ୍ତ କରାଯାଉଛି। ବସ୍ତର ଆଇଜି ପି ସୁନ୍ଦରରାଜ ଏନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ବାନ୍ଦେପାରା-କୋରାନଜେଦ୍ ଜଙ୍ଗଲରେ ନକ୍ସଲମାନଙ୍କ ଗତିବିଧି ନେଇ ଗୁଇନ୍ଦା ସୂତ୍ରରୁ ସୂଚନା ମିଳିଥିଲା। ଏହି ଆଧାରରେ ସୁରକ୍ଷା ବାହିନୀର ଯବାନମାନେ ସର୍ଚ୍ଚ ଅପେରେସନରେ ବାହାରିଥିବା ବେଳେ ରବିବାର ସକାଳେ ଜଙ୍ଗଲରେ ପହଞ୍ଚିବା ମାତ୍ରେ ନକ୍ସଲମାନେ ଗୁଳି ଚଳାଇବା ଅରମ୍ଭ କରିଥିଲେ। ଯବାନମାନେ ମଧ୍ୟ ଆଗକୁ ଯାଇ ନକ୍ସଲମାନଙ୍କ ଗୁଳିର ଜବାବ ଦେଇଥିଲେ। ଏଥିରେ ମୁକାବିଲା କରି ନପାରି ୫ ଜଣ ନକ୍ସଲ ଟଳି ପଡ଼ିଥିଲେ। ହତ୍ୟା କରାଯାଇଥିବା ନକ୍ସଲମାନଙ୍କ ସଂଖ୍ୟା ଆହୁରି ବଢ଼ିପରରେ ବୋଲି ଆଶା କରାଯାଉଛି। ତେବେ ନକ୍ସଲମାନଙ୍କ ହତ୍ୟାକୁ ନେଇ ପୁଲିସ କର୍ତ୍ତୃପକ୍ଷ ଏପର୍ଯ୍ୟନ୍ତ ନିଶ୍ଚିତ କରିନାହାଁନ୍ତି। ଆଠ ଜଣ ଯବାନ ସହିଦ ହେବା ଘଟଣାକୁ ସୁରକ୍ଷା ବାହିନୀ ଓ ସହରକାର ହାଲୁକା ଭାବରେ ନେଇ ନାହାନ୍ତି। ୮ ଜଣ ନକ୍ସଲଙ୍କ ସହିଦ ଘଟଣାର ପ୍ରତିଶୋଧ ନେବା ପାଇଁ ସୁରକ୍ଷା ବାହିନୀ ଏବେ ଅଧିକ ସକ୍ରିୟ ଅଛନ୍ତି।

## ଆଜି ଆୟୁଷ୍ମାନ ପାଇଁ ଏମ୍ଓୟୁ

ଭୁବନେଶ୍ୱର, ୧୨।୧ (ମହାଭାରତ): ଆସନ୍ତାକାଲିଠୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆଉ ଏକ ପାଦ ଆଗେଇବ ଓଡ଼ିଶା। କାରଣ ଆସନ୍ତାକାଲି ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ ଯୋଜନା ପାଇଁ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହେବ। ଏଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଆସନ୍ତାକାଲି ଦୁଇ ଦିନିଆ ଦିଲ୍ଲୀ ଗସ୍ତରେ ଯିବେ।ନୂଆଦିଲ୍ଲୀରେ ବିଜ୍ଞାନ ଭବନଠାରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ଚୁକ୍ତି ସ୍ୱାକ୍ଷର ହେବ। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଉପସ୍ଥିତିରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଏହି ଏମ୍ଓୟୁ ସ୍ୱାକ୍ଷରିତ ହେବାର କାର୍ଯ୍ୟକ୍ରମ ରହିଛି। ଏହି ୨ ଦିନିଆ ଗସ୍ତ ଭିତରେ ରାଷ୍ଟ୍ରପତି ଭବନରେ ଥିବା କାର୍ଯ୍ୟକ୍ରମରେ ମଧ୍ୟ ମୁଖ୍ୟମନ୍ତ୍ରୀ ଯୋଗଦେବେ ବୋଲି ସୂଚନା ମିଳିଛି।

## ପୁଣି ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ୍

**ପୁରୀ, ୧୨।୧(ମହାଭାରତ):** ପୁଣି ଭାଇରାଲ୍ ହେଲା ଶ୍ରୀମନ୍ଦିର ଭିତର ଫଟୋ। ଏଥର ଶ୍ରୀମନ୍ଦିର ପରିସର କୀର୍ତ୍ତନ ଚକଡ଼ା ଫଟୋ ଭାଇରାଲ୍ ହୋଇଛି। ଶ୍ରୀମନ୍ଦିର ଭିତରେ ଫଟୋ ଉଠାଇ ସୋଶାଲ୍ ମିଡିଆରେ ଭାଇରାଲ୍ କରିଛନ୍ତି ଗୌରବ କୁମାର ସାହୁ ନାମକ ଯୁବକ। ଏହାପରେ ସାମ୍ନାକୁ ଆସିଥିଲା ଘଟଣା। ବାରମ୍ବାର ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ ହେବା ପରେ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଏହାକୁ ନେଇ କଡା ପ୍ରତିକ୍ରିୟା ପ୍ରକାଶ ପାଇଛି। ନିକଟରେ ଗତ ଜାନୁଆରୀ ୫ ତାରିଖ ଦିନ ଶ୍ରୀମନ୍ଦିରେ ଉପରେ ଡ୍ରୋନ ଉଡ଼ିଥିଲା। ଶ୍ରୀମନ୍ଦିର ମେଘନାଦ ପାଚେରୀ, ଦଧିନଉତି, ନୀଳଚକ୍ର ସବୁଠି ଅଟକି ଅଟକି ଭିଡିଓ ଶୁଟ୍ କରିଥିଲା। ଏମିତିକି ବେଶ ତଳକୁ ଓହ୍ଲାଇ ବି ଭିଡିଓ ରେକର୍ଡ କରିଥିବା ଜଣାପଡ଼ିଛି। ଏସବୁକୁ ବାହାରେ ଥିବା ଶ୍ରଦ୍ଧାଳୁ ଦେଖିଥିଲେ ଓ ନିଜ ଫୋନରେ ରେକର୍ଡିଂ ବି କରିଥିଲେ। ପ୍ରାୟ ଅଧଘଣ୍ଟା ଧରି ଡ୍ରୋନ୍ ଉଡ଼ିଲା, ହେଲେ ପୁଲିସ୍ କିମ୍ବା ଶ୍ରୀମନ୍ଦିର ପ୍ରଶାସନର କୌଣସି ଅଧିକାରୀ ଏସମ୍ପର୍କରେ ଟିକିଏ ବି ଟେର ପାଇଲେନି।

# ମହାକୁମ୍ଭ ମେଳା ପାଇଁ ଓଡ଼ିଶାରୁ ଗଡ଼ିଲା ୪ ବସ୍

**ଭୁବନେଶ୍ୱର, ୧୨।୧(ମହାଭାରତ) :** ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମହାକୁମ୍ଭ ମେଳା ଅବସରରେ ଓଡିଶାର ୪ଟି ସ୍ଥାନରୁ ଶ୍ରଦ୍ଧାଳୁମାନଙ୍କ ପାଇଁ ୪ଟି ଅତ୍ୟାଧୁନିକ ବସ୍ ସେବାର ଶୁଭାରମ୍ଭ କରିଛନ୍ତି। ଓଡିଶା ରାଜ୍ୟ ପରିବହନ ନିଗମର ଏହି ୪ଟି ଅତ୍ୟାଧୁନିକ ପ୍ରିମିୟମ ବସ୍, ପୁରୀ, ସମ୍ବଲପୁର, ଭବାନୀପାଟଣା ଏବଂ ବ୍ରହ୍ମପୁରରୁ ବାହାରି ବାରଣାସୀ ଓ ପ୍ରୟାଗରାଜ ଦେଇ ଅଯୋଧ୍ୟା ପର୍ଯ୍ୟନ୍ତ ଚଳାଚଳ କରିବ।

ଆଜି ଲୋକସେବା ଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଭର୍ଚୁଆଲ ମୋଡ୍ ରେ ପତାକା ଦେଖାଇ ଏହି ବସ୍ ଚଳାଚଳର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରଦ୍ଧାଳୁମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଏହି ତୀର୍ଥଯାତ୍ରାରେ ସେମାନେ ଅଶେଷ ପୁଣ୍ୟ ଲାଭ କରିବେ ବୋଲି ଆଶା ପ୍ରକାଶ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପ୍ରଥମ ପର୍ଯ୍ୟାୟରେ ୪ଟି ବସ୍ ର ଚଳାଚଳ କରାଯାଉଛି ଏବଂ ଆବଶ୍ୟକ ହେଲେ ଆହୁରି ଅଧିକ ବସ୍ ର ବ୍ୟବସ୍ଥା କରାଯିବ। ପ୍ରଥମ ଥର ପାଇଁ ୨୫୦୦ କିଲୋମିଟରରୁ ଅଧିକ ଲମ୍ବା ଯାତ୍ରାର ଶୁଭାରମ୍ଭ କରାଗଲା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।



ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବିଶ୍ୱପ୍ରସିଦ୍ଧ ମହାକୁମ୍ଭ ମେଳା ଉତ୍ତରପ୍ରଦେଶର ପ୍ରୟାଗରାଜଠାରେ ଚଳିତ ବର୍ଷ ପୌଷ ପୂର୍ଣ୍ଣିମାରୁ ମହାଶିବରାତ୍ରୀ (ଜାନୁଆରୀ ୧୩ ରୁ ଫେବୃଆରୀ ୨୬) ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି। ଏହି ଅବସରରେ ଦେଶର ବିଭିନ୍ନ ରାଜ୍ୟ ତଥା ବିଦେଶରୁ ମଧ୍ୟ ଲକ୍ଷ ଲକ୍ଷ ଭକ୍ତ, ଶ୍ରଦ୍ଧାଳୁ ଓ ସାଧୁସନ୍ଥଙ୍କ ପ୍ରୟୋଗରାଜକୁ ଆଗମନ ହୋଇଥାଏ। ଏହି ପରିପ୍ରେକ୍ଷୀରେ ଆମ ଓଡ଼ିଶାରୁ ମଧ୍ୟ ହଜାର ହଜାର ଶ୍ରଦ୍ଧାଳୁ ପ୍ରୟାଗରାଜ ଯାଉଛନ୍ତି। ସେଥିପାଇଁ ଏହି ବସ୍ ସୁବିଧା କରାଗଲା ବୋଲି ସେ କହିଥିଲେ। ଆଜି ପ୍ରଥମ ଦିନରେ ଓଡିଶାରୁ ୨୦୦ ଶ୍ରଦ୍ଧାଳୁ ମହାକୁମ୍ଭ ମେଳା ପାଇଁ ଯାତ୍ରା ଆରମ୍ଭ କରିଛନ୍ତି। ମହିଳା ଯାତ୍ରୀଙ୍କ ପାଇଁ ଟିକେଟ ମୂଲ୍ୟରେ ୫୦ ପ୍ରତିଶତ ରିହାତି ବ୍ୟବସ୍ଥା କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ବସ୍ ଗୁଡିକରେ ଯାତ୍ରୀମାନଙ୍କ ସୁରକ୍ଷା ପାଇଁ 'ଲାଇଭ୍ ଭେଇକିଲ୍ ଟ୍ରାକିଂ', ପ୍ୟାନିକ ବଟନ୍ ଏବଂ ଡ୍ରାଇଭର ଆସିଷ୍ଟାନ୍ସ ସିଷ୍ଟମ ରହିଛି । ଯାତ୍ରୀମାନଙ୍କ ଆରାମଦାୟକ ଯାତ୍ରା ପାଇଁ ସମସ୍ତ ସୁବିଧା କରାଯାଇଛି। ଏହା ସହିତ ମହାକୁମ୍ଭ ମେଳା ଯାତ୍ରୀ ମାନଙ୍କ ସୁବିଧା ପାଇଁ ୨୪ ଘଣ୍ଟିଆ। ହେଲ୍ପ ଡେସ୍କ ମଧ୍ୟ ଖୋଲା ଯାଇଛି। ଯାତ୍ରୀମାନେ ୧୮୦୦ ୩୪୫ ୧୧୨୨ କୁ କଲ୍ କରିପାରିବେ କିମ୍ବା ୭୮୪୯୦ ୫୨୨୦୫ ନମ୍ବରରେ ହ୍ୱାଟସଆପ୍ ମାଧ୍ୟମରେ ହେଲ୍ପ ଡେସ୍କର ସୁବିଧା ନେଇପାରିବେ।

ପ୍ରୟାଗରାଜରେ ମଧ୍ୟ ଯାତ୍ରୀମାନଙ୍କୁ ସହାୟତା ପ୍ରଦାନ କରିବା ପାଇଁ ଓଏସ୍ଆରଟିସିର କର୍ମଚାରୀମାନଙ୍କୁ ମଧ୍ୟ ଅବସ୍ଥାପିତ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ।

ଏହି ଅବସରରେ ବ୍ରହ୍ମପୁରରେ ଉପସ୍ଥିତ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ଯାତ୍ରୀମାନଙ୍କୁ ଶୁଭକାମନା ଜଣାଇ କହିଥିଲେ ଯେ, ସଡକ ପରିବହନ କ୍ଷେତ୍ରରେ ଅଧିକ ସୁରକ୍ଷା ପାଇଁ ରାଜ୍ୟ ସରକାର ଏକ ମାସ ବ୍ୟାପୀ ସଡକ ସୁରକ୍ଷା କାର୍ଯ୍ୟକ୍ରମ କରୁଛନ୍ତି। ଯାନ ଚଳାଚଳ ବେଳେ ସମସ୍ତେ ବାହନ ଚଳାଚଳର ନିୟମ ମାନି ସୁରକ୍ଷିତ ରହିବାକୁ ସେ ପରାମର୍ଶ ଦେଇଥିଲେ।

ଏହି ଅବସରରେ ଭବାନୀପାଟଣାରେ ସାଂସଦ ଶ୍ରୀମତୀ ମାଳବିକା ଦେବୀ, ସମ୍ବଲପୁରରେ ବିଧାୟକ ଜୟନାରାୟଣ ମିଶ୍ର, ପୁରୀଠାରେ ବ୍ରହ୍ମଗିରି ବିଧାୟିକା ଶ୍ରୀମତୀ ଉପାସନା ମହାପାତ୍ର ଏବଂ ଲୋକସେବା ଭବନରେ ଏକାମ୍ର ବିଧାୟକ ବାବୁ ସିଂ, ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢୀ, ପରିବହନ କମିଶନର ଅମିତାଭ ଠାକୁର ଏବଂ ଓଏସଆରଟିସିର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଦୀପ୍ତେଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଗଜା ମୁଗ ଚାଟ

ଗଜାମୁଗ ଖୁବ ସ୍ୱାସ୍ଥ୍ୟକର । ଏହାକୁ ଖାଇବାକୁ ମଧ୍ୟ ଖୁବ ଲୋକ ପସନ୍ଦ କରନ୍ତି । ଗଜାମୁଗକୁ ବହୁ ଝାଲ କରି ମଧ୍ୟ ଖାଇ ଥାଆନ୍ତି। ତେବେ ଆମେ ଆପଣଙ୍କୁ ଗଜାମୁଗର ଏକ ସ୍ୱତନ୍ତ୍ର ପ୍ରଣାଳୀରେ ଗଜାମୁଗ ଚାଟ ବିଷୟରେ କହିବାକୁ ଯାଉଛୁ । ଯାହାକୁ ପ୍ରସ୍ତୁତ କରିବା ଖୁବ ସହଜ ।

ଆବଶ୍ୟକୀୟ ସାମଗ୍ରୀ: ୧କପ ଗଜାମୁଗ, ୧ଚାମଚ ତେଲ,ଅଧାଚାମଚ ସୋରିଷ,ଅଧା ଚାମଚ ଜିରା,ଭୃର୍ସୁଙ୍ଗ ପତ୍ର,୨ଟି କଟା ପିଆଜ,୧ଚାମଚ ଅଦା ରସୁଣ ପେଷ୍ଟ,ଅଧା ଚାମଚ ଲଙ୍କା ଗୁଣ୍ଡ,ଏକ ଚୁଟକି ହଳଦୀ ଗୁଣ୍ଡ,୧ଚାମଚ ଧନିଆ ଜିରାଗୁଣ୍ଡ,ଚାଟ ମସଲା,ଗୋଟିଏ କଟା ଟମାଟୋ,ଦହି,ଲୁଣ ସ୍ୱାଦ ଅନୁସାରେ,କଟା ଧନିଆ ।

ପ୍ରସ୍ତୁତି ପ୍ରଣାଳୀ: କଡାଇରେ ତେଲ ଗରମ କରି ଜିରା ସୋରିଷ ଫୁଟାନ୍ତୁ । ଏବେ ଏଥିରେ କଞ୍ଚାଲଙ୍କା ଏବଂ ଭୃର୍ସୁଙ୍ଗ ପତ୍ର ପକାନ୍ତୁ । ଏବେ ଏଥିରେ ଅଦା ରସୁଣ ପେଷ୍ଟ, ଲଙ୍କା ଗୁଣ୍ଡ, ଧନିଆ ଜିରାଗୁଣ୍ଡ, ହଳଦୀ ଗୁଣ୍ଡ ପକାନ୍ତୁ ।ଏହା ଉପରେ କଟା ଟମାଟୋ ପକାନ୍ତୁ। ମସଲା ଭଲ ଭାବେ କଷି ହେଲା ପରେ ଏଥିରେ ଗଜା ମୁଗ ପକାଇ ସିଝିବା ପାଇଁ ଅଳ୍ପ ପାଣି ଓ ଲୁଣ ଦିଅନ୍ତୁ। ୪ରୁ ୫ମିନିଟ ସିଝାଇବା ପରେ ଅଳ୍ପ ଚାଟ ମସଲା ପକାଇ ଗ୍ୟାସ ବନ୍ଦ କରନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା। ଆପଣଙ୍କ ଗଜାମୁଗ ଚାଟ । ଏବେ ଏକ ପାତ୍ରକୁ କାଢି ତା ଉପରେ ଦହି ପକାନ୍ତୁ। କଟା ପିଆଜ,ଟମାଟୋ ଓ କଟା ଧନିଆ ପକାଇ ସଜାଇ ଦିଅନ୍ତୁ।ଏବେ ଗରମା ଗରମା ଖାଆନ୍ତୁ ଓ ଖୁଆନ୍ତୁ ।



## ଖବର

# ଓଡ଼ିଆ ଚଳଚ୍ଚିତ୍ର ରଙ୍ଗଶୁରକୁ ଅନ୍ତର୍ଜାତୀୟ ସ୍ତରରେ ବିତରଣ କରିବ ସୋନୀ ପିକ୍‌ଚର୍ସ



ପ୍ରଥମଥର ପାଇଁ ସୋନୀ ପିକ୍‌ଚର୍ସ ଓଡ଼ିଆ ଫିଲ୍ମ ରଙ୍ଗଶୁରକୁ ଅନ୍ତର୍ଜାତୀୟ ସ୍ତରରେ ବିତରଣ କରିବା ପାଇଁ ଚୁକ୍ତି କରିଥିବା ନେଇ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଫିଲ୍ମ ନିର୍ମାତା । ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରଯୋଜକ ସଚ୍ଚିକାନ୍ତ ଜେନା, ନିର୍ଦ୍ଦେଶକ ପ୍ରତାପ ରାଉତ, ଅଭିନେତା ସମରେଶ ରାଉତରାୟ, ଅଭିନେତ୍ରୀ ସ୍ୱର୍ଯ୍ୟମୟୀ ମହାପାତ୍ର, ନୈନା ରାଓ୍ୱତ, ପ୍ରଣୟ ଜେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

ପୂର୍ବରୁ ଅନେକ ଓଡ଼ିଆ ଚଳଚ୍ଚିତ୍ର ପାନ୍ ଇଣ୍ଡିଆରେ ସ୍ଥାନ ପାଇଥିବା ବେଳେ ରଙ୍ଗଶୁରକୁ ଅନ୍ତର୍ଜାତୀୟସ୍ତରରେ ବିତରଣ ଦାୟିତ୍ୱ ସୋନୀ ପିକ୍‌ଚର୍ସ ନେବା ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରି ପାଇଁ ଗର୍ବ ଓ ଗୌରବର ବିଷୟ ।ଏହି ଅବସରରେ ଆଜି ଓଡିଶାରେ ସମୁଦାୟ ୬୦ଟି ପ୍ରେକ୍ଷାଳୟରେ ମୁକ୍ତିଲାଭ କରୁଥିବା ବେଳେ ବାଙ୍ଗାଲୋର, ହାଇଦ୍ରାବାଦ, ଦିଲ୍ଲୀ, ମୁମ୍ବାଇ, ପୁନେ, ସୁରଟ, ରାୟଗଡ଼ ଏବଂ ଚେନ୍ନାଇରେ ମୁକ୍ତିଲାଭ କରିବ ।ପ୍ରକାଶ ଫିଲ୍ମ ଏବଂ ମୁନ୍ ଟିଭି ମୁଭିଜ୍ ର ମିଳିତ ପ୍ରଯୋଜନାରେ ନିର୍ମିତ ହୋଇଥିବା ନୂଆ ଓଡ଼ିଆ ଫିଲ୍ମ ରଙ୍ଗଶୁର ଆଜି ମୁକ୍ତିଲାଭ କରିବ । ରଙ୍ଗଶୁରର ପ୍ରଚାର ଓ ପ୍ରସାର ଏକ ନିଆରା ଢଙ୍ଗରେ ପାରମ୍ପରିକ ବାଘ ନାଚ ମାଧ୍ୟମରେ ବିଭିନ୍ନ ସ୍ଥାନରେ ପ୍ରଚାର ଓ ପ୍ରସାର ହୋଇଛି । ଏକାମ୍ର ଉତ୍ସବ, ମାଉସୀ ମା' ମନ୍ଦିର ଭଳି ଜନଗହଳିପୂର୍ଣ୍ଣ ସ୍ଥାନ ମାନଙ୍କରେ ବାଘ ନାଚ ଶିଳ୍ପୀଙ୍କୁ ନେଇ ପ୍ରଯୋଜକ, ନିର୍ଦ୍ଦେଶକ ତଥା ଅଭିନେତା ଓ ଅଭିନେତ୍ରୀମାନେ ଜୋରଦାର ପ୍ରଚାର କରିଥିଲେ । ଦର୍ଶକମାନେ ମଧ୍ୟ ବହୁ ମାତ୍ରାରେ ଆକୃଷ୍ଟ ହେଉଛନ୍ତି ଏବଂ ଫିଲ୍ମ ରିଲିଜ୍ ହେଲେ ସିନେମା ହଲରେ ଦେଖିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି ।ବାଘ ନାଚ ଆମ ରାଜ୍ୟ ମାଟିର ନୃତ୍ୟ । ବିଲୁପ୍ତ ହେବାକୁ ଯାଉଥିବା ଏହି ବାଘ ନାଚ ଆମ ମାଟିର ବୀରତ୍ୱର ନାଚ । ଦିନେ ରାଜାମାନଙ୍କୁ ଏହି ବାଘ ନାଚ ସାହସ ଯୋଗାଉଥିଲା । ସନ୍ୟସାମନ୍ତଙ୍କୁ ନେଇ ଯୁଦ୍ଧକ୍ଷେତ୍ରକୁ ଯିବା ବେଳେ ଏହି ବାଘ ନାଚ ଉତ୍ସାହିତ କରୁଥିଲା ।ଯ ଏଇ ଭଳି ପରିକଳ୍ପନାକୁ ନେଇ ପୂର୍ବରୁ ଆମ ଓଡ଼ିଆ ସିନେ ଜଗତରେ କୌଣସି ସିନେମା ନିର୍ମାଣ ହୋଇନାହିଁ ତେଣୁ ଏହାର ପ୍ରଚାର ଓ ପ୍ରସାର ଦେଖି ସିନେପ୍ରେମୀଙ୍କ ମନରେ ଏକ ପ୍ରକାର ଉତ୍ସାହ ରହିଛି । ଏହି ବାଘ ନୃତ୍ୟ କେବଳ ବୀରତ୍ୱର ନାଚ ତାହା ନୁହେଁ ବରଂ ନାରୀ ସଶକ୍ତିକରଣଠୁ ନେଇ ଜଙ୍ଗଲ ବଞ୍ଚାଅ ଅଭିଯାନର ବାର୍ତ୍ତା ବହନ କରୁଛି ।ରଙ୍ଗଶୁର ଚଳଚ୍ଚିତ୍ରକୁ ନିର୍ଦ୍ଦେଶନା ଦେଇଛନ୍ତି ବହୁ ଅଭିଜ୍ଞ ଟେକ୍ନିସିଆନ ପ୍ରତାପ ରାଉତ। ସଚ୍ଚିକାନ୍ତ ଜେନା, ପ୍ରଶାନ୍ତ ବେହେରା ଏହାର ପ୍ରଯୋଜନା କରିଛନ୍ତି । ସୁନୀଲ ଯାଦବ ଏବଂ ପ୍ରତାପ ରାଉତ ସହ-ପ୍ରଯୋଜନା କରିଛନ୍ତି । ଅଭିନତା ଚୌଧୁରୀ ବିକାଶ ଦାସ, ଚୌଧୁରୀ ଜୟପ୍ରକାଶ ଦାସ, ସମରେଶ ରାଉତରାୟ, ଦୀପନ୍ୱିତ ଦାସ ମହାପାତ୍ର, ଶୁଭାଶିଷ ଶର୍ମା, ଜ୍ୟୋତି ନାୟକ, ସୂର୍ଯ୍ୟମୟୀ ମହାପାତ୍ର ଏବଂ ଶୁଭଶ୍ରୀ ଜେନା ପ୍ରମୁଖ ବହୁ ଅଭିଜ୍ଞ କଳାକାର ରଙ୍ଗଶୁର ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି। ଚଳଚ୍ଚିତ୍ରର କ୍ରିଏଟିଭ ହେଡ୍ ଅଛନ୍ତି ପ୍ରଣୟ ଜେଠୀ, ସଂଳାପ ରଚନା କରିଛନ୍ତି ଡଃ ରଜନୀ ରଞ୍ଜନ । ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଗୌରବ ଆନନ୍ଦ ଏବଂ ବାନି। ପ୍ରଚାର ଓ ପ୍ରସାରରେ ଅଛନ୍ତି ଓଲିଉଡ୍ କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀ ଏବଂ ସମ୍ବିତ ଜେନା ।

# ପଞ୍ଚଦେବତାଙ୍କୁ ପୂଜା କରାଯାଏ କାହିଁକି ?



ଶାସ୍ତ୍ର ଅନୁସାରେ ପାଞ୍ଚ ଜଣଙ୍କୁ ପ୍ରମୁଖ ଦେବତା ଭାବେ ବିଚାର କରାଯାଇଛି। ତେଣୁ ଯେକୌଣସି ଶୁଭ କାର୍ଯ୍ୟର ପ୍ରାରମ୍ଭରେ ସେମାନଙ୍କୁ ପୂଜା କରିବା ଅନିବାର୍ଯ୍ୟ ବୋଲି ପରମ୍ପରା ରହିଛି। ତେବେ ଏହି ପଞ୍ଚଦେବଙ୍କୁ ବିଧିବଧ ଭାବେ ପୂଜା କଲେ ସମସ୍ତ କାର୍ଯ୍ୟ ନିର୍ବିଘ୍ନ ପୂର୍ଣ୍ଣ ହୋଇଥାଏ। ଏହି ପଞ୍ଚ ଦେବଙ୍କ ମଧ୍ୟରେ ଅଛନ୍ତି, ଶ୍ରୀଗଣେଶ, ଶ୍ରୀବିଷ୍ଣୁ, ଶ୍ରୀଶିବ, ଶ୍ରୀସୂର୍ଯ୍ୟ ଏବଂ ଦେବୀ ମାତା। ଆହୁରି ଆମ ଶରୀର ପଞ୍ଚ ମହାଭୂତରେ ଗଠିତ। ତେଣୁ ସେହି ପଞ୍ଚତତ୍ତ୍ୱରେ ଏହି ପାଞ୍ଚ ଦେବାଦେବୀ ବାସ କରନ୍ତି ବୋଲି ବି ବିଶ୍ୱାସ କରାଯାଏ। ଗଣେଶଙ୍କୁ ଜଳ ତତ୍ତ୍ୱ, ବିଷ୍ଣୁଙ୍କୁ ବାୟୁ ତତ୍ତ୍ୱ, ଶିବଙ୍କୁ ପୃଥ୍ୱୀ ତତ୍ତ୍ୱ, ସୂର୍ଯ୍ୟଙ୍କୁ ଆକାଶ ତତ୍ତ୍ୱ ଏବଂ ଦେବୀଙ୍କୁ ଅଗ୍ନି ତତ୍ତ୍ୱ ବୋଲି ବିଚାର କରାଯାଏ। ଆମ ଜୀବନ ପାଇଁ ସର୍ବପ୍ରଥମେ ଜଳର ଆବଶ୍ୟକତା ରହିଛି। ଏଣୁ ଶ୍ରୀଗଣେଶଙ୍କୁ ପ୍ରଥମେ ପୂଜା କରାଯାଏ। ଏହିପରି ଭାବେ ଏସମସ୍ତ ଦେବାଦେବୀଙ୍କୁ ପଞ୍ଚଦେବତା ଭାବେ ନିତ୍ୟେ ପୂଜା କରାଯାଇଥାଏ। ଯେହେତୁ ଆମ ଶରୀରରେ ପଞ୍ଚ ତତ୍ତ୍ୱ ବିଦ୍ୟମାନ ତେଣୁ ପଞ୍ଚ ଦେବତା ମଧ୍ୟ ସେହି ଅନୁସାରେ ବିଦ୍ୟମାନ ଅଟନ୍ତି। ପଞ୍ଚ ଦେବାତଙ୍କୁ ପୂଜା କରିବା ଅର୍ଥ ନିଜେ ନିଜକୁ ପୂଜା କରିବା ସହ ସମାନ ବୋଲି ବିଚାର କରାଯାଏ।

# ବିବେକରୂପୀ ଜ୍ଞାନ ଦୂରକରେ ହୃଦୟର ଅନ୍ଧକାର



ଭଗବାନ ଶ୍ରୀରାମ ବେଳେ ବେଳେ ଗୁରୁ ବଶିଷ୍ଠଙ୍କ ଆଶ୍ରମକୁ ଯାଇ ତାଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରୁଥିଲେ। ଦିନେ ସତ୍‌ପୁରୁଷଙ୍କ ସହ ସତ୍‌ସଙ୍ଗ କରିବାର ମହତ୍ତ୍ୱ ବିଷୟରେ ଶ୍ରୀରାମ ପଚାରିଲେ । ତାଙ୍କୁ ବୁଝାଇବାକୁ ଯାଇ ଗୁରୁ ବଶିଷ୍ଠ କହିଲେ, ଯେପରି ଦୀପ ଅନ୍ଧାରକୁ ନଷ୍ଟ କରିଥାଏ, ସେହିପରି ବିବେକ ଜ୍ଞାନ ସମ୍ପନ୍ନ ମହାପୁରୁଷ ହୃଦୟରେ ଥିବା ଆନନ୍ଦରୂପୀ ଅନ୍ଧକାରକୁ ହଟାଇବା ଲାଗି ସମର୍ଥ ହୋଇଥାଏ । ସେଥିପାଇଁ ସମସ୍ତ ଧର୍ମଗ୍ରନ୍ଥରେ ପ୍ରତିଦିନ ସତ୍‌ସଙ୍ଗ ଏବଂ ଶାସ୍ତ୍ର ବ୍ୟାଖ୍ୟାନ କରିବା ପାଇଁ ପରାମର୍ଶ ଦିଆଯାଇଛି । ମହର୍ଷି ବଶିଷ୍ଠ ଆହୁରି କହିଥିଲେ ଯେ ବିବେକୀ ମହାପୁରୁଷମାନେ ଇନ୍ଦ୍ରିୟ ଅନୁଗ୍ରାହୀ ହୋଇଥାନ୍ତି, ବୈରାଗୀ ତଥା ପ୍ରତିକ୍ଷଣରେ ବ୍ରହ୍ମ ଚିନ୍ତନ କରିଥାନ୍ତି । ଏଭଳି ମହାପୁରୁଷଙ୍କ ଠାରେ ତମୋଗୁଣର ଅଭାବ ରହିଥାଏ, ରଜୋଗୁଣ ଠାରୁ ଏମାନେ ଦୂରରେ ରହିଥାନ୍ତି । ଏମାନଙ୍କ ହୃଦୟରେ ସଂସାର ପ୍ରତି ବୈରାଗ୍ୟ ସୁଦୃଢ଼ ଥାଏ । ପୁଣ୍ୟ ବଳରେ ଏଭଳି ସତ୍‌ପୁରୁଷଙ୍କ ସାନ୍ନିଧ ମିଳିବା ସମ୍ଭବ । ଆନନ୍ଦ ସ୍ୱରୂପ ଆତ୍ମାର ଅନୁଭୂତି ହେବା ଦ୍ୱାରା ସାଧକ ଧନ-ସମ୍ପତ୍ତି, ଭୋଗ-ବୈଭବ ତ୍ୟାଗ କରିବା ଲାଗି ସର୍ବଦା ତତ୍ପର ରହିଥାଏ । ଏଥର ଶ୍ରୀରାମ ପଚାରିଲେ, ଗୁରୁବର, ଏଭଳି ମହାପୁରୁଷଙ୍କ ସର୍ବୋତ୍କୃଷ୍ଟ ଗୁଣ କ'ଣ ? ବଶିଷ୍ଠ କହିଲେ, ସେହି ଗୁଣର ନାମ ହେଉଛି ବିବେକ । ବିବେକ ଅଧିକାରୀ ପୁରୁଷର ହୃଦୟରୂପୀ ଗୁମ୍ଫା ଏଭଳି ହୋଇଥାଏ, ଯେପରି ନିର୍ମଳ ଆକାଶରେ ଚନ୍ଦ୍ର । ବିବେକ ହିଁ ଅଜ୍ଞାନୀ ଜୀବକୁ ଜ୍ଞାନ ପ୍ରଦାନ କରିଥାଏ । ଜ୍ଞାନସ୍ୱରୂପ ଆତ୍ମା ହିଁ ପରମେଶ୍ୱର । ଜ୍ଞାନରୂପୀ ସୂର୍ଯ୍ୟ ଉଦୟ ହେବା ମାତ୍ରେ ସଂସାର ରୂପୀ ରାତ୍ରୀ ବିତିଯାଇ ମନରେ ଥିବା ପିଶାଚ ନଷ୍ଟ ହୋଇଯାଇଥାଏ ।

# ନିୟମିତ ଅଣ୍ଟା ଯନ୍ତ୍ରଣା ଲାଗି ରହୁଥିଲେ



ସୁସ୍ଥ ରହିବା ପାଇଁ ଶରୀରକୁ ପୋଷକ ତ□ର ଆବଶ୍ୟକତା ରହିଛି। ଭିଟାମିନ୍, ମିନେରାଲ୍ସ, ପ୍ରୋଟିନ୍, କାର୍ବୋହାଇଡ୍ରେଟ ସହ ଅନ୍ୟାନ୍ୟ ପୋଷକ ତ□ ରହିଛି। କ୍ୟାଲସିୟମ ବିଶେଷ କରି ହାଡ ଓ ଦାନ୍ତକୁ ସୁସ୍ଥ ରଖିବା ପାଇଁ ମହ□ପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଶରୀରରେ କ୍ୟାଲସିୟମ ଅଭାବ କାରଣରୁ ଅନେକ ସ୍ୱାସ୍ଥ୍ୟ ଜନିତ ସମସ୍ୟା ସୃଷ୍ଟି ହୋଇଥାଏ। ଶରୀରରେ ବିଭିନ୍ନ ସ୍ଥାନରେ ଯନ୍ତ୍ରଣା ହେବା ସହ ହାଡ ଦର୍ବୁଳ ହେବାକୁ ଆରମ୍ଭ କରିଥାଏ। ତେଣୁ ନିଜ ଖାଦ୍ୟରେ କ୍ୟାଲସିୟମ ଥିବା ଖାଦ୍ୟ ନିଶ୍ଚୟ ସାମିଲ କରନ୍ତୁ। ଜାଣନ୍ତୁ..

ସୁସ୍ଥ ରହିବା ପାଇଁ ନିଜ ଖାଦ୍ୟରେ ବାଦାମ ନିଶ୍ଚୟ ସାମିଲ କରନ୍ତୁ। ଏଥିରେ କ୍ୟାଲସିୟମ ପର୍ଯ୍ୟାପ୍ତ ମାତ୍ରାରେ ରହିଛି। ଏହା ବ୍ୟତୀତ ବାଦାମରେ ଭିଟାମିନ୍ ଇ, ମାଗ୍ନେସିୟମ, ଫାଇବର ଓ ପ୍ରୋଟିନ ମାତ୍ରା ମଧ୍ୟ ରହିଛି। ନିର୍ଦ୍ଦିଷ୍ଟ ପରିମାଣରେ ବାଦାମ ସେବନ କରିବା ଦ୍ୱାରା ହାଡ ସୁସ୍ଥ ରହିବା ସହ ମଜଭୂତ ହୋଇଥାଏ। ଏହା ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବୃଦ୍ଧି କରିଥାଏ। ଶରୀରକୁ ଅନେକ ରୋଗରୁ ମଧ୍ୟ ରକ୍ଷା କରିଥାଏ।

ନିୟମିତ ଦହି ଖାଇବା ଦ୍ୱାରା କ୍ୟାଲସିୟମର ଅଭାବ ପୂରଣ ହୋଇଥାଏ। ଏହା ହାଡକୁ ମଜଭୂତ ରଖିବା ସହ ପେଟ ଜନିତ ଅନେକ ସମସ୍ୟାକୁ ଦୂର କରିଥାଏ। ଏଥିରେ ପ୍ରୋଟିନ୍, କ୍ୟାଲସିୟମ, ଭିଟାମିନ ବି୬, ଭିଟାମିନ ବି୧୨ ଭଳି ପୋଷକ ତ□ ରହିଛି। ଏହା ଆପଣଙ୍କୁ ସୁସ୍ଥ ରହିବାରେ ସହାୟକ ହୋଇଥାଏ।

ଯେଉଁମାନେ କ୍ଷୀର ପିଇବାକୁ ପସନ୍ଦ କରନ୍ତି ନାହିଁ,ସେମାନେ କ୍ୟାଲସିୟମର ଅଭାବ ପୂରଣ ପାଇଁ ସୋୟା ମିଲ୍କ ସେବନ କରି ପାରିବେ। ଏଥିରେ କ୍ୟାଲସିୟମ, ପ୍ରୋଟିନ୍ ଓ ଫାଇବର ପର୍ଯ୍ୟାପ୍ତ ପରିମାଣରେ ରହିଛି। ଏହା ହିମୋଗ୍ଲୋବିନ୍ ସ୍ତରକୁ ବୃଦ୍ଧି କରିବାରେ ସହାୟକ ହୋଇଥାଏ।

ସବୁଜ ପନିପରିବା ଓ ବିଭିନ୍ନ ପ୍ରକାର ଶାଗ ପୋଷକ ତ□ରେ ଭରପୁର। ଏସବୁରେ କ୍ୟାଲସିୟମ, ପୋଟାସିୟମ, ଆଇରନ ଓ ଭିଟାମିନ୍ ସି ପ୍ରଚୁର ପରିମାଣରେ ରହିଛି। ଶରୀରରେ କ୍ୟାଲସିୟମର ଅଭାବ ପୂରଣ ପାଇଁ ନିଜ ଖାଦ୍ୟରେ କଦଳୀ, ପାଳଙ୍ଗ ସହ ଅନ୍ୟାନ୍ୟ ପନିପରିବା ସାମିଲ କରନ୍ତୁ। ଏହା ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବା ସହ ହାଡ ଓ ମାଂସପେଶୀରେ ଅନୁଭବ ହେଉଥିବା ଯନ୍ତ୍ରଣା ଦୂର କରିଥାଏ।



# ଏହି ଅଭ୍ୟାସ କାରଣରୁ ଦୁର୍ବଳ ହୋଇଥାଏ ହାଡ

ସୁସ୍ଥ ରହିବା ପାଇଁ ପୁଷ୍ଟିଯୁକ୍ତ ଖାଦ୍ୟ ଖାଇବା ସହ ନିଜର କିଛି ନିତିଦିନିଆ ଅଭ୍ୟାସ ଉପରେ ଗୁରୁତ୍ୱ ଦେବା ନିତାନ୍ତ ଆବଶ୍ୟକ। ଶରୀରର ସମସ୍ତ ଅଙ୍ଗ ସଠିକ୍ ଭାବେ କାମ କରିବା ପାଇଁ ଦୈନନ୍ଦିନ କାର୍ଯ୍ୟକଳାପ ପ୍ରତି ଧ୍ୟାନ ଦେବା ଉଚିତ। ଅନେକ ସମୟରେ ଏପରି ହୋଇଥାଏ, କିଛି ଅଭ୍ୟାସ କାରଣରୁ ହାଡ ଦୁର୍ବଳ ହେବାକୁ ଲାଗିଥାଏ। ବିଶେଷ କରି ବୟସ ବଢିବା ସହ ଏହି ସମସ୍ୟା ଅଧିକ ଦେଖାଯାଏ। ମାତ୍ର ବର୍ତ୍ତମାନ ସମୟରେ ଏହା ଅଧିକାଂଶଙ୍କ ପାଇଁ ମୁଣ୍ଡ ବିନ୍ଧାର କାରଣ ପାଲଟିଛି। କିଛି ଖରାପ ଅଭ୍ୟାସ ହାଡ ଉପରେ ଅନେକ ପ୍ରଭାବ ପକାଇଥାଏ।



ସଠିକ୍ ଭାବେ ଖାଦ୍ୟ ସେବନ ନକରିବା,ଖରାପ ଜୀବନଶୈଳୀ କାରଣରୁ କମ୍ ବୟସରେ ମଧ୍ୟ ହାଡ ଜନିତ ସମସ୍ୟା ଦେଖାଯାଉଛି। ହାଡ ଦୁର୍ବଳ ହେବାକୁ ଆରମ୍ଭ କରୁଛି। ହାଡ ଗୁଡିକ ଦୁର୍ବଳ ହେବା ଦ୍ୱାରା ବିଭିନ୍ନ ପ୍ରକାର ରୋଗ ସୃଷ୍ଟି କରିଥାଏ। କିଛି ଅଭ୍ୟାସ କାରଣରୁ ଶରୀର କ୍ୟାଲସିୟମ ଓ ଭିଟାମିନ୍ ଡିର ଅଭାବ ହୋଇଥାଏ। ଜାଣନ୍ତୁ..

ଶରୀରର ହାଡ ଦୁର୍ବଳ ହେବାକୁ ଆରମ୍ଭ କଲେ,ପ୍ରଥମେ ନିଜ ଖାଦ୍ୟ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ। ଖାଦ୍ୟରେ କ୍ୟାଲସିୟମ ଓ ଭିଟାମିନ ଡି ଯୁକ୍ତ ଖାଦ୍ୟର ଅଭାବ ଥିଲେ ହାଡ ଦୁର୍ବଳ ହୋଇଯାଏ। ଜଙ୍କ୍ ଫୁଡ୍ ସ୍ୱାସ୍ଥ୍ୟ ଉପରେ ଅନେକ ପ୍ରଭାବ ପକାଇଥାଏ। ନିୟମିତ ଭାବେ ଏଭଳି ଖାଦ୍ୟର ସେବନ କରିବା ଦ୍ୱାରା କମ୍ ବୟସରେ ମଧ୍ୟ ହାଡ ଜନିତ ସମସ୍ୟା ସୃଷ୍ଟି ହୋଇଥାଏ। ତେଣୁ ନିୟମିତ କ୍ଷୀର ପିଅନ୍ତୁ। ଏହାଦ୍ୱାରା କ୍ୟାଲସିୟମ ଅଭାବ ପୂରଣ ହୋଇଥାଏ।

ଅଧିକାଂଶ କାର୍ଯ୍ୟାଳୟ ହେଉ ଅଥବା ଘରେ କାମ କରିବା କାରଣରୁ ଥକ୍କାପଣ ପାଇଁ ବ୍ୟାୟାମ ପ୍ରତି ଧ୍ୟାନ ଦେଇ ନଥାଆନ୍ତି। ଅଫିସରେ ଚେୟାରରେ ବସି ଘଣ୍ଟା ଘଣ୍ଟା କାମ କରିଥାଆନ୍ତି। ଏହାଦ୍ୱାରା ହାଡ ଦୁର୍ବଳ ହୋଇଥାଏ। ତେଣୁ ନିୟମିତ ଭାବେ ୩୦ ମିନିଟ୍ ଯାଏଁ ବ୍ୟାୟାମ କରନ୍ତୁ।

# ମହାକୁମ୍ଭ ମେଳା ପାଇଁ ଚାଲିଲା ୪ ଅତ୍ୟାଧୁନିକ ବସ୍



ଭୁବନେଶ୍ୱର,୧୨।୧ (ମହାଭାରତ): ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ମହାକୁମ୍ଭ ମେଳା ଅବସରରେ ଓଡିଶାର ୪ଟି ସ୍ଥାନରୁ ଶ୍ରଦ୍ଧାଳୁମାନଙ୍କ ପାଇଁ ୪ଟି ଅତ୍ୟାଧୁନିକ ବସ୍ ସେବାର ଶୁଭାରମ୍ଭ କରିଛନ୍ତି । ଓଡିଶା ରାଜ୍ୟ ପରିବହନ ନିଗମର ଏହି ୪ଟି ଅତ୍ୟାଧୁନିକ ପ୍ରିମିୟମ ବସ୍, ପୁରୀ, ସମ୍ବଲପୁର, ଭବାନୀପାଟଣା ଏବଂ ବ୍ରହ୍ମପୁରରୁ ବାହାରି ବାରଣାସୀ ଓ ପ୍ରୟାଗରାଜ ଦେଇ ଅଯୋଧ୍ୟା ପର୍ଯ୍ୟନ୍ତ ଚଳାଚଳ କରିବ ।

ଆଜି ଲୋକସେବା ଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଭର୍ଚୁଆଲ ମୋଡ୍ ରେ ପତାକା ଦେଖାଇ ଏହି ବସ୍ ଚଳାଚଳର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରଦ୍ଧାଳୁମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଏହି ତୀର୍ଥଯାତ୍ରାରେ ସେମାନେ ଅଶେଷ ପୁଣ୍ୟ ଲାଭ କରିବେ ବୋଲି ଆଶା ପ୍ରକାଶ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପ୍ରଥମ ପର୍ଯ୍ୟାୟରେ ୪ଟି ବସ୍ ର ଚଳାଚଳ କରାଯାଉଛି ଏବଂ ଆବଶ୍ୟକ ହେଲେ ଆହୁରି ଅଧିକ ବସ୍ ର ବ୍ୟବସ୍ଥା କରାଯିବ । ପ୍ରଥମ ଥର ପାଇଁ ୨୫୦୦ କିଲୋମିଟରରୁ ଅଧିକ ଲମ୍ବା ଯାତ୍ରାର ଶୁଭାରମ୍ଭ କରାଗଲା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବିଶ୍ୱପ୍ରସିଦ୍ଧ ମହାକୁମ୍ଭ ମେଳା ଉତ୍ତରପ୍ରଦେଶର ପ୍ରୟାଗରାଜଠାରେ ଚଳିତ ବର୍ଷ ପୌଷ ପୂର୍ଣ୍ଣିମାରୁ ମହାଶିବରାତ୍ରୀ (ଜାନୁଆରୀ ୧୩ ରୁ ଫେବୃଆରୀ ୨୬) ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି । ଏହି ଅବସରରେ ଦେଶର ବିଭିନ୍ନ ରାଜ୍ୟ ତଥା ବିଦେଶରୁ ମଧ୍ୟ ଲକ୍ଷ ଲକ୍ଷ ଭକ୍ତ, ଶ୍ରଦ୍ଧାଳୁ ଓ ସାଧୁସନ୍ଥଙ୍କ ପ୍ରୟୋଗରାଜକୁ ଆଗମନ ହୋଇଥାଏ । ଏହି ପରିପ୍ରେକ୍ଷୀରେ ଆମ ଓଡ଼ିଶାରୁ ମଧ୍ୟ ହଜାର ହଜାର ଶ୍ରଦ୍ଧାଳୁ ପ୍ରୟାଗରାଜ ଯାଉଛନ୍ତି । ସେଥିପାଇଁ ଏହି ବସ୍ ସୁବିଧା କରାଗଲା ବୋଲି ସେ କହିଥିଲେ । ଆଜି ପ୍ରଥମ ଦିନରେ ଓଡିଶାରୁ ୨୦୦ ଶ୍ରଦ୍ଧାଳୁ ମହାକୁମ୍ଭ ମେଳା ପାଇଁ ଯାତ୍ରା ଆରମ୍ଭ କରିଛନ୍ତି । ମହିଳା ଯାତ୍ରୀଙ୍କ ପାଇଁ ଟିକେଟ ମୂଲ୍ୟରେ ୫୦ ପ୍ରତିଶତ ରିହାତି ବ୍ୟବସ୍ଥା କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ବସ୍ ଗୁଡିକରେ ଯାତ୍ରୀମାନଙ୍କ ସୁରକ୍ଷା ପାଇଁ 'ଲାଇଭ୍ ଭେଇକିଲ୍ ଟ୍ରାକିଂ', ପ୍ୟାନିକ ବଟନ୍ ଏବଂ ଡ୍ରାଇଭର ଆସିଷ୍ଟାନ୍ସ ସିଷ୍ଟମ ରହିଛି । ଯାତ୍ରୀ ମାନଙ୍କ ଆରାମଦାୟକ ଯାତ୍ରା ପାଇଁ ସମସ୍ତ ସୁବିଧା କରାଯାଇଛି । ଏହା ସହିତ ମହାକୁମ୍ଭ ମେଳା ଯାତ୍ରୀ ମାନଙ୍କ ସୁବିଧା ପାଇଁ ୨୪ ଘଣ୍ଟିଆ ହେଲ୍ପ ଡେସ୍କ ମଧ୍ୟ ଖୋଲା ଯାଇଛି । ଯାତ୍ରୀମାନେ ୧୮୦୦ ୩୪୫ ୧୧୨୨ କୁ କଲ୍ କରିପାରିବେ କିମ୍ବା ୭୮୪୯୦ ୫୨୨୦୫ ନମ୍ବରରେ ହ୍ୱାଟସଆପ୍ ମାଧ୍ୟମରେ ହେଲ୍ପ ଡେସ୍କର ସୁବିଧା ନେଇପାରିବେ । ପ୍ରୟାଗରାଜରେ ମଧ୍ୟ ଯାତ୍ରୀମାନଙ୍କୁ ସହାୟତା ପ୍ରଦାନ କରିବା ପାଇଁ ଓଏସଆରଟିସିର କର୍ମଚାରୀମାନଙ୍କୁ ମଧ୍ୟ ଅବସ୍ଥାପିତ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ । ଏହି ଅବସରରେ ବ୍ରହ୍ମପୁରରେ ଉପସ୍ଥିତ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀ ବିଭୁତି ଭୂଷଣ ଜେନା ଯାତ୍ରୀମାନଙ୍କୁ ଶୁଭକାମନା ଜଣାଇ କହିଥିଲେ ଯେ, ସଡକ ପରିବହନ କ୍ଷେତ୍ରରେ ଅଧିକ ସୁରକ୍ଷା ପାଇଁ ରାଜ୍ୟ ସରକାର ଏକ ମାସ ବ୍ୟାପୀ ସଡକ ସୁରକ୍ଷା କାର୍ଯ୍ୟକ୍ରମ କରୁଛନ୍ତି । ଯାନ ଚଳାଚଳ ବେଳେ ସମସ୍ତେ ବାହନ ଚଳାଚଳର ନିୟମ ମାନି ସୁରକ୍ଷିତ ରହିବାକୁ ସେ ପରାମର୍ଶ ଦେଇଥିଲେ । ଏହି ଅବସରରେ ଭବାନୀପାଟଣାରେ ସାଂସଦ ଶ୍ରୀମତୀ ମାଳବିକା ଦେବୀ, ସମ୍ବଲପୁରରେ ବିଧାୟକ ଶ୍ରୀ ଜୟନାରାୟଣ ମିଶ୍ର, ପୁରୀଠାରେ ବ୍ରହ୍ମଗିରି ବିଧାୟିକା ଶ୍ରୀମତୀ ଉପାସନା ମହାପାତ୍ର ଏବଂ ଲୋକସେବା ଭବନରେ ଏକାମ୍ର ବିଧାୟକ ଶ୍ରୀ ବାବୁ ସିଂ, ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢୀ, ପରିବହନ କମିଶନର ଶ୍ରୀ ଅମିତାଭ ଠାକୁର ଏବଂ ଓଏସଆରଟିସିର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଦୀପ୍ତେଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଓଡିଏମ୍‌ର ବାର୍ଷିକ ଉତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର,୧୨।୧ (ମହାଭାରତ): ପଟିଆସ୍ଥିତ ଓଡିଏମ୍ ପବ୍ଲିକ୍ ସ୍କୁଲର ୩୫ତମ ବାର୍ଷିକ ଉତ୍ସବ 'ମାତୃତ୍ୱ-୨୦୨୫' ବିଦ୍ୟାଳୟ ପରିସରରେ ଏକ ଭବ୍ୟ ସମାରୋହରେ ଉଦ୍‌ଯାପିତ ହୋଇଯାଇଛି । ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ଡ. ସତ୍ୟବ୍ରତ ମୀନକେତନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଭାରତୀୟ ଜନତା ପାର୍ଟି ଓଡିଶା ଶାଖାର ଉପ-ସଭାପତି ଗୋଲୋକ ମହାପାତ୍ର ଏବଂ ରେଭେନ୍ସା ବିଶ୍ୱବିଦ୍ୟାଳୟର କୁଳପତି ତଥା ଭାରତ ସରକାରଙ୍କ ପଲିମର ବିଜ୍ଞାନ ଏବଂ ଇଞ୍ଜିନିୟରିଙ୍ଗ୍ (ସିପେଟ୍)ର ଅନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଥିବା ପୂର୍ବତନ ମହା-ନିର୍ଦ୍ଦେଶକ ପ୍ରଫେସର ଡ. ସଞ୍ଜୟ କୁମାର ନାୟକ ଯୋଗ ଦେଇଥିଲେ । ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ତାଙ୍କ ବକ୍ତବ୍ୟରେ ବିଭିନ୍ନ କ୍ଷେତ୍ରରେ ବିଦ୍ୟାର୍ଥୀମାନଙ୍କ କୃତିତ୍ୱକୁ ଭୂୟସୀ ପ୍ରଶଂସା କରିବା ସହ ଶ୍ରେଷ୍ଠ ଶିକ୍ଷା, ପ୍ରଶିକ୍ଷଣ ଓ ବିଚାରଧାରା ହିଁ ଉତ୍ତମ ସ୍ୱପ୍ନକୁ ଜନ୍ମ ଦିଏ, ତେଣୁ ଆତ୍ମବିଶ୍ୱାସ ସହ ନିରନ୍ତର ଚେଷ୍ଟା ଜାରି ରଖିଲେ ଶିକ୍ଷାର୍ଥୀ ସଫଳତାର ଶୀର୍ଷ ସ୍ଥାନରେ ପହଞ୍ଚିପାରିବେ ବୋଲି ମତବ୍ୟକ୍ତ କରିବା ସହ ଶିକ୍ଷକ-ଶିକ୍ଷୟିତ୍ରୀମାନେ ନୂଆ ସମାଜ ଗଠନରେ ଛାତ୍ର-ଛାତ୍ରୀମାନଙ୍କୁ ଉଚିତ୍ ମାର୍ଗ ଦର୍ଶନ କରନ୍ତୁ ବୋଲି ପ୍ରେରଣା ପ୍ରଦାନ କରିଥିଲେ । ସମ୍ବର୍ଦ୍ଧିତ ଅତିଥି ଶ୍ରୀଯୁକ୍ତ ମହାପାତ୍ର ତାଙ୍କ ଅଭିଭାଷଣରେ ଛାତ୍ର-ଛାତ୍ରୀମାନଙ୍କୁ ଶୃଙ୍ଖଳିତ ଓ ଚରିତ୍ରବାନ ହେବାକୁ ଦିଗ୍‌ଦର୍ଶନ ଦେଇଥିଲେ । ସମ୍ମାନିତ ଅତିଥି ଡ. ନାୟକ ତାଙ୍କ ବକ୍ତବ୍ୟରେ ସେବା, ସମର୍ପଣ, ସଂସ୍କାର ବିଦ୍ୟାର୍ଥୀମାନଙ୍କର ଜୀବନର ବ୍ରତ ହେଉ ବୋଲି ଉଦ୍‌ବୋଧନ ଦେଇଥିଲେ । ପ୍ରତିଷ୍ଠାତା ଡ. ମୀନକେତନ ପିତାମାତାଙ୍କ ଉପଦେଶକୁ ଚିନ୍ତନ ଓ ମନନ କରିବା ପାଇଁ ଛାତ୍ର-ଛାତ୍ରୀମାନଙ୍କୁ ମାର୍ଗଦର୍ଶନ କରିଥିଲେ ।

# ପୁରୀ, କଟକ ଓ ଭୁବନେଶ୍ୱରକୁ ନେଇ ହେବ ଟ୍ରାଇ ସିଟି



ଭୁବନେଶ୍ୱର,୧୨।୧ (ମହାଭାରତ): ରାଜ୍ୟରେ ଗଠନ ହେବ 'ଟ୍ରାଇ ସିଟି' । ପୁରୀ, କଟକ ଓ ଭୁବନେଶ୍ୱରକୁ ନେଇ ଟ୍ରାଇ ସିଟି ଗଠନ କରାଯିବ । ସେହିଭଳି ସହରାଞ୍ଚଳରେ ଟ୍ରାଫିକ ସମସ୍ୟା ଦୂର ପାଇଁ ନିର୍ମାଣ ହେବ ଅଧିକ ନୂଆ । ରିଂ ରୋଡ୍ ଏବଂ ଓଭର ବ୍ରିଜ । ଏନେଇ ସୂଚନା ଦେଇଛନ୍ତି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର । ମନ୍ତ୍ରୀ କହିଛନ୍ତି ଯେ ଖୁବଶୀଘ୍ର ପୁରୀ, କଟକ ଓ ଭୁବନେଶ୍ୱରକୁ ଟ୍ରାଇ ସିଟି ମାନ୍ୟତା ପ୍ରଦାନ କରାଯିବ । ଅନ୍ୟପଟେ ସହର ବଢେଇବେ ସରକାର । ଟାଉନ ପ୍ଲାନିଂ ସ୍କିମ ଜରିଆ ।ରେ ସହରକୁ ବଢାଇବା ପାଇଁ ନିଷ୍ପତ୍ତି ହୋଇଛି । ଟିପି ସ୍କିମ ପାଇଁ ସ୍ୱତନ୍ତ୍ର ବିଭାଗ କରି ଦାୟିତ୍ୱ ଦିଆ ।ଯିବ । ଟାଇମ ପିରିୟଡ୍ ବି ଫିକ୍ସ ହେବ । ସେହିପରି ପ୍ଲାନିଂ ପାଇଁ ସ୍ୱତନ୍ତ୍ର ଅଫିସ ମଧ୍ୟ ଖୋଲାଯିବ ବୋଲି ମନ୍ତ୍ରୀ କହିଛନ୍ତି । ସହରାଞ୍ଚଳରେ କୌଣସି ଅନପ୍ଲାନଡ୍ କାମ ହେବନି । କଟକ, ବ୍ରହ୍ମପୁର, ରାଉରକେଲାରେ ଅନେକ ଟିପି ସ୍କିମ କରିବାକୁ ଯାଉଛନ୍ତି ସରକାର । ଏନେଇ ସୂଚନା ଦେଇ ନଗର ଉନ୍ନୟନ ମନ୍ତ୍ରୀ କହିଛନ୍ତି ଯେ ଭୁବନେଶ୍ୱର ହେଉଛି ଏକ ପ୍ଲାନଡ୍ ସିଟି । ତେଣୁ କୌଣସି ଅନପ୍ଲାନଡ୍ କାର୍ଯ୍ୟ କରାଯିବ ନାହିଁ । ନୀତି ନିୟମ ଭିତରେ ସହରର କଳେବର ବୃଦ୍ଧି ପାଇଁ ଯୋଜନା କରାଯାଉଛି । କେବଳ ଭୁବନେଶ୍ୱର ନୁହେଁ, ରାଜ୍ୟର ସମସ୍ତ ସହରାଞ୍ଚଳରେ ଟାଉନ ପ୍ଲାନିଂ ସ୍କିମ କରାଯିବ ପାଇଁ ନିଷ୍ପତ୍ତି ହୋଇଛି । ଏଥିପାଇଁ ଅଧିକ ଟାଉନ ପ୍ଲାନିଂ କାର୍ଯ୍ୟାଳୟ ଓ ମାନବ ସମ୍ବଳ ରଖାଯିବ ।

ସେହିଭଳି ଭୁବନେଶ୍ୱର ଟ୍ରାଫିକ ସମସ୍ୟାକୁ ଗୁରୁତ୍ୱର ସହ ନେଇଛନ୍ତି ସରକାର । ସହରାଞ୍ଚଳ ଟ୍ରାଫିକ ସମସ୍ୟା ଦୂର ପାଇଁ ନିର୍ମାଣ ହେବ ଅଧିକ ନୂଆ । ଓଭରବ୍ରିଜ । ରାଜ୍ୟ ସରକାର ଏଥିପାଇଁ ପ୍ରାରମ୍ଭିକ ଯୋଜନା ଆ ।ରମ୍ଭ କରିଛନ୍ତି ବୋଲି ସୂଚନା ଦେଇଛନ୍ତି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର । ବିଭିନ୍ନ ସ୍ଥାନରେ ରିଂ ରୋଡ୍ ଏବଂ ଓଭର ବ୍ରିଜ କିପରି ଓ କେମିତି ନିର୍ମାଣ କରାଯାଇପାରିବ ସେନେଇ ମୁଖ୍ୟମନ୍ତ୍ରୀ ଦୁଇ ଥର ବୈଠକ କରି ଆ ।ଲୋଚନା କରିଛନ୍ତି । ତୁରନ୍ତ ପ୍ଲାନ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ବର୍ତ୍ତମାନ ଦେଖାଯାଉଥିବା ଟ୍ରାଫିକ ଜାମକୁ ଦୂର ପାଇଁ ପବ୍ଲିକ ଟ୍ରାନ୍ସପୋର୍ଟ ସିଷ୍ଟମକୁ ଅଧିକ ବଢ଼ାଯାଉଛି । ଏଥିପାଇଁ ଡବଲ ଡେକର ବସ ସେବା ଆ ।ରମ୍ଭ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି ।

# କିଟ୍‌ରେ ରକ୍ତଦାନ ଶିବିର : ୩ ହଜାର ୟୁନିଟ୍ ରକ୍ତ ସଂଗ୍ରହ



ଭୁବନେଶ୍ୱର,୧୨।୧ (ମହାଭାରତ): କିଟ୍ ପକ୍ଷରୁ ଶନିବାର ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଆର୍ଟ ଅଫ୍ ଗିଭିଂର ଅନ୍ୟତମ ପ୍ରୟାସ ଭାବେ ଏହି ରକ୍ତଦାନ ଶିବରକୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଉଦ୍‌ଘାଟନ କରିଥିଲେ । ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରି ଶ୍ରୀ ସାମନ୍ତ କହିଲେ, କିଟ୍ ଓ କିସ୍ ପକ୍ଷରୁ ବାର୍ଷିକ ୬୦ ହଜାର ୟୁନିଟ୍ ରକ୍ତ ସଂଗ୍ରହ କରାଯିବାର ଲକ୍ଷ୍ୟ ରହିଛି । ଏଥିପାଇଁ କିଟ୍ ଓ କିସ୍ ପକ୍ଷରୁ ବର୍ଷ ତମାମ ଓଡ଼ିଶାର ୩୦ଟି ଜିଲ୍ଲାରେ ଏଭଳି ବିଶାଳ ରକ୍ତଦାନ ଶିବିର ଆୟୋଜନ କରାଯିବ ଓ ସଂଗୃହୀତ ରକ୍ତକୁ ରାଜ୍ୟର ବିଭିନ୍ନ ରକ୍ତଭଣ୍ଡାରକୁ ଯୋଗାଇ ଦେବାର ଲକ୍ଷ୍ୟ ରଖାଯାଇଛି । ସେଥିରୁ କେବଳ କିଟ୍ ଓ କିସ୍‌ର କର୍ମଚାରୀ ୬ହଜାର ୟୁନିଟ୍ ରକ୍ତଦାନ କରିବେ । କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, ଉପକୁଳପତି ପ୍ରଫେସର ଡା. ସିବିକେ ମହାନ୍ତି, କିମ୍ସ ମେଡିକାଲ କଲେଜ ଅଧ୍ୟକ୍ଷ ପ୍ରଫେସର ଆର ସି ଦାସ, କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, କିଟ୍ ଯୁଗ୍ମ କୁଳସଚିବ ଡା. ଶ୍ୟାମ ସୁନ୍ଦର ବେଉରା ଏବଂ କିମ୍ସ ମେଡ଼ିକାଲ୍ ଗ୍ରୁପ୍ ଡାଇରେକ୍ଟର ଦିଲ୍ଲୀପ ପଣ୍ଡାଙ୍କ ସମେତ କିଟ୍ ଓ କିମ୍ସର ବହୁ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ । ଏହି ରକ୍ତଦାନ ଶିବିରରେ କିମ୍‌ସ ସମେତ ଏସସିବି ମେଡ଼ିକାଲ୍ କଲେଜ ହସ୍ପିଟାଲ ରକ୍ତ ଭଣ୍ଡାର, କ୍ୟାପିଟାଲ୍ ହସ୍ପିଟାଲ୍ ରକ୍ତଭଣ୍ଡାର, କଟକସ୍ଥିତ ସେଣ୍ଟ୍ରାଲ ରେଡ଼କ୍ରସ ବ୍ଲଡ୍ ବ୍ୟାଙ୍କ, ଭୁବନେଶ୍ୱର ବିଏମ୍‌ସି ହସ୍‌ପିଟାଲ୍, ଭୁବନେଶ୍ୱରସ୍ଥିତ ଭାରତୀୟ ରେଡକ୍ରସ୍ ସୋସାଇଟି ଓଡ଼ିଶା ରାଜ୍ୟ ଶାଖା, ଢେଙ୍କାନାଳ, ପୁରୀ, ଖୋର୍ଦ୍ଧା ଓ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାରର ଦଳ ଯୋଗଦେଇ ରକ୍ତ ସଂଗ୍ରହ କରିଥିଲେ । ଏହି ରକ୍ତଦାନ ଶିବିର ଶନିବାର ସକାଳୁ ଆରମ୍ଭ ହୋଇ ଅପରାହ୍ନ ପର୍ଯ୍ୟନ୍ତ ଚାଲିଥିଲା । ଏଥିରେ କିଟ୍ ଅନୁଷ୍ଠାନ ସମୂହ ଓ କିସ୍‌ର ପ୍ରାୟ ୩ହଜାର ଛାତ୍ରଛାତ୍ରୀ ଓ କର୍ମଚାରୀ ସ୍ୱେଚ୍ଛାକୃତ ଭାବେ ରକ୍ତ ଦାନ କରିଥିଲେ । ଗୋଟିଏ ଦିନରେ ରେକର୍ଡ ସଂଖ୍ୟକ ରକ୍ତଦାନ ହୋଇପାରିଛି । ସ୍ୱେଚ୍ଛାକୃତ ରକ୍ତଦାନକାରୀମାନେ ଯେପରି ଶୃଙ୍ଖଳିତର ସହ ରକ୍ତଦାନ କରିପାରିବେ ସେଥିପାଇଁ କିମ୍ସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା ।

# ମେଟାହ୍ୟୁରିଷ୍ଟିକ୍ସ ଇନ୍ ଇନିୟରିଂ ଆଣ୍ଡ ଇଟ୍‌ସ ଆପ୍ଲିକେସନ୍ସ'




ଭୁବନେଶ୍ୱର,୧୨।୧ (ମହାଭାରତ): ମେଟାହ୍ୟୁରିଷ୍ଟିକ୍ ଆଲଗୋରିଥିମର ବ୍ୟବହାର କରି ଗବେଷଣା କ୍ଷେତ୍ରରେ କମ୍ ସମୟ ମଧ୍ୟରେ ସଠିକ୍ ଫଳାଫଳ ପାଇବା ସମ୍ଭବ ବୋଲି ସ୍ଥାନୀୟ ଶିକ୍ଷା ଓ ଅନୁସନ୍ଧାନ (ସୋଆ)ରେ ଆୟୋଜିତ ଏକ ଦୁଇ ଦିନିଆ ଆନ୍ତର୍ଜାତିକ ସମ୍ମିଳନୀରେ ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି । ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର) ଠାରେ ଆୟୋଜିତ 'ଦ୍ୱିତୀୟ ଇନ୍‌ଟରନ୍ୟାସ୍‌ନାଲ୍ କନ୍‌ଫରେନ୍ସ ଅନ୍ ମେଟାହ୍ୟୁରିଷ୍ଟିକ୍ସ ଇନ୍ ଇନିୟରିଂ ଆଣ୍ଡ ଇଟ୍‌ସ ଆପ୍ଲିକେସନ୍ସ' (ମେଟାସଫ୍ଟ - ୨୦୨୪) ଶନିବାର ଦିନ ଶେଷ ହୋଇଛି । ଆଇଟିଇଆର୍‌ର ଡିପାର୍ଟମେଂଟ ଅଫ୍ କମ୍ପ୍ୟୁଟର ଆପ୍ଲିକେସନ୍ ପକ୍ଷରୁ ହାଇବ୍ରିଡ ମୋଡରେ ଏହାର ଆୟୋଜନ କରାଯାଇଥିଲା । ଏଥିରେ ବିଭିନ୍ନ ଦେଶରୁ ଅନେକ ଜଣ ଅଧ୍ୟାପକ, ଗବେଷକ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଆଇଆଇଟି ଗୁଆହାଟୀର ପ୍ରଫେସର ଆର୍ଯ୍ୟବର୍ତ୍ତ ସାହୁ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଆଇଆଇଟି ଭୁବନେଶ୍ୱରର ପ୍ରଫେସର ଚନ୍ଦ୍ରଶେଖର ପେରୁମାଲା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ସଭାପତିତ୍ୱ କରିଥିଲେ । ପ୍ରଫେସର ନନ୍ଦ ସୋଆ ବିଶ୍ୱବିଦ୍ୟାଳୟରେ ଗବେଷଣାକୁ ପ୍ରାଧାନ୍ୟତା ଦିଆଯାଉଛି ବୋଲି ପ୍ରକାଶ କରି ଏଠାରେ ଅନେକ ସଂଖ୍ୟାରେ ଆନ୍ତର୍ଜାତିକ ସମ୍ମିଳନୀ ଆୟୋଜନ କରାଯାଉଛି ବୋଲି କହିଥିଲେ । ଏହି ଅବସରରେ ଆଇଟିଇଆର୍‌ର ଡିନ୍ ପ୍ରଫେସର ପ୍ରଦୀପ କୁମାର ସାହୁ, କମ୍ପ୍ୟୁଟର ଆପ୍ଲିକେସନ୍ ବିଭାଗର ମୁଖ୍ୟ ପ୍ରଫେସର କାବେରୀ ଦାସ, ପ୍ରୋଗ୍ରାମ ଚେୟାର ପ୍ରଫେସର ବିଚିତ୍ରାନନ୍ଦ ପାତ୍ର ଓ ସମ୍ମିଳନୀର ଆବାହକ ପ୍ରଫେସର ଦେବବ୍ରତ ସିଂହ ବକ୍ତବ୍ୟ ରଖିଥିଲେ । ଦ୍ୱିତୀୟ ଦିନ ସମ୍ମିଳନୀରେ ଏନ୍‌ଆଇଟି ରାଉରକେଲାର ପ୍ରଫେସର ବିଭୁଦତ ସାହୁ, ନାଗାଲ୍ୟାଣ୍ଡ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁଜାତା ଦାଶ ଓ କୋସୋଭୋ ସ୍ଥିତ ରୋଚେଷ୍ଟର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲଜିର ପ୍ରଫେସର ଦେବବ୍ରତ ସାମନ୍ତ ବକ୍ତୃତା ଦେଇଥିଲେ । ଏଥିରେ ସୋଆ ଏସ୍‌ଆରଆଇସି ଡିନ୍ ପ୍ରଫେସର ପି.କେ. ପାତ୍ର ଅଧ୍ୟକ୍ଷତା କରିଥିଲେ ।

# ବର୍ଷକୁ ଅନୁଷ୍ଠିତ ହେବ ୧୨ଟି ପଥୋତ୍ସବ

ଭୁବନେଶ୍ୱର,୧୨।୧ (ମହାଭାରତ): ବର୍ଷକୁ ୧୨ଟା ପଥ ଉତ୍ସବ ଅନୁଷ୍ଠିତ ହେବ । ପ୍ରତ୍ୟେକ ମାସରେ ଗୋଟିଏ ପଥ ଉତ୍ସବ ଆୟୋଜନ ହେବ ସୂଚନା ଦେଇଛନ୍ତି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର । ଆଜି ଚଳିତ ବର୍ଷର ଦ୍ୱିତୀୟ ପଥୋତ୍ସବ ଆୟୋଜିତ ହୋଇଯାଇଛି । ନୃତ୍ୟ ଗୀତରେ ଦୁଲୁକୁଛି ଜାଗମରା ନିୟୁରୋଡ଼ ରାସ୍ତା । ନବ ବର୍ଷ ୨୦୨୫କୁ ଅଭିନନ୍ଦନ ଜଣାଇ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଅନୁଷ୍ଠିତ ହୋଇଛି ୨୦୨୫ର ଦ୍ୱିତୀୟ ପଥ ଉତ୍ସବ । ଶୀତୁଆ ସକାଳରେ ମତୁଆଲା ହୋଇଛନ୍ତି ଭୁବନେଶ୍ୱରବାସୀ । ଖ୍ୟାତନାମା ଗାୟକ ସତ୍ୟଜିତ ଗୀତରେ ବିଭୋର ହୋଇଯାଇଥିଲେ ଉପସ୍ଥିତ ଦର୍ଶକ । ଏଥର ଅସୀମ ପଣ୍ଡା ଗୀତର ତାଳେ ତାଳେ ଝୁମିଛନ୍ତି ଉପସ୍ଥିତ ଦର୍ଶକ । ସମ୍ବଲପୁରୀ ଓ ଓଡିଶୀ ନୃତ୍ୟର ଛନ୍ଦ ଦେଖିବାକୁ ମିଳିଥିଲା । ଖାଲି ସେତିକି ନୁହେଁ, ଗୀଟାରିଷ୍ଟ, କମେଡି, କୁମ୍ଫା, ଯୋଗ, ତୀର ଚାଳନା, ବାସ୍କେଟ ବଲ୍, ବ୍ୟାଜ ସିଂଟନ, ସ୍ଲାଇଜ୍, ସାପ-ସିଡ଼ି ଖେଳ, ବେଲୁନ୍ ସୁଟିଂ, ଏକ ଚକିଆ ସାଇକେଲ ଚାଳନା, ସାଇକେଲ ଚାଳନା, ଫେଟିଂ, ଝୋଟି ବା ରଙ୍ଗୋଲି, ଡ୍ରଇଂ, କ୍ଲେ ମଡେଲିଂ, ମେହେନ୍ଦି ଇତ୍ୟାଦିର ମଜା ନେଇଛନ୍ତି ମହାନଗର ନିଗମ ବାସିନ୍ଦା । ବିଶେଷ ଆକର୍ଷଣ ରହିଛି କୁନି କୁନି ପିଲାଙ୍କ ଯୋଗ ଏବଂ, ସବୁଠାରୁ ଡେଙ୍ଗା ମଣିଷ ଓ ସ୍କେଟିଂ ଏବଂ ଜୋକର ମାନଙ୍କ ସହ ଫୋଟ ଉଠାଇଥିଲେ ଦର୍ଶକ । ଏହି ପଥ ଉତ୍ସବରେ ବହୁ ସଂଖ୍ୟାରେ ଯୋଗ ଦେବା ସହ ଶୀତ ଋତୁର ଏହି ମନମୁଗ୍‌ଧକର ପରିବେଶକୁ ଉପଭୋଗ କରିଛନ୍ତି ରାଜଧାନୀ ବାସିନ୍ଦା । ଏହି କାର୍ଯ୍ୟକ୍ରମରେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର, ବିଏମ୍ସି ମେୟର ସୁଲୋଚନା ଦାସ,ଏକାମ୍ର ବିଧାୟକ ବାବୁ ସିଂ । ଏହା ସହ ସଚିବ ଉଷା ପାଢ଼ୀ,ବିଏମ୍ସି କମିଶନର ଏବଂ ଅନ୍ୟାନ୍ୟ ଅଧିକାରୀ ଏବଂ ବିଏମ୍ସି କର୍ପୋରେଟର ମାନେ ସାମିଲ ହୋଇଥିଲେ ।

# ଝାରସୁଗୁଡ଼ା ବିଜେଡିର ଅନ୍ତଃ କନ୍ଦଳକୁ ଲୁଚାଇବା ପାଇଁ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ - ପ୍ରଦୀପ ପୁରୋହିତ

ଭୁବନେଶ୍ୱର,୧୨।୧ (ମହାଭାରତ): ଝାରସୁଗୁଡା ଜିଲ୍ଲା କିର୍ମିରା ବ୍ଲକ ଅଧ୍ୟକ୍ଷ ଅନାସ୍ଥା ନିର୍ବାଚନ ଘଟଣାରେ ବିଜେଡି ସଭାପତି ଯେଉଁ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ କରିଛନ୍ତି ତାହା ତାଙ୍କ ଦଳର ଅନ୍ତଃ କନ୍ଦଳକୁ ଲୁଚାଇବା ପାଇଁ ହୋଇଛି ବୋଲି କହିଛନ୍ତି ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ । ସେ କହିଛନ୍ତି ଯେ ବିଜେଡିର ଏହି ୭ ଜଣିଆ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଆଜି ଏକ ହୋଟେଲରେ ବ୍ରଜରାଜନଗର ଅନାସ୍ଥା ପ୍ରସ୍ତାବ ଆଲୋଚନା କରିବା ବେଳେ ଯୁକ୍ତିତର୍କ ହୋଇଥିବା କଥା ଶୁଣିବାକୁ ମିଳୁଛି । ବ୍ରଜରାଜନଗରର ପୂର୍ବତନ ବିଧାୟିକାଙ୍କ ସମର୍ଥକ ଚେୟାରମ୍ୟାନଙ୍କୁ ହଟାଇବା ପାଇଁ ଝାରସୁଗୁଡ଼ାର ପୂର୍ବତନ ବିଧାୟିକାଙ୍କ ସମର୍ଥକ ଏହି ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି । ଏହି ଦୁଇ ପୂର୍ବତନ ବିଧାୟିକାଙ୍କ ଅନ୍ତଃ କନ୍ଦଳକୁ ଲୁଚାଇବା ପାଇଁ ବିଜେଡି ପ୍ରୟାସ କରୁଛି । ଅପରପକ୍ଷରେ ଝାରସୁଗୁଡ଼ାକୁ ଯେଉଁ ଫ୍ୟାକ୍ଟ ଫାଇଣ୍ଡିଂ ଟିମ ଆସିଥିଲେ, ସେହି ଟିମରେ ମାହାଙ୍ଗାର ପୂର୍ବତନ ବିଧାୟକ ତଥା ମାହାଙ୍ଗା ଡବଲ ମର୍ଡରର ଅଭିଯୁକ୍ତ ଅଛନ୍ତି । ଏହିଭଳି ଲୋକ ଯଦି ଝାରସୁଗୁଡ଼ାକୁ ଆସନ୍ତି ତେବେ ଝାରସୁଗୁଡ଼ାବାସୀ କେତେ ସୁରକ୍ଷିତ ରହିବେ ? ଶ୍ରୀ ପୁରୋହିତ କହିଛନ୍ତି ଯେ, ଦୀପାଳି ଦାସ ଯେଉଁ ସମୟରେ ଅଭିଯୋଗ କଲେ, ତାଙ୍କ ବାପା ସ୍ୱର୍ଗତ ନବ ଦାସଙ୍କୁ ପୋଲିସ ଦ୍ୱାରା ହତ୍ୟା କରାଯାଇଛି, ସେ ସମୟରେ ନବୀନ ବାବୁ ଉକ୍ତ ଘଟଣାର ଅନୁଧ୍ୟାନ ପାଇଁ କେତେଟା ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ କରିଥିଲେ ? ଏହାର ଉତ୍ତର ସେ ରଖିବେ କି ?

# ତୀର୍ଥଯାତ୍ରୀମାନଙ୍କ ସୁବିଧା ପାଇଁ ଓଡିଶାରୁ ଓ ଓଡିଶା ମଧ୍ୟଦେଇ ମହାକୁମ୍ଭ ମେଳା-୨୦୨୫ ସ୍ୱତନ୍ତ୍ର ଟ୍ରେନ୍

ଭୁବନେଶ୍ୱର,୧୨।୧ (ମହାଭାରତ): ପ୍ରୟାଗରାଜ ଠାରେ ଆୟୋଜିତ ହେବାକୁଥିବା ଆଗାମୀ ମହାକୁମ୍ଭ ମେଳା ୨୦୨୫ ରେ ଯୋଗଦେବାକୁ ଥିବା ତୀର୍ଥଯାତ୍ରୀଙ୍କ ସୁବିଧା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ବିଶେଷ ଟ୍ରେନ ସୁବିଧା ଆୟୋଜନ କରାଯାଇଅଛି ଯାହାକି ଓଡିଶାରୁ ଉତ୍ପତ୍ତି ଏବଂ ଏହା ମଧ୍ୟଦେଇ ଯାତ୍ରା କରିବ । ଏହି ସ୍ୱତନ୍ତ୍ର ଟ୍ରେନ୍ ଗୁଡିକ ଏହି ଓଡ଼ିଶାର ବିଭିନ୍ନ ପ୍ରମୁଖ ସହରରୁ ପବିତ୍ର ସହର ପ୍ରୟାଗରାଜକୁ ସହଜ ଗମନାଗମନ ସଂଯୋଗ ଯୋଗାଇବ । ଭୁବନେଶ୍ୱର-ତୁଣ୍ଡଲା-ଭୁବନେଶ୍ୱର ସ୍ୱତନ୍ତ୍ର ଟ୍ରେନ ଭାୟା କଟକ, ଯଖପୁରା (ଯାଜପୁର), କେନ୍ଦୁଝରଗଡ, ନୟାଗଡ଼ (ଯୋଡ଼ା ଅଂଚଳ)-ବୋକାରୋ-ଗୟା-ପ୍ରୟାଗରାଜ ।

ଏହି ଟ୍ରେନ୍ ୨୦୨୫ ଜାନୁୟାରୀ ମାସ ୧, ୮, ୨୨ ତାରିଖ ଓ ଫେବୃୟାରୀ ମାସ ୫, ୧୯, ୨୬ ତାରିଖ ଦିନ ବୁଧବାର ଦିନମାନଙ୍କରେ ଭୁବନେଶ୍ୱର ଠାରୁ ଅପରାହ୍ନ ୧୨ଘ.୩୦ମି.ରେ ଛାଡି କେନ୍ଦୁଝରଗଡ-ବୋକାରୋ-ଗୟା-ପ୍ରୟାଗରାଜ ମାର୍ଗ ଦେଇ ତୁଣ୍ଡଲା ଯାତ୍ରା କରିବ । ତୁଣ୍ଡଲା ଅଭିମୁଖେ ଏହି ଟ୍ରେନ୍ ପ୍ରୟାଗରାଜ ଷ୍ଟେସନ ଠାରେ ରହଣି କରି ତୀର୍ଥଯାତ୍ରୀମାନଙ୍କ ପାଇଁ ସିଧାସଳଖ ସୁବିଧା ଯୋଗାଇବ ।

୨. ପୁରୀ-ତୁଣ୍ଡଲା-ପୁରୀ ସ୍ୱତନ୍ତ୍ର ଟ୍ରେନ୍ ଭାୟା ଖୋର୍ଦ୍ଧା ରୋଡ଼ - ଭୁବନେଶ୍ୱର-କଟକ -ଯାଜପୁର କେନ୍ଦୁଝର ରୋଡ଼ -ଭଦ୍ରକ-ବାଲେଶ୍ୱର -ଗୟା-ପ୍ରୟାଗରାଜ ।

ଏହି ଟ୍ରେନ୍ ୨୦୨୫ ଜାନୁୟାରୀ ମାସ ୬ ଓ ୨୦ ତାରିଖ ଓ ଫେବୃୟାରୀ ମାସ ୧୭ ତାରିଖ ଦିନ ସୋମବାର ଦିନମାନଙ୍କରେ ପୁରୀ ଠାରୁ ଅପରାହ୍ନ ୧୨ଘ.୩୦ମି.ରେ ଛାଡି ଭୁବନେଶ୍ୱର-ଭଦ୍ରକ-ଗୟା-ପ୍ରୟାଗରାଜ ମାର୍ଗ ଦେଇ ତୁଣ୍ଡଲା ଯାତ୍ରା କରିବ । ତୁଣ୍ଡଲା ଅଭିମୁଖେ ଏହି ଟ୍ରେନ୍ ପ୍ରୟାଗରାଜ ଷ୍ଟେସନ ଠାରେ ରହଣି କରି ତୀର୍ଥଯାତ୍ରୀମାନଙ୍କ ପାଇଁ ସିଧାସଳଖ ସୁବିଧା ଯୋଗାଇବ ।

୩. ଟିଟିଲାଗଡ-ତୁଣ୍ଡଲା-ଟିଟିଲାଗଡ଼ ସ୍ୱତନ୍ତ୍ର ଟ୍ରେନ୍ ଭାୟା ବଲାଙ୍ଗୀର - ବରଗଡ଼ - ସମ୍ବଲପୁର-ଝାରସୁଗୁଡା-ରାଉରକେଲା (ସୁନ୍ଦରଗଡ଼ ଜିଲ୍ଲା )-ଡ଼ିଡ଼ିୟୁ-ପ୍ରୟାଗରାଜ ।

ଏହି ଟ୍ରେନ୍ ୨୦୨୫ ଜାନୁୟାରୀ ମାସ ୯, ୧୬, ୨୩ ତାରିଖ ଓ ଫେବୃୟାରୀ ମାସ ୬, ୨୦, ୨୭ ତାରିଖ ଦିନ ଗୁରୁବାର ଦିନମାନଙ୍କରେ ଟିଟିଲାଗଡ଼ ଠାରୁ ଅପରାହ୍ନ ୧୨ଘ.୩୦ମି.ରେ ଛାଡି ବଲାଙ୍ଗୀର, ବରଗଡ଼ ରୋଡ, ସମ୍ବଲପୁର-ଝାରସୁଗୁଡା-ରାଉରକେଲା, ଡ଼ିଡ଼ିୟୁ-ପ୍ରୟାଗରାଜ ମାର୍ଗ ଦେଇ ତୁଣ୍ଡଲା ଯାତ୍ରା କରିବ । ତୁଣ୍ଡଲା ଅଭିମୁଖେ ଏହି ଟ୍ରେନ୍ ପ୍ରୟାଗରାଜ ଷ୍ଟେସନ ଠାରେ ରହଣି କରି ତୀର୍ଥଯାତ୍ରୀମାନଙ୍କ ପାଇଁ ସିଧାସଳଖ ସୁବିଧା ଯୋଗାଇବ ।

୪. ବିଶାଖାପାଟନମ୍-ପଣ୍ଡିତ ଦିନ ଦୟାଲ ଉପାଧ୍ୟାୟ (ଡ଼ିଡ଼ିୟୁ)-ବିଶାଖାପାଟନମ୍ ସ୍ୱତନ୍ତ୍ର ଟ୍ରେନ୍ ଭାୟା ରାୟଗଡା-ଟିଟିଲାଗଡ-ରାୟପୁର-କାଟନୀ ।

ଏହି ଟ୍ରେନ୍ ୨୦୨୫ ଜାନୁୟାରୀ ମାସ ୯, ୧୬, ୨୩ ତାରିଖ ଓ ଫେବୃୟାରୀ ମାସ ୬, ୨୦, ୨୭ ତାରିଖ ଦିନ ଗୁରୁବାର ଦିନମାନଙ୍କରେ ବିଶାଖାପାଟନମ୍ ଠାରୁ ଅପରାହ୍ନ ୦୫ଘ.୩୫ମି.ରେ ଛାଡି ରାୟଗଡା-ଟିଟିଲାଗଡ-ରାୟପୁର-କାଟନୀ ମାର୍ଗ ଦେଇ ଡ଼ିଡ଼ିୟୁ ଯାତ୍ରା କରିବ । ଡ଼ିଡ଼ିୟୁ ଅଭିମୁଖେ ଏହି ଟ୍ରେନ୍ ପ୍ରୟାଗରାଜ ଷ୍ଟେସନ ଠାରେ ରହଣି କରି ତୀର୍ଥଯାତ୍ରୀମାନଙ୍କ ପାଇଁ ସୁବିଧାଜନକ ମାର୍ଗ ପ୍ରଦାନ କରିବ ଯାହାକି ଦକ୍ଷିଣ ଓଡିଶା ଅଂଚଳକୁ ସୁବିଧା ପ୍ରଦାନ କରିବ ।

୫. ବିଶାଖାପାଟନମ୍-ଗୋରଖପୁର-ବିଶାଖାପାଟନମ୍ ସ୍ୱତନ୍ତ୍ର ଟ୍ରେନ୍ ଭାୟା ବ୍ରହ୍ମପୁର/ଗଞ୍ଜାମ ଜିଲ୍ଲା, ଖୋର୍ଦ୍ଧା ରୋଡ଼,-ଭୁବନେଶ୍ୱର-ନରାଜ ମାର୍ଥାପୁର (କଟକ ଅଂଚଳ)-ଢେଙ୍କାନାଳ -ଅନୁଗୁଳ-ସମ୍ବଲପୁର ସିଟି-ଝାରସୁଗୁଡା ।

ଏହି ଟ୍ରେନ୍ ୨୦୨୫ ଜାନୁୟାରୀ ମାସ ୫ ଓ ୧୯ ତାରିଖ ଏବଂ ଫେବୃୟାରୀ ମାସ ୧୬ ତାରିଖ ଦିନ ରବିବାର ଦିନମାନଙ୍କରେ ବିଶାଖାପାଟନମ୍ ଠାରୁ ରାତ୍ରି ୧୦ଘ.୨୦ମି.ରେ ଛାଡି ଭୁବନେଶ୍ୱର-ଅନୁଗୁଳ-ସମ୍ବଲପୁର ସିଟି-ଝାରସୁଗୁଡା ମାର୍ଗ ଦେଇ ଡ଼ିଡ଼ିୟୁ ଯାତ୍ରା କରିବ । ଡ଼ିଡ଼ିୟୁ ଅଭିମୁଖେ ଏହି ଟ୍ରେନ୍ ପ୍ରୟାଗରାଜ ଷ୍ଟେସନ ଠାରେ ରହଣି କରି ତୀର୍ଥଯାତ୍ରୀମାନଙ୍କ ପାଇଁ ସୁବିଧାଜନକ ମାର୍ଗ ପ୍ରଦାନ କରିବ ।

୬. ତିରୁପତି - ବନାରସ -ତିରୁପତି ସ୍ୱତନ୍ତ୍ର ଟ୍ରେନ୍ ଭାୟା ରାୟଗଡା, ଟିଟିଲାଗଡ଼, ସମ୍ବଲପୁର, ଝାରସୁଗୁଡା, ରାଉରକେଲା । ୭. ନରସପୁର - ବନାରସ -ନରସପୁର ସ୍ୱତନ୍ତ୍ର ଟ୍ରେନ୍ ଭାୟା ରାୟଗଡା, ଟିଟିଲାଗଡ଼, ସମ୍ବଲପୁର, ଝାରସୁଗୁଡା, ରାଉରକେଲା । ଏହି ସ୍ୱତନ୍ତ୍ର ଟ୍ରେନ୍ ଗୁଡିକ ବିଶ୍ୱର ସର୍ବବୃହତ ଧାର୍ମିକ ସମାବେଶ ମହାକୁମ୍ଭ ମେଳାକୁ ଯାତ୍ରା କରୁଥିବା ହଜାର ହଜାର ଭକ୍ତଙ୍କୁ ଯାତ୍ରା ସୁବିଧା ଯୋଗାଇଦେବା ପାଇଁ ବିଶେଷ ଭାବେ ଚଳାଚଳ କରୁଅଛି ।

# କର୍ମ ନିୟୁକ୍ତି

ଦେଶର ବିଭିନ୍ନ ରାଜ୍ୟରୁ ଅନେକ ବ୍ୟକ୍ତି ଏଠାକୁ ଧାଇଁ ଆସନ୍ତି କର୍ମ ନିଯୁକ୍ତି ପାଇଁ। ତେଣୁ ମହାରାଷ୍ଟ୍ର ଭାରତୀୟ ରାଜନୀତିର ଏକ ପ୍ରାଣକେନ୍ଦ୍ର କହିଲେ ଭୁଲ ହେବନି। ଏଠାରେ ବିଜେପି ସରକାର ଗଠନ କରିବା ଏକ ମହତ୍ୱପୂର୍ଣ୍ଣ ସଫଳତା। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ପଦ ବିଜେପି ଅକ୍ତିଆର କରିବା ଦଳ ପାଇଁ ଏକ ବଡ଼ ସଫଳତା। ରାଜ୍ୟ ମୁଖ୍ୟମନ୍ତ୍ରୀ ଭାବେ ଦେବେନ୍ଦ୍ର ଫଡ଼ନାବିସ ଶପଥ ଗ୍ରହଣ କରିଛନ୍ତି। ଏହା ସହିତ ସମଗ୍ର ପଶ୍ଚିମ ଭାରତକୁ ବିଜେପି ନିଜ କବଜାକୁ ନେବାରେ ସଫଳ ହୋଇଛି। ମହାରାଷ୍ଟ୍ର ସହିତ ଗୁଜରାଟ, ରାଜସ୍ଥାନ, ଗୋଆ, ସବୁ ରାଜ୍ୟରେ ବିଜେପି ମୁଖ୍ୟମନ୍ତ୍ରୀ। ଦଳର ତୃତୀୟ ପିଢ଼ିର ନେତାଙ୍କ ମଧ୍ୟରେ ଫଡ଼ନାବିସ ସର୍ବାଗ୍ରେ ରହିଛନ୍ତି। ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇବାର ୧୨ ଦିନ ପରେ ରାଜ୍ୟରେ ବିଜେପି ନେତୃତ୍ୱାଧିନ ମହାଯୁତି ସରକାର ଗଠନ ହୋଇଛି। ବିଜେପି ବିଧାୟକ ଦଳର ନେତା ଦେବେନ୍ଦ୍ର ଫଡ଼ନାବିସ ତୃତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ମହାଯୁତିର ଅନ୍ୟ ଦୁଇ ଅଂଶୀଦାର ଦଳ ଶିବସେନା ବିଧାୟକ ଦଳର ନେତା ଏକନାଥ ସିନ୍ଦେ ଏବଂ ଏନସିପି ବିଧାୟକ ଦଳର ନେତା ଅଜିତ ପାୱାର ଉପମୁଖ୍ୟମନ୍ତ୍ରୀ ହୋଇଛନ୍ତି। ଫଡ଼ନାବିସ ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ ପ୍ରଥମ ଥର ପାଇଁ ରାଜ୍ୟ ମୁଖ୍ୟମନ୍ତ୍ରୀ ହୋଇଥିଲେ। ୨୦୧୯ରେ ତାଙ୍କ ନେତୃତ୍ୱରେ ଏନଡିଏ ପୁନର୍ବାର ବିଜୟୀ ହୋଇଥିଲା। କିନ୍ତୁ ଶିବସେନାର ଧୋକ୍କାବାଜି ହେତୁ ଏନଡିଏ ସରକାର ଗଠନ କରିପାରିଲା ନାହିଁ। ମଝିରେ ଅଜିତ ପାୱାରଙ୍କ ସମର୍ଥନରେ ଫଡ଼ନାବିସ ମାତ୍ର ୩ ଦିନ ପାଇଁ ମୁଖ୍ୟମନ୍ତ୍ରୀ ହୋଇଥିଲେ। କିନ୍ତୁ ସଂଖ୍ୟାର ଖେଳରେ ସେ ହାର ମାନିଥିଲେ। ବିଧନସଭାର ବୃହତ୍ତମ ଦଳ ହୋଇଥିଲେ ମଧ୍ୟ ବିଜେପିକୁ ବିରୋଧୀ ଆସନରେ ବସିବାକୁ ପଡିଲା। ସେତେବେଳେ ସେ ମୁଖ୍ୟମନ୍ତ୍ରୀ ପଦକୁ ପୁନର୍ବାର ଫେରିବେ ବୋଲି କହିଥିଲେ। ଏବେ ସେ ଏହାକୁ କାର୍ଯ୍ୟକାରୀ କରି ଦେଖାଇଛନ୍ତି। ଏଥର ସେ ୨୦୧୪ ତୁଳନାରେ ଅଧିକ ଶକ୍ତିଶାଳି ହୋଇ ପ୍ରତ୍ୟାବର୍ତ୍ତନ କରିଛନ୍ତି। ୨୮୮ ଆସନ ବିଶିଷ୍ଟ ରାଜ୍ୟ ବିଧାନସଭାରେ ମହାଯୁତି ୨୩୫ ଆସନ ଜିତିଛି। ବିଜେପି ଏକାକି ୧୪୮ ଆସନରେ ପ୍ରାର୍ଥୀ ଦେଇ ୧୩୨ ଆସନରେ ସଫଳତା ହାସଲ କରିଛି। ମ୍ୟାଜିକ ନମ୍ବରଠାରୁ ଏହା ମାତ୍ର ୧୩ ପଛରେ ରହିଛି। ଅନ୍ୟ ପକ୍ଷରେ ସହଯୋଗୀ ଦଳ ଅଜିତ ପାୱାରଙ୍କ ଏନସିପି ୪୧ ଏବଂ ଏକନାଥ ସିନ୍ଦେଙ୍କ ଶିବସେନା ୫୭ ଆସନରେ ଜିତିଛି। ଏହି ଦୁଇ ଦଳ ମଧ୍ୟରୁ ଗୋଟିଏ ଦଳର ସମର୍ଥନ ଯଥେଷ୍ଟ। ସେଥିପାଇଁ ବିଜେପି ବିନା ଚାପରେ ମୁଖ୍ୟମନ୍ତ୍ରୀ ପଦ ଅକ୍ତିଆର କଲା। ଏକନାଥ ସିନ୍ଦେ ମୁଖ୍ୟମନ୍ତ୍ରୀ ପଦ ବଜାୟ ରଖିବାକୁ ଆଗ୍ରହୀ ଥିଲେ। କିନ୍ତୁ ବିଜେପି ଏହାକୁ ଗ୍ରହଣ କଲାନାହିଁ। ସିନ୍ଦେଙ୍କୁ ଉପ-ମୁଖ୍ୟମନ୍ତ୍ରୀ ପଦରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ଏନସିପି ନେତା ଅଜିତ ପାୱାର ତତ୍କାଳ ମୁଖ୍ୟମନ୍ତ୍ରୀ ପଦ ନିମନ୍ତେ ଫଡ଼ନାବିସଙ୍କୁ ସମର୍ଥନ ଘୋଷଣା କଲେ। ତେଣୁ ସିନ୍ଦେଙ୍କ ଦାବିର ଆଉ କିଛି ମୂଲ୍ୟ ରହିଲା ନାହିଁ। ଗୁରୁବାର ଶପଥ ଗ୍ରହଣ ପରେ ଫଡ଼ନାବିସ କହିଛନ୍ତି ଯେ, ତାଙ୍କ ସରକାର ଏହାର ୫ ବର୍ଷିଆ କାର୍ଯ୍ୟକାଳ ସମ୍ପୂର୍ଣ୍ଣ କରିବେ। ୨୦୧୯ରୁ ୨୦୨୪ ମଦ୍ୟରେ ଯେପରି ରାଜ୍ୟରେ ଅନିଶ୍ଚିତତାର ବାତାବରଣ ସୃଷ୍ଟି ହୋଇଥିଲା ତାହାର ପୁନରାବୃତ୍ତି ହେବ ନାହିଁ ବୋଲି ସେ କହିଛନ୍ତି। ଫଡ଼ନାବିସଙ୍କ ଏହି ମନ୍ତବ୍ୟ ତାଙ୍କ ଗଭୀର ଆତ୍ମବିଶ୍ୱାସକୁ ପ୍ରମାଣିତ କରୁଛି। ବିଧାନସଭାରେ ବିଜେପିର ସଦସ୍ୟ ସଂଖ୍ୟା ୧୩୨। ଏନସିପି ଓ ଶିବସେନାର ୯୮ ସଦସ୍ୟଙ୍କୁ ବାଦ ଦେଲେ ଅନ୍ୟ ୫ଜଣ ସଦସ୍ୟ ମଧ୍ୟ ବିଜେପିକୁ ସମର୍ଥନ କରୁଛନ୍ତି।

“

*ଆଜିର ପୃଥିବୀ ନୂତନ ନିୟମ, ନୂତନ ଶିକ୍ଷା ପଦ୍ଧତି, ନୂତନ ସମାଜ ଅଥବା ନୂତନ ଧର୍ମ ଆବଶ୍ୟକ କରୁନାହିଁ। ମନ ପାଇଁ ଆରୋଗ୍ୟ ଆବଶ୍ୟକ, ହୃଦୟ ପବିତ୍ରତାରେ ପୂର୍ଣ୍ଣ ହେବା ଆବଶ୍ୟକ। ପବିତ୍ରତା ଅଙ୍କୁରିତ ହେବା ଉଚିତ। ବାଳକ, ବାଳିକା, ଶିଶୁ ଓ ଯୁବକ ମାନଙ୍କ ହୃଦୟରେ ସର୍ବତ୍ର ପବିତ୍ରତାର ଚେର ମାଡ଼ିବା ଉଚିତ। ଉତ୍ତମ ଏବଂ ଭଗବତ ପୁରୁଷମାନେ ଏହି କର୍ତ୍ତବ୍ୟ ସଂପାଦନ ପାଇଁ ଉଦ୍ୟମ କରିବା ଉଚିତ। ସେମାନେ ଏହାକୁ ମହାନ ସାଧନା ମନେକରିବା ଉଚିତ।*

# ବିଶ୍ୱ ସମସ୍ୟା

**॥ ଅଲେଖ ଚନ୍ଦ୍ର ସାମଲ ॥**

ବିଶ୍ୱ ସମସ୍ୟା ବର୍ତ୍ତମାନ ଅଦ୍ଭୁତ ଆକାର ଏବଂ ବିରାଟ ଅବସ୍ଥା ଧାରଣ କରୁଛି। ସେଗୁଡ଼ିକ ଆଉ ବ୍ୟକ୍ତିଗତ ଅଥବା ସ୍ଥାନୀୟ ନୁହେଁ। ସେ ସବୁ ବିଶ୍ୱଜନୀନ ଏବଂ ସମସ୍ତ ମାନବ ଜାତିକୁ ଆକ୍ରାନ୍ତ କରୁଛି। ଗୋଟିଏ ଦିଗରେ ବିଶ୍ୱ ସମୃଦ୍ଧି ସହିତ ବିଜ୍ଞାନ ଓ ଯାନ୍ତ୍ରିକତାର ଅଗ୍ରଗତି ଘଟୁଛି। ପ୍ଲାସଟିକ, ଇଲେକଟ୍ରୋନିକ ଏବଂ କମ୍ପ୍ୟୁଟର ଯାନ୍ତ୍ରିକତା ମାଧ୍ୟମରେ ଏହି ଚମତ୍କାରିତା ମହତ୍ତର ଶୀର୍ଷରେ ଉପନୀତ ହୋଇଛି। ଅନ୍ୟ ଦିଗରେ ବାରମ୍ବାର ଘଟୁଥିବା ରାଜନୈତିକ ଓ ଅର୍ଥନୈତିକ ସଂକଟ, ରାଷ୍ଟ୍ରୀୟ, ରାଜ୍ୟସ୍ତରୀୟ, ଧାର୍ମିକ, ଜାତିଗତ ଏବଂ ବର୍ଣ୍ଣ ବିଦ୍ୱେଷ, ସଂକୀର୍ଣ୍ଣ ବିଶ୍ୱସ୍ତତା ଏବଂ ଶିକ୍ଷାୟତନରେ ଅଶାନ୍ତିର ବିସ୍ଫୋରଣ ଦ୍ୱାରା ମାନବଜାତି ଉତ୍ପୀଡ଼ିତ। ଏସବୁ ସମଗ୍ର ବିଶ୍ୱରେ ଅଶାନ୍ତି ଏବଂ ଉଚ୍ଛୃଙ୍ଖଳତା ପରିବ୍ୟାପ୍ତ କରିଛି। ଏହା ଏକ ଭାରସାମ୍ୟହୀନ ଏବଂ ପରସ୍ପର ବିରୋଧୀ ଅବସ୍ଥା। ଏହାର ପ୍ରକୃତ କାରଣ କଣ? ଧର୍ମ ଏବଂ ନୈତିକତା ପୁଷ୍ଟ କରିଥିବା ମଣିଷ ମନର ଭୟଙ୍କର ଅଧଃପତନରେ ଏହାର କାରଣ ନିହିତ ଅଛି କି? ଜ୍ଞାନ ଏବଂ ଶାନ୍ତି ଲାଭ ପାଇଁ ଅବଶ୍ୟ ମାନବ ଜାତି ଅନେକ ଉପାୟ ଓ ପଦ୍ଧତି ଅବଲମ୍ବନ କରିପାରେ। ବେଦ, ଶାସ୍ତ୍ର, ବ୍ରହ୍ମସୂତ୍ର, ବାଇବେଲ, କୋରାନ, ଜେନ୍ଦ ଅଭେସ୍ତା, ଗ୍ରନ୍ଥ ସାହେବ ଏବଂ ସହସ୍ର ସମଗ୍ର ପବିତ୍ର ଗ୍ରନ୍ଥରୁ ଅମୂଲ୍ୟ ଦିଗଦର୍ଶନ ଲାଭ କରିପାରେ। ଭାରତରେ ଆଶ୍ରମ, ଧର୍ମ, ସଂପ୍ରଦାୟର ମୁଖ୍ୟ, ଆଧାତ୍ମିକ ସୂତ୍ର ଓ ଶୃଙ୍ଖଳାର ପ୍ରବକ୍ତା, ଜ୍ଞାନୀ ଏବଂ ସମ୍ମାନୀୟ ବୟୋବୃଦ୍ଧଙ୍କର ଅଭାବ ନାହିଁ। ସେମାନେ ମଧ୍ୟ ବହୁ ସଂଖ୍ୟାରେ ପ୍ରଚାର କରୁଛନ୍ତି, ଏବଂ ପ୍ରକାଶ କରୁଛନ୍ତି ତଥାପି ଜୀବନର ନୈତିକ, ଆଧାତ୍ମିକ ଏବଂ ଧାର୍ମିକ କ୍ଷେତ୍ରରେ ମଣିଷର ମନ ନିରନ୍ତର ନିମ୍ନଗାମୀ ହେଉଛି। ଏହି ଅଧଃପତନ କାହିଁକି?

ପୂର୍ବ ଅପେକ୍ଷା ମଣିଷ ଅଧିକ ଅନାଚାରୀ ହୋଇଛି। ପୂର୍ବ ଯୁଗମାନଙ୍କ ଅପେକ୍ଷା ନିଷ୍ଠୁର ଆଚରଣରେ ସେ ନିଜର ବୁଦ୍ଧି ଓ ଦକ୍ଷତା ଅଧିକ ପରିମାଣରେ ନିୟୋଗ କରୁଛି। ଅନ୍ୟ ମାନଙ୍କୁ ଯନ୍ତ୍ରଣା ଦେବା ଦ୍ୱାରା ମଣିଷ ଏପରି ଆନନ୍ଦ ଲାଭ କରୁଛି ଏବଂ ଉଲ୍ଲସିତ ହେଉଛି ସେ ଗତ ୫୫୦୦ ବର୍ଷ ମଧ୍ୟରେ ୧୫୦୦ ଯୁଦ୍ଧ ହୋଇଛି ବୋଲି ଇତିହାସରୁ ପ୍ରମାଣ ମିଳୁଛି। ଏହି ଭୟଙ୍କର ଖେଳ ଯେ ବନ୍ଦ ହେବ ଏଯାଏ ଏପରି କୌଣସି ସଂକେତ ମିଳୁନାହିଁ। ଆସନ୍ନ ପରମାଣୁ ଯୁଦ୍ଧ ସମଗ୍ର ମାନବଜାତିକୁ ଧ୍ୱଂସ କରିବା ପାଇଁ ଭୟ ସଂଚାର କରୁଛି। ଏସବୁ ଉଦବେଗ ଓ ଆଶଙ୍କାର ପ୍ରକୃତ କାରଣ କଣ? ଏହା ସୁସ୍ପଷ୍ଟ ଯେ ମଣିଷ ମଧ୍ୟରେ ପଶୁର ପ୍ରାଧାନ୍ୟ ତଥାପି ରହିଛି। ଏହା ଅଦ୍ୟାବଧି ପରାଭୂତ ହୋଇନାହିଁ। ଯଦି ହୁଏ ତାହେଲେ ଆମେ ଶାନ୍ତି ଓ ଆନନ୍ଦ ଲାଭ କରିବା। ଆମର ରାଷ୍ଟ୍ର, ଏବଂ ବିଶ୍ୱରେ ମଧ୍ୟ ଶାନ୍ତି ଓ ଆନନ୍ଦ ବିରାଜମାନ କରିବ।

ଘୃଣା, ଈର୍ଷା, ଲୋଭ, ଆଡ଼ମ୍ବର ପ୍ରଦର୍ଶନ ଏବଂ ଅନ୍ୟ ମାନଙ୍କ ସହିତ ତୁଳନା ଓ ପ୍ରତିଯୋଗିତା ପାଇଁ ଅଭିଳାଷା, ଏସବୁ ମନ୍ଦ ବୃତ୍ତିର ମୂଳୋତ୍ପାଟନ କରିବାକୁ ହେବ। ଏହି ଦୁର୍ଗୁଣ ଗୁଡ଼ିକ କେବେ ସାଧାରଣ ମଣିଷକୁ ବିଷାକ୍ତ କରୁନାହିଁ, ଋଷି, ମୁନି, ଧର୍ମ ଅନୁଷ୍ଠାନର ମୁଖ୍ୟ ଏବଂ ପଣ୍ଡିତ ମାନଙ୍କୁ ବିଷାୟିତ କରୁଛି। ଏସବୁ ମଧ୍ୟରୁ ଘୃଣା ଏବଂ ଲୋଭର ପ୍ରାଦୁର୍ଭାବ ବୃଦ୍ଧି ପାଇଛି। ଆଦର୍ଶର ଆଧାର ରୂପେ ନିଜେ ପରିଚିତ କରାଉଥିବା ଏହି ମହାପୁରୁଷ ଏବଂ ଭବିଷ୍ୟତ ଦ୍ରଷ୍ଟାମାନେ ଯଦି ଏପରି ନୀଚ ଗୁଣାବଳୀ ପ୍ରଦର୍ଶିତ କରନ୍ତି ସେମାନେ ବିଶ୍ୱକୁ ସଜାଡ଼ି ପାରିବେ କିପରି? ସେମାନେ କେବଳ ଦୂଷୀକରଣ ବୃଦ୍ଧି କରିପାରିବେ।

ଆଜିର ପୃଥିବୀ ନୂତନ ନିୟମ, ନୂତନ ଶିକ୍ଷା ପଦ୍ଧତି, ନୂତନ ସମାଜ ଅଥବା ନୂତନ ଧର୍ମ ଆବଶ୍ୟକ କରୁନାହିଁ। ମନ ପାଇଁ ଆରୋଗ୍ୟ ଆବଶ୍ୟକ, ହୃଦୟ ପବିତ୍ରତାରେ ପୂର୍ଣ୍ଣ ହେବା ଆବଶ୍ୟକ। ପବିତ୍ରତା ଅଙ୍କୁରିତ ହେବା ଉଚିତ। ବାଳକ, ବାଳିକା, ଶିଶୁ ଓ ଯୁବକ ମାନଙ୍କ ହୃଦୟରେ ସର୍ବତ୍ର ପବିତ୍ରତାର ଚେର ମାଡ଼ିବା ଉଚିତ। ଉତ୍ତମ ଏବଂ ଭଗବତ ପୁରୁଷମାନେ ଏହି କର୍ତ୍ତବ୍ୟ ସଂପାଦନ ପାଇଁ ଉଦ୍ୟମ କରିବା ଉଚିତ। ସେମାନେ ଏହାକୁ ମହାନ ସାଧନା ମନେକରିବା ଉଚିତ। ଏହି କ୍ଷେତ୍ରରେ କେବଳ ବ୍ରହ୍ମବିଦ୍ୟା ମାଧ୍ୟମରେ ସାର୍ଥକତା ଲାଭ ହୋଇପାରିବ। ମାତ୍ର ଦୁର୍ଭାଗ୍ୟର ବିଷୟ ଯେ ଆଜିର ମଣିଷ କେବଳ ସଂପଦ ସଂଗ୍ରହ ଓ ସଂଚୟ ସମ୍ପର୍କରେ ଗଭୀର ଆସ୍ଥାବାନ। ସେ ଜମା ପରିତ୍ୟାଗ ଅଥବା ତ୍ୟାଗ କରି ଜାଣେ ନାହିଁ। ସତ୍ୟ ଉପରେ ତାର ଆସ୍ଥା ନାହିଁ। ମିଥ୍ୟା ଦ୍ୱାରା ସେ ଆକର୍ଷିତ ହୋଇଥାଏ, ସତ୍ୟକୁ ସେ ପ୍ରତିବନ୍ଧକ ମନେକରେ। ତେଣୁ ମୃତ୍ୟୁ ଯେ ଗୌରବମୟ ଜୀବନର ସମୃଦ୍ଧ ପରିପୂର୍ଣ୍ଣତା, ଏହା ଉପଲବ୍ଧି କରିବା ପାଇଁ ସେ ଅକ୍ଷମ। ଉଦବେଗ ଏବଂ ଅଭାବରେ ସେ ମୃତ୍ୟୁବରଣ କରେ। ଲୋକମାନେ ଶୁଆ ପରି ସତ୍ୟ, ଅହିଂସା, ଧର୍ମ ଏବଂ ପ୍ରେମ ଶବ୍ଦ ଗୁଡ଼ିକ ନିରନ୍ତର ଉଚ୍ଚାରଣ କରନ୍ତି। ସେମାନେ ଘୋଷଣା କରନ୍ତି ଯେ ସତ୍ୟଠାରୁ ଉଚ୍ଚତର ଧର୍ମ ନାହିଁ। ମାତ୍ର ଆଶ୍ଚର୍ଯ୍ୟର କଥା ସତ୍ୟର ଅଧିକାରୀ ହେବା ପାଇଁ ମଣିଷ ଅଭିଳାଷ ପୋଷଣ କରେ ନାହିଁ।

ମଣିଷ ସବୁ ବିଷୟ ଜାଣିବା ପାଇଁ ଆଗ୍ରହୀ। ମାତ୍ର ସତ୍ୟ ଉପଲବ୍ଧି ପାଇଁ ତାର ଆଗ୍ରହ ନାହିଁ। ପୁଣି ନିଜ ସତ୍ତାର ସତ୍ୟ ଉପଲବ୍ଧି ନିମନ୍ତେ ତାର ତିଳେମାତ୍ର ଅଭିଳାଷ ନାହିଁ। ସେ ଦିଗକୁ ସେ ଦୃଷ୍ଟି ଦିଏ ନାହିଁ। ଦୃଷ୍ଟ ହେଲେ ମଧ୍ୟ ସେ ନିଜର ଆଶଙ୍କା ଓ ଅନ୍ଧବିଶ୍ୱାସ ଗୁଡ଼ିକର ସତ୍ୟତା ପ୍ରତିପାଦିତ କରିଥାଏ। ତେଣୁ ମଣିଷର ପ୍ରଥମ କର୍ତ୍ତବ୍ୟ ହେଉଛି ନିଜର ଦୁର୍ବଳତା ଓ ଅନ୍ୟର ଅନିଷ୍ଟ କରିବା ମନୋବୃତ୍ତିକୁ ପରିହାର କରିବା।

ପ୍ରାରମ୍ଭ ଅଥବା ପରିଶେଷରେ ଯାହା ପରିଦୃଷ୍ଟ ହୁଏନାହିଁ; କେବଳ ମଧ୍ୟାନ୍ତରରେ ଯାହା ପ୍ରକଟିତ ହୋଇଥାଏ ତାହା ପ୍ରକୃତରେ ପ୍ରକୃତ ହୋଇନପାରେ। ଏହା ସତ୍ୟ ନୁହେଁ ମିଥ୍ୟା। ସୃଷ୍ଟି ପୂର୍ବରୁ ବ୍ରହ୍ମାଣ୍ଡ ନଥିଲା, ପରେ ଅର୍ଥାତ୍ ପ୍ରଳୟ ପରେ ମଧ୍ୟ ରହିବ ନାହିଁ। ମଝିରେ ଯାହା ପରିଦୃଷ୍ଟ ହେଉଛି ତାହା କେବଳ ଆପାତ ସତ୍ୟ ହୋଇପାରେ। ଏହା ସାମୟିକ ଏବଂ ସୀମିତ। ଅପରିବର୍ତ୍ତନୀୟ ହୋଇପାରିବ ନାହିଁ। ଏହି ସବୁ ମାର୍ଗରେ ମଣିଷକୁ ବିଶ୍ୱର ପ୍ରତ୍ୟେକ ପଦାର୍ଥର ମୂଲ୍ୟ ଏବଂ ଉପଯୋଗିତା ଅନୁସନ୍ଧାନ କରିବାକୁ ହେବ। ଦୃଷ୍ଟାନ୍ତ ସ୍ୱରୂପ, ଜନ୍ମ ପୂର୍ବରୁ ଶରୀର ନଥିଲା ଏବଂ ମୃତ୍ୟୁ ପରେ ମଧ୍ୟ ଏହା ଏଠାରେ ରହିବ ନାହିଁ। ମାଟିରେ ତିଆରି ଗୋଟିଏ ପାତ୍ର ନାମରୂପ ଗ୍ରହଣ କରି ପାତ୍ର ରୂପରେ କିଛି କ୍ଷଣ ରହୁଛି ଏବଂ ପୁନଶ୍ଚ ମୃତ ପ୍ରକୃତି ଧାରଣ କରୁଛି। ପାତ୍ର ହେଉଛି କେବଳ କୃତ୍ରିମ ଉପାୟରେ ଏହାକୁ ନାମ ରୂପ ପ୍ରଦାନ କରାଯାଇଛି। ଯେ କୌଣସି ପଦାର୍ଥ ହେଲେ ବି ବିଶ୍ୱ ବ୍ରହ୍ମାଣ୍ଡର କୌଣସି ବସ୍ତୁ ସମୟ ପ୍ରଭାବରୁ ମୁକ୍ତ ନୁହେଁ ମୃତ୍ୟୁ ଏବଂ ଧ୍ୱଂସ ଦାଉରୁ ଏହା ରକ୍ଷା ପାଇପାରିବ ନାହିଁ। ବୃକ୍ଷ ଓ ଭୂମି, ସଦନ ଓ ଶରୀର, ସମ୍ରାଟ ଓ ସାମ୍ରାଜ୍ୟ, ସମସ୍ତଙ୍କୁ ଏଇ ଶେଷ ପରିଣତି ଭୋଗ କରିବାକୁ ହେବ। ନିଜ ମଧ୍ୟରେ ଥିବା ଅମରତ୍ୱ ସଂପର୍କରେ ସଚେତନ ହେବାର ଉପାୟକୁ ମଣିଷ ଉପେକ୍ଷା କରିଥାଏ। ନୈତିକ ସ୍ତର ସହିତ ସଂପର୍କିତ ଜ୍ଞାନରେ ସେ ମୋହିତ ହୋଇଥାଏ। ଯେଉଁମାନେ ଏହି ସହଜ ଆକର୍ଷଣର ଶିକାର ହୁଅନ୍ତି ସେମାନେ ନନ୍ଦନ ବନ ପରିତ୍ୟାଗ କରି ବିଷାକ୍ତ ଉଦ୍ଭିଦଭରା ଜଙ୍ଗଲରେ ପ୍ରବେଶ କରନ୍ତି। ପ୍ରକୃତ ବା ଆତ୍ମା ଠାରୁ ସେମାନେ ଦୂରେଇ ଯାଆନ୍ତି। ପ୍ରତିବିମ୍ବ ଅଥବା ଦୃଶ୍ୟ ଦ୍ୱାରା ସେମାନେ ବିମୋହିତ ହୁଅନ୍ତି। ଏପରି ମନୋବୃତ୍ତି ସେମାନଙ୍କୁ ସତ୍ୟ ସନ୍ଧାନ ବା ସତ୍ୟଜ୍ଞାନ କହି ଅଜ୍ଞ ରୂପେ ପରିଣତ କରେ।

ମଣିଷ ଜାଣିବା ଉଚିତ ଯେ ତ୍ରିଭୁବନ, ତ୍ରିକାଳ (ଅତୀତ, ବର୍ତ୍ତମାନ, ଭବିଷ୍ୟତ) ଏବଂ ଚେତନାର ଅବସ୍ଥାତ୍ରୟରୁ (ଜାଗ୍ରତ, ସ୍ୱପ୍ନ, ସୁଷୁପ୍ତ) ବିନ୍ଦୁଏ ହେଲେ ନିଛକ ସୁଖ ମିଳିବ ନାହିଁ। ମଣିଷ ମାନଙ୍କ ମଧ୍ୟରୁ କେବଳ ମୂଢ଼ମାନେ ସାଂସାରିକ କର୍ମ ମାଧ୍ୟମରେ ସୀମିତ ଅସାର ସୁଖ ଲାଭ କରି ସଂତୃପ୍ତ ହେବା ପାଇଁ ଉଦ୍ୟମ କରନ୍ତି। ଜ୍ଞାନୀମାନେ କିନ୍ତୁ ଉତ୍ତମ ରୂପେ ବୁଝିଥାନ୍ତି। ଆକର୍ଷଣୀୟ ମିଠା ଅଙ୍ଗୁର ପେଣ୍ଡା ଏଡ଼ାଇ ଦେଲେ ଯେଉଁମାନେ କଣ୍ଟାଆଡ଼କୁ ଦୌଡ଼ନ୍ତି ସେମାନେ ଉଷ୍ଟ୍ର। ସେମାନଙ୍କୁ ଭିନ୍ନ ଶ୍ରେଣୀରେ ଅନ୍ତର୍ଭୁକ୍ତ କରିହେବନାହିଁ।


**ପୂର୍ବତନ ଡିଏଫ୍‌ଓ (କେନ୍ଦୁଲିଫ୍) ଜୟପୁର ଡିଭିଜନ, ଦୂରଭାଷ : ୯୪୩୭୨୫୭୧୨୩**


# ଆଇନର ଭାଷାରେ ଲିଙ୍ଗ ନିରପେକ୍ଷତାର ପ୍ରୟାସ

**॥ ଯୁଧିଷ୍ଠିର ମହାରଣା ॥**

ଲିଙ୍ଗଗତ ପରିଚୟ ପୁରୁଷ ବା ମହିଳା, ଏହି ଦ୍ୱୈତ ବର୍ଗୀକରଣ ମଧ୍ୟରେ ସୀମିତ ନୁହେଁ, ବରଂ ଏହା ଆଜି ଏକ ବ୍ୟାପକ ସାମାଜିକ କ୍ଷେତ୍ରରେ ଅସ୍ତିତ୍ୱ ଜାହିର କରୁଛି। ସମୟକ୍ରମେ ଏହାର ବିବର୍ତ୍ତନ ଘଟିବ। ଏକଥାଟି ଲେଖାଯାଇଛି ସୁପ୍ରିମକୋର୍ଟ ଦ୍ୱାରା ସଦ୍ୟ ଲୋକାର୍ପିତ ହୋଇଥିବା ଅଦାଲତ ସମୂହ ପାଇଁ ଉଦ୍ଦିଷ୍ଟ ଲିଙ୍ଗ ନିରପେକ୍ଷ ଶବ୍ଦକୋଷରେ। ଏହି ଶବ୍ଦକୋଷରେ ମହିଳା ମାନଙ୍କ ପ୍ରତି ନ୍ୟାୟପାଳିକାରେ ବିଚାରପତିମାନେ ଯେଉଁ ଧରାବନ୍ଧା ଶବ୍ଦାବଳୀମାନ ବ୍ୟବହାର କରୁଥିଲେ, ତାହାକୁ ବଦଳାଇବାର ସୁପାରିସ ରହିଛି। ଏକାଧିକ ହାଇକୋର୍ଟର ବିଜ୍ଞ ମହିଳା ବିଚାରପତିଙ୍କ ଦ୍ୱାରା ପ୍ରସ୍ତୁତ ଏହି ଲିଙ୍ଗ ନିରପେକ୍ଷ ଶବ୍ଦକୋଷକୁ ସ୍ୱୟଂ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଡି.ୱାଇ ଚନ୍ଦ୍ରଚୂଡ଼ ଆବଶ୍ୟକ ଦିଗଦର୍ଶନ ଦେବା ସହିତ ଏହାର ସମ୍ପାଦନା ମଧ୍ୟ କରିଛନ୍ତି।

ଏହି ବହି ଖଣ୍ଡିକ ଏବେ ସାର୍ବଜନୀନ ହେବା ପରେ ବିଚାରପତି ମାନଙ୍କୁ ମହିଳାମାନଙ୍କ ସମ୍ପର୍କରେ ବ୍ୟବହାର କରୁଥିବା ନିଜର ଭାଷା ପ୍ରତି ଅଧିକ ସଚେତନ ରହିବା ପଡ଼ିବ। ଆଗରୁ ମହିଳା ମାନଙ୍କୁ ରକ୍ଷଣଶୀଳ ପୁରୁଷପ୍ରଧାନ ସମାଜ ଯେଉଁସବୁ ନାମ ଦେଇ ବର୍ଗୀକୃତ କରିଥିଲା, ତାହା ଆଉ ଚଳିବ ନାହିଁ। ଉଦାହରଣ ସ୍ୱରୂପ ଅବିବାହିତ ମହିଳାମାନଙ୍କୁ ଆଗରୁ ଇଂରାଜୀରେ ସ୍ପିନଷ୍ଟର ବୋଲି ଯାହା କୁହାଯାଉଥିଲା, ତାହାର ପୁନରାବୃତ୍ତି ଆଉ ଅଦାଲତର ଭାଷାରେ ହେବନାହିଁ। ଯେଉଁ ଯୁବତୀ ବା ମହିଳା ବିବାହ କରି ନାହାନ୍ତି, ସେମାନଙ୍କ ଅବିବାହିତ ବା ଅନମ୍ୟାରେଡ଼ ବୋଲି ବିଚାରପତି ଉଲ୍ଲେଖ କରିବେ। ସେହିଭଳି ମିଷ୍ଟ୍ରେସ୍ ଶବ୍ଦ ପରିବର୍ତ୍ତେ ପୁରୁଷଙ୍କ ସହିତ ବିବାହ ବହିର୍ଭୂତ ଦୈହିକ ସମ୍ପର୍କ ରକ୍ଷାକାରୀ ମହିଳା ବୋଲି କୁହାଯିବ, କାରଣ ମିଷ୍ଟ୍ରେସକୁ ଅନେକ ରକ୍ଷିତା ଭାବେ ବିଚାର କରନ୍ତି। କେବଳ ସେତିକି ନୁହେଁ ଏବେ ଗଣିକା ମାନଙ୍କୁ ଯୌନକର୍ମୀ ଇଭଟିଜିଂକୁ ଷ୍ଟ୍ରିଟ ସେକସୁଆଲ ହାରାସମେଣ୍ଟ ବା ରାସ୍ତାଘାଟରେ ଯୌନ ନିର୍ଯାତନା ଭାବେ ଉଲ୍ଲେଖ କରାଯିବ। ଏହାଛଡ଼ା ତୃତୀୟଲିଙ୍ଗ ବର୍ଗରେ ଏଲଜିବିଟି କ୍ୟୁ+ ସମୁଦାୟକୁ ରଖି ଏହି ଶବ୍ଦକୋଷରେ ଲିଙ୍ଗ ବର୍ଣ୍ଣନାର ଉଦାରତା ପ୍ରଦର୍ଶନ କରାଯାଇଛି।

ଆମର ବିଡ଼ମ୍ବନା ହେଲା ମହିଳା ମାନଙ୍କୁ ଆମ ସମାଜ ବିଭିନ୍ନ ପ୍ରକାର ପରିଚୟ ଦେଇଆସିଛି ଏବଂ ସେଥିମଧ୍ୟରୁ ଅନେକ ଅଶୋଭନୀୟ ଓ କଟୂକ୍ତିର ପରିଚାୟକ। ସତୀ, ଅସତୀ, ବେଶ୍ୟା, ବାରବଧୂ, ରକ୍ଷିତା, ଅକ୍ଷତଯୋନୀ ଓ ଆହୁରି କେତେ କଣ ଶବ୍ଦ ସବୁ ରହିଛି ଯାହା ଏକ ଲିଙ୍ଗଗତ କାଳିମା। ହାଉସୱାଇଭ ଓ ଇଭଟିଜିଂ ଆଦି ଶବ୍ଦର ଆଖିବୁଜା ବ୍ୟବହାର ମଧ୍ୟ ହୋଇଆସୁଛି। ଦୁର୍ଭାଗ୍ୟର ବିଷୟ ହେଲା ସମୟକ୍ରମେ ଆମ ନ୍ୟାୟପାଳିକା ଓ ନ୍ୟାୟବିଧିରେ ସେସବୁ ଶବ୍ଦର ଇଂରାଜୀ ସ୍ଲାଙ୍ଗ ନାମ ସବୁ ରହିଛି ଏବଂ ଧରାବନ୍ଧା ଭାବେ ଆମ ନ୍ୟାୟମୂର୍ତ୍ତିମାନେ ଏସବୁ ଶବ୍ଦକୁ ବ୍ୟବହାର କରି ଆସୁଛନ୍ତି। କେବଳ ସେତିକି ନୁହେଁ, ତୃତୀୟ ଲିଙ୍ଗର ମଣିଷମାନଙ୍କୁ ସମାଜରେ ମାଇଚିଆ, ହିଂଜଡ଼ା ଓ ଆଉ ବିଭିନ୍ନ ପ୍ରକାର ଅଶୋଭନୀୟ ନାମରେ ସମ୍ବୋଧନ କରାଯାଇଆସୁଛି। ଆଜି ପର୍ଯ୍ୟନ୍ତ ଏଥିପ୍ରତି କେହି ଏତେଟା ସଚେତନ ହେଉ ନଥିଲେ। ମହିଳା ବିଚାରପତିମାନେ ମଧ୍ୟ ସେହି ଗଡ଼ଳିକା ପ୍ରବାହରେ ଚାଲିଆସୁଥିଲେ। ମହିଳା ସଶକ୍ତୀକରଣ, ଲିଙ୍ଗଗତ ନ୍ୟାୟ ଓ ସଚେତନତା ଏବେ ଗୁରୁତ୍ୱ ପାଉଛି। ତେଣୁ ଆଇନ ଓ ବିଚାର ବ୍ୟବସ୍ଥା ମଧ୍ୟ ଏହାର ଉଚ୍ଚାରଣ ଓ ଆଚରଣରେ ଲିଙ୍ଗ ନିରପେକ୍ଷ ହେବା ଉଚିତ। ବଡ଼କଥା ହେଲା ଆମ ବିଚାରପତିମାନେ ଏହି ପରିପ୍ରେକ୍ଷୀରେ ନିଜ କ୍ଷେତ୍ରରେ ଯେଉଁ ତ୍ରୁଟି କରି ଆସୁଥିଲେ, ତାହାକୁ ନିଜେ ବିଚାର କରି ସୁଧାରିବାକୁ ଚେଷ୍ଟା କରୁଛନ୍ତି। ଏହା ନିଶ୍ଚିତ ଏକ ଯୁଗାନ୍ତକାରୀ ପଦକ୍ଷେପ ଓ ସ୍ୱାଗତଯୋଗ୍ୟ। ଏହି ନୂଆ ଶବ୍ଦକୋଷ ବିଚାରପତି ମାନଙ୍କୁ ନ୍ୟାୟ ପ୍ରଦାନ ସମୟରେ ବିଶେଷ ସାହାଯ୍ୟ କରିବ। ଏହାଦ୍ୱାରା ମଧ୍ୟ ବୈଧାନିକ ଆଲୋଚନା, ପର୍ଯ୍ୟାଲୋଚନା ଓ ତର୍ଜମା କାଳରେ ମହିଳା ତଥା ତୃତୀୟଲିଙ୍ଗର ଲୋକାମାନଙ୍କୁ ଅତିକମରେ ଧରାବନ୍ଧା ଭାବେ ଚିହ୍ନଟ ବା ଚିତ୍ରିତ ନକରି ମର୍ଯ୍ୟାଦାର ସହ ଉପସ୍ଥାପନ କରିବାର ଏକ ନୂଆ ସ୍ୱାଗତଯୋଗ୍ୟ ଧାରା ଆରମ୍ଭ ହେବ। ଏହି ଶବ୍ଦକୋଷରେ ୪୩ ଲିଙ୍ଗଗତ ଦୃଷ୍ଟିରୁ ଅନୁପଯୁକ୍ତ ଶବ୍ଦ ସ୍ଥାନ ପାଇଛି ଏବଂ ବିଚାରପତିମାନଙ୍କ ପାଇଁ ଏହା ଏକ ମାର୍ଗଦର୍ଶନ ପୁସ୍ତକ ବା ହ୍ୟାଣ୍ଡବୁକ୍ ଭାବେ କାର୍ଯ୍ୟ କରିବ। ସେମାନେ ନିଜର ନିର୍ଦ୍ଦେଶ, ରାୟ ଶୁଣାଣି ସମୟରେ ସମ୍ପୃକ୍ତ ନିଷିଦ୍ଧ ଶବ୍ଦର ବ୍ୟବହାରକୁ ବନ୍ଦ କରିବାକୁ ଯଥାସାଧ୍ୟ ଚେଷ୍ଟା କରିବେ। ସର୍ବୋଚ୍ଚ ନ୍ୟାୟାଳୟ ଏହି ପ୍ରସଙ୍ଗରେ ପ୍ରଥମେ ନିଜକୁ ନିରୀକ୍ଷଣ କରି ପ୍ରତିକାର ବ୍ୟବସ୍ଥା କରିଛି। ଏହି ବିଶୋଧନ ପ୍ରୟାସ ସ୍ୱାଗତଯୋଗ୍ୟ। ପ୍ରଧାନ ବିଚାରପତି ଯଥାର୍ଥରେ କହିଛନ୍ତି ଯେ ଆଇନ ଓ ବିଚାର କ୍ଷେତ୍ରରେ ଭାଷାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବିଚାରପତି ଓ ଆଇନଜୀବୀମାନେ ମାମଲା ପରିଚାଳନା ଓ ରାୟ ଶୁଣାଇବା, ଲେଖିବା ସମୟରେ ଏମିତି ଅନେକ ଶବ୍ଦ ଓ ରୁଢ଼ି ବ୍ୟବହାର କରନ୍ତି, ଯାହା ବହୁ ପ୍ରାଚୀନ ଏବଂ ବହୁଳ ପ୍ରଚଳିତ ହେବା ସତ୍ତ୍ୱେ ଲଙ୍ଗଗତ ଦୃଷ୍ଟିରୁ ନିରପେକ୍ଷ ନୁହେଁ। ଏହାପଛରେ ପୁରୁଷପ୍ରଧାନ ସମାଜର କ୍ରୁର ପରମ୍ପରା ନିହିତ। ତେଣୁ ଗଣିକା, ପତିଶ, ଦୁଶ୍ଚରିତ୍ରା, ରକ୍ଷିତା, ଜାରଜ, ଉତ୍ତେଜକ ପୋଷାକ ଭଳି କେତେକ ଶବ୍ଦକୁ ଆଉ ରାୟ ପ୍ରଦାନ ଓ ଶୁଣାଣି ସମୟରେ ବ୍ୟବହାର କରାଯିବ ନାହିଁ ବୋଲି ଏହି ନୂତନ ହ୍ୟାଣ୍ଡବୁକ୍ ମାଧ୍ୟମରେ ସ୍ପଷ୍ଟ କରିଦିଆଯାଇଛି। ଉଚ୍ଚତମ ବିଚାରାଳୟର ଏହି ପ୍ରୟାସକୁ ଆମେ ସ୍ୱାଗତ କରୁଛୁ ଏବଂ ଏହାକୁ ଆମ ନ୍ୟାୟପାଳିକା ସର୍ବାନ୍ତକରଣରେ ପାଳନ କରିବେ ବୋଲି ଆମର ଆଶା ଓ ବିଶ୍ୱାସ। ତେବେ ଇଂରାଜୀରେ ରାୟ ପ୍ରଦାନ ବେଳେ ଯେତେବେଳେ ଏହାର ଅନୁବାଦ ଅନ୍ୟ ଭାଷାରେ ପ୍ରକାଶ ପାଉଛି, ସେଥିରେ ମଧ୍ୟ ଅନୁରୂପ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ। ଏଥିପାଇଁ ଆମ ଗଣମାଧ୍ୟମର ଦାୟିତ୍ୱ ବେଶ ଅଧିକ। ଆଇନର ଭାଷାରେ ଯଦି ଲିଙ୍ଗ ବୈଷମ୍ୟର ନିର୍ଦ୍ଦିଷ୍ଟ ସଂସ୍କାର ଅଣାଯାଏ, ତେବେ ତାହା କ୍ରମେ ଶାସନ ଓ ପ୍ରଶାସନର ଭାଷାରେ ପ୍ରତିଫଳିତ ହୁଏ ଏବଂ ପରବର୍ତ୍ତୀ ସମୟରେ ସାମାଜିକ ଚଳଣିରେ ମଧ୍ୟ ଲିଙ୍ଗ ବୈଷମ୍ୟ ହ୍ରାସ ପାଇ ଶାଳୀନ ଉଚ୍ଚାରଣ ବୃଦ୍ଧି ପାଏ। ଭାରତର ପ୍ରଧାନ ବିଚାରପତି ଏ ଯେଉଁ ଅଭିନବ ପଦକ୍ଷେପ ନେଇଛନ୍ତି ତାହା ନିଶ୍ଚୟ ଏକ ବୈପ୍ଳବିକ ପ୍ରୟାସ।


ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୧୬୩୫୨୮


# ଦେହର ଯତ୍ନ

**॥ ଇଂ.ସଚ୍ଚିଦାନନ୍ଦ ନନ୍ଦ ॥**

ଡାକ୍ତରମାନେ ସ୍ୱୀକାର କରନ୍ତି ଯେ କୁଖାଦ୍ୟ ଖାଇବାର ଅଭ୍ୟାସ ଓ ଅସଙ୍ଗତ ଭାବରେ ଅବସର କାଟିବା ରୋଗର କାରଣ। ମାତ୍ର ସେମାନେ ବୋଧହୁଏ ଜାଣନ୍ତି ନାହିଁ ଯେ ‘ଖାଦ୍ୟ’ ବହୁ ପ୍ରକାରର ଖାଦ୍ୟ ସାମଗ୍ରୀକୁ ବୁଝାଏ। ଇନ୍ଦ୍ରିୟ ମାନଙ୍କ ମାଧ୍ୟମରେ ଯେଉଁସବୁ ଅନୁଭୂତି ସଂଗ୍ରହ କରାଯାଏ, ସେ ସବୁ ମଧ୍ୟ ଖାଦ୍ୟ, ଆଉ ସେ ସମସ୍ତ ଖାଦ୍ୟ ମଣିଷର ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇଥାଏ। ଆମେ ବେଳେ ବେଳେ ‘ଚିନ୍ତାର ଖୋରାକ’ ବୋଲି କହିଥାଉ। ଆମେ ଯାହା ଶୁଣୁ, ଯାହା ଦେଖୁ, ଯାହା ଶୁଙ୍ଘୁ ବା ଯାହା ସ୍ପର୍ଶ କରୁ ସେ ସବୁ ଶରୀର ଉପରେ ଭଲ ବା ମନ୍ଦ ପ୍ରଭାବ ପକାଇଥାନ୍ତି। କେତେ ଲୋକ ରକ୍ତ ଦେଖୁ ଦେଖୁ ମୂର୍ଚ୍ଛା ହୋଇଯାଆନ୍ତି। ଗୋଟିଏ ଦୁଃସମ୍ବାଦ ମଧ୍ୟ ଅନେକଙ୍କୁ ଖୁବ୍ ଆଘାତ ଦେଇଥାଏ। ଅରୁଚିକର ଗନ୍ଧ କିମ୍ବା କୌଣସି ଅବାଞ୍ଛିତ ପଦାର୍ଥକୁ ସ୍ପର୍ଶକଲା ମାତ୍ରେ ଶରୀରରେ ରୋମାଞ୍ଚ (ଆଲର୍ଜି) ଜାତ ହୋଇଥାଏ ଏବଂ ଶରୀର ତାହା ସହି ପାରେନା। ସୁସ୍ଥ ମନର ଫଳ ହେଉଛି ସୁସ୍ଥ ଶରୀର ଏବଂ ସୁସ୍ଥ ଶରୀରର ପ୍ରକାଶ ହେଉଛି ସୁସ୍ଥ ମନ। ଏ ଦୁଇଟି ଯାକ ପରସ୍ପର ଉପରେ ନିର୍ଭରଶୀଳ। ଆମେ ଯେଉଁ ଖାଦ୍ୟ ଖାଉ ତାହା ସୁସ୍ୱାଦୁ, ପ୍ରାଣଶକ୍ତି ଯୁକ୍ତ ଓ ରୁଚିକର ହେବା ଦରକାର। ଏହା ଖୁବ ରାଗ ବା ଖୁବ୍ ଲୁଣିଆ ହେବା ଉଚିତ ନୁହେଁ। ଏଥିରେ ଗୋଟିଏ ସମାନୁପାତ ରହିବା ଦରକାର। ଏହା ଉତ୍ତେଜନା କିମ୍ବା ଆଳସ୍ୟ ସୃଷ୍ଟି କରିବା ଉଚିତ ନୁହେଁ। ରାଜସିକ ଖାଦ୍ୟ ପ୍ରବୃତ୍ତିକୁ ଉତ୍ତେଜିତ କରାଏ। ତାମସିକ ଖାଦ୍ୟ ଆଳସ୍ୟ ଓ ନିଦ୍ରା ଜାତ କରାଏ। ସାତ୍ତ୍ୱିକ ଖାଦ୍ୟ ଦିଏ ତୃପ୍ତି। ଗୀତାରେ ‘ଯୁକ୍ତାହାର ବିହାରସ୍ୟ’ ବା ସଂଯତ ଆହାର ବିହାର କଥା କୁହାଯାଇଛି। ଖାଦ୍ୟର ସ୍ଥୁଳ ରୂପ ମଳ ଆକାରରେ ଦେହରୁ ବାହାରିଯାଏ, ସୂକ୍ଷ୍ମ ରୂପ ମାଂସପେଶୀ ଓ ରକ୍ତର ପରିଣତ ହୁଏ। ଖାଦ୍ୟର ସୂକ୍ଷ୍ମତମ ଅଂଶ ମାନସିକ କ୍ରିୟାକଳାପରେ ରୂପାନ୍ତରିତ ହୁଏ। ସେଥିପାଇଁ ମଣିଷ ମଧ୍ୟରେ ଆଧାତ୍ମିକ ଅଭୀପ୍‌ସା ସୃଷ୍ଟି କରିବା ତଥା ପ୍ରତିକୂଳ ପ୍ରବୃତ୍ତିମାନଙ୍କର ପ୍ରତିବିଧାନ କରିବା ନିମନ୍ତେ ମୁନିଋଷିମାନେ ଖାଦ୍ୟପେୟରେ କେତୋଟି ସଂଯମ ପାଳନ କରିବାକୁ ପରାମର୍ଶ ଦେଇଛନ୍ତି।

ଦେହକୁ ଯତ୍ନ ଓ କୋମଳତାର ସହ ପାଳନ କରିବାକୁ ହେବ। ଏହା ଈଶ୍ୱରଙ୍କର ଗୋଟିଏ ଅତି ମୂଲ୍ୟବାନ ଉପହାର। ଉନ୍ନତ ଉଦ୍ଦେଶ୍ୟ ସାଧନ ନିମନ୍ତେ ଏହା ଗୋଟିଏ ଅତି ଜଟିଳ ଓ ସୁସଂଗଠିତ ଯନ୍ତ୍ର। ଏହାର ବାହ୍ୟ ରୂପକୁ ମଧ୍ୟ ସୁପରିଚ୍ଛନ୍ନ ଓ ପବିତ୍ର ରଖିବା ଦରକାର। ଆନନ୍ଦ ନାମକ ଫଳଟିର ଚୋପା ହେଲା ଏ ଦେହ। ଏ ଦେହର ମାଂସ, ପେଶୀ, ହାଡ଼ ଓ ନାଡ଼ୀଗୁଡ଼ିକ ଫଳଟିର ସୁମିଷ୍ଟ ଶସ। ମଣିଷ ଜୀବନରେ ମିଶି ରହିଥିବା ଦୁର୍ଗୁଣ, ଦୁର୍ମତି ସବୁ ଫଳର ଅଖାଦ୍ୟ ଟାଣ ମଞ୍ଜି। ଆଉ ଯେଉଁ ରସ ପାଇଁ ଗଛଟିକୁ ଲଗାଯାଇଛି ତାହା ହେଲା ଦିବ୍ୟାନନ୍ଦ। ଚରିତ୍ର ଉତ୍ତମ ହେଲେ ଶରୀର ମଧ୍ୟ ଶୋଭାଯୁକ୍ତ ହୁଏ। ଏହାର ଶୋଭା ଓ ରମଣୀୟତାକୁ ବଞ୍ଚାଇ ରଖେ ମାନବ ସେବା ଓ ଈଶ୍ୱର ଆରାଧନା। ଆଗକାଳରେ ପ୍ରକୃତି ଫଳ, ମୂଳ, ପତ୍ର, ବିଶ୍ରାମ, ବାସଗୃହ ପରିବର୍ତ୍ତନ, ଖାଦ୍ୟ ନିୟନ୍ତ୍ରଣ, ସାଧନା ଆଦି ମଧ୍ୟରେ ଯେଉଁ ସରଳ ସ୍ୱାଭାବିକ ପ୍ରତିକାର କରୁଥିଲା ସେଥିରେ ସବୁ ରୋଗ ଭଲ ହୋଇଯାଉଥିଲା। ମାତ୍ର ଆଜି ମଣିଷ ବଟିକା ଓ ଇଞ୍ଜେକସନ୍ ଯୁଗରେ ବାସ କରୁଛି। କେବେହେଲେ ଭାବ ନାହିଁ ଯେ ଡାକ୍ତରମାନେ ସ୍ୱାସ୍ଥ୍ୟ ନିୟନ୍ତ୍ରଣ ବା ରକ୍ଷଣ କରୁଛନ୍ତି କିମ୍ବା ଔଷଧ ଉତ୍ତମ ସ୍ୱାସ୍ଥ୍ୟର ପ୍ରତିଶ୍ରୁତି ପ୍ରଦାନ କରୁଛି। ତାହାହେଲେ ତ ମୃତ ଲୋକେ ବି ଜୀବନ ପାଇସାରନ୍ତେଣି। ପରୀକ୍ଷା କରି ଦେଖ, ଡାକ୍ତରମାନେ ଅନ୍ୟକୁ ଯେଉଁ ଉପଦେଶ ଦେଉଛନ୍ତି, ସେମାନେ ନିଜେ ତାହା ପାଳନ କରୁଛନ୍ତି କି ନାହିଁ। ଯେଉଁ ଅଭ୍ୟାସ ଛାଡ଼ିବା ପାଇଁ ସେମାନେ ଅନ୍ୟକୁ ଉପଦେଶ ଦିଅନ୍ତି, ସେମାନେ ନିଜେ ସେଇ ଦୁରଭ୍ୟାସର ଅଧୀନ। ସେମାନେ କହନ୍ତି ଧୂମପାନ ଓ ନିଶା ସେବନ ସ୍ୱାସ୍ଥ୍ୟ ପକ୍ଷରେ ଅହିତକର, ମାତ୍ର ସେମାନେ ଏ ଦୁଇଟିଯାକର ବଶବର୍ତ୍ତୀ ହୋଇ ନିଜେ ନିନ୍ଦା କରୁଥିବା ଦୁରଭ୍ୟାସଗୁଡ଼ିକୁ ଉତ୍ସାହିତ କରିଥାନ୍ତି ମାତ୍ର। ଆମ ମାନଙ୍କର ଆଜି ଏହି ପ୍ରକାରର ସ୍ୱାସ୍ଥ୍ୟ ପରାମର୍ଶଦାତା ଅଛନ୍ତି। ଆଧାତ୍ମିକ, ନୈତିକ, ଆର୍ଥିକ, ରାଜନୈତିକ, ସାହିତ୍ୟିକ, ପ୍ରତ୍ୟେକ କ୍ଷେତ୍ରରେ ପ୍ରକୃତ ନାୟକର ଅଭାବ ହିଁ ସଂସାରର ସମସ୍ତ ଦୁଃଖ, ଦୁର୍ଦ୍ଦଶା, ଉଦ୍‌ବେଗ, ଭୟ ଓ ଯନ୍ତ୍ରଣାର ମୂଳ କାରଣ। ତୁମେମାନେ ଦିବ୍ୟାତ୍ମାସ୍ୱରୂପ। ଅନ୍ୟମାନଙ୍କ ଠାରୁ ସମ୍ମାନ ଓ ସ୍ୱୀକୃତି ପାଇବା ଲାଗି ବ୍ୟାକୁଳ ହୁଅନାହିଁ ବରଂ ଈଶ୍ୱରଙ୍କ କୃପା ଲାଭ ପାଇଁ ଆକାଂକ୍ଷା କର। ଏହି ଲକ୍ଷ୍ୟ ପୂରଣ ଦିଗରେ ଯେତେ ବାଧାବିଘ୍ନ ଆସିଲେ ବି ହତୋତ୍ସାହ ହୁଅନା, ବାଟବଣା ହୁଅନା।


ଅଲିଶା ବଜାର, କଟକ

ଦୂରଭାଷ : ୯୩୩୭୨୪୨୯୫୫

## କେବିଇଏମ ତରଫରୁ ରକ୍ତଦାନ ସହିତ ସାମ୍ବାଦିକ ସ୍ୱାଭିମାନ ରକ୍ଷା ଦିବସ ପାଳିତ



କାକଟପୁର (ମହାଭାରତ),କାକଟପୁରର ଅଗ୍ରଣୀ ଶିକ୍ଷାନୁଷ୍ଠାନ କେବିଇଏମ କିଡ୍ସ ପବ୍ଲିକ ସ୍କୁଲ ପକ୍ଷରୁ ଏକ ମେଗା ରକ୍ତଦାନ ଶିବିର ସ୍କୁଲ ପରିସରରେ ଆୟୋଜିତ ହୋଇଯାଇଛି । ଉକ୍ତ ଶିବିରକୁ କାକଟପୁର ଥାନା ଆଇଆଇସି ଉମେଶ ଚନ୍ଦ୍ର ସାହୁ, କାକଟପୁର ପ୍ରେସ କ୍ଲବର ସଭାପତି କମଳ ଲୋଚନ ଦୀକ୍ଷିତ, ଅନୁଷ୍ଠାନର ନିର୍ଦ୍ଦେଶକ ଦିବ୍ୟରଞ୍ଜନ ସାହୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ପରେ ରକ୍ତଦାନ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଏହି ଅବସରରେ ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ, କାକଟପୁର ଏବଂ ଅସ୍ତରଙ୍ଗ ଅଞ୍ଚଳର ପ୍ରମୁଖ ସାମ୍ବାଦିକ ମାନେ ରକ୍ତଦାନ କରିବା ସହିତ ଏହାଦ୍ୱାରା ରକ୍ତର ଅଭାବକୁ ମେଣ୍ଟାଇବା ସହଜ ହେବ ଓ ରକ୍ତର ଅଭାବ କାରଣରୁ ଯେମିତି କାହାର ଜୀବନ ନଯାଏ ଏହି ଲକ୍ଷ୍ୟ ସାଧିତ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ଅନୁଷ୍ଠାନର ପ୍ରଶାସନିକ ଅଧିକାରୀ ମାନସ ରଞ୍ଜନ ସେଠୀ, ସହ-ନିର୍ଦ୍ଦେଶକ ଆଲୋକ ରଞ୍ଜନ ପାଣି, ଅଧକ୍ଷା ଲକ୍ଷ୍ମୀପ୍ରିୟା ବିଶ୍ୱାଳଙ୍କ ସମେତ ସମସ୍ତ ଶିକ୍ଷକ ଏବଂ ଶିକ୍ଷୟିତ୍ରୀ ମାନେ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ମୋଟ ୩୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଭୁବନେଶ୍ୱରର ରେଡକ୍ରସ ର ଡାକ୍ତର ଏବଂ ଅଧିକାରୀ ମାନେ ରକ୍ତ ସଂଗ୍ରହ କରିଥିଲେ । ସମାଜ ଗଠନ ଓ ପରିବ□ନ ରେ ଗଣତନ୍ତ୍ର ର ଚତୁର୍ଥ ସ୍ତମ୍ଭ ର ସ୍ୱତନ୍ତ୍ର ଭୂମିକା କୁ ନେଇ ଆଜି ଜାତୀୟ ଯୁବ ଦିବସ ରେ କାକଟପୁର ଏବଂ ଅସ୍ତରଙ୍ଗ ଅଞ୍ଚଳର ସମସ୍ତ ସାମ୍ବାଦିକ ମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସବୁ ପରିସ୍ଥିତି ରେ ଗଣମାଧ୍ୟମ ର ଭୂମିକା ଆଉ ବୀନା ସୁରକ୍ଷା ରେ ଗୋଟେ ସିପାହୀ ଭଳି ଅଞ୍ଚଳ ର ଟିକନିକ ଘଟଣା କୁ ନିଜ କଲମ ଓ କ୍ୟାମେରା ରେ ସ୍ଥାନ ଦେଇ ସମାଜ ରେ ଶୃଙ୍ଖଳା ଆଣିବାକୁ ସାମ୍ବାଦିକ ଙ୍କ ନିରପେକ୍ଷ ପ୍ରୟାସ କୁ ଉପସ୍ଥିତ ଅତିଥି ସାଧୁବାଦ ଦେବା ସହ ଆଜି କାଞ୍ଚନ ବାଳା ଶିକ୍ଷା ଅନୁଷ୍ଠାନ ତରଫରୁ ଦିଆଯାଇଥିବା ସମ୍ବର୍ଦ୍ଧନା କୁ ତାରିଫ କରିଥିଲେ ।

## ବ୍ରହ୍ମପୁର ମେଡିକାଲରେ ମୃତ୍ୟୁ ପରେ ଟେଲାପାଲି ଗ୍ରାମବାସୀଙ୍କ କ୍ଷତି ପୂରଣ ଦାବିରେ ରାସ୍ତା ଅବରୋଧ

### ଥାନା ଅଧିକାରୀଙ୍କ ବୁଝା ସୁଝା ପରେ ଅବରୋଧ ହଟିଲା,

କନ୍ଧମାଳ:(ମହଭାାତ):ଫିରିଙ୍ଗିଆ ବ୍ଲକ ଡିଣ୍ଡିରା ଗାଁ ପଞ୍ଚାୟତ ଫିରିଙ୍ଗିଆ ଫୁଲବାଣୀ ମୁଖ୍ୟ ରାସ୍ତାର ଟେଲାପାଲି ଗାଁରେ ରାସ୍ତାରେ ଗୋପାଳ ରଣା ନାମକ ୫୯ ବର୍ଷୀୟ ବ୍ୟକ୍ତିକୁ ବାଇକ ଧକ୍କା ଦେବା ଫଳରେ ବ୍ୟକ୍ତି ଜଣକ ଗୁରୁତର ଆହତ ହୋଇଥିବା ବେଳେ ଦୁର୍ଘଟଣା ଘଟାଇ ଥିବା ଡ଼ିମିରିଗୁଡା ଗାଁର ବାଇକ ଚାଳକ ରୁଦ୍ର ଦିଗାଲ ଏବଂ ଅନ୍ୟ ଜଣେ ଗଣେଶ ସାହୁ ମଧ ଆହତ ହୋଇଥଲେ ।ଏହି ଘଟଣା ପରେ ଘଟଣା ସ୍ଥଳରୁ ଗୁରୁତର ଆହତ ଗୋପାଳ ରଣାକୁ ପ୍ରଥମେ ଫୁଲବାଣୀ ମେଡିକାଲ ଓ ପରେ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରଯାଇଥିଲା। ବ୍ରହ୍ମପୁର ମେଡିକାଲ ଯିବା ବାଟରେହିଁ ଗୋପାଳ ରଣାର ମୃତ୍ୟୁ ଘଟିଥିଲା ।ଏହି ଘଟଣାରେ ଆଜି ସକାଳୁ ରାଜ୍ୟ ରାଜପଥ ବାଲିଗୁଡା ଫିରିଙ୍ଗିଆ ମୁଖ୍ୟ ରାସ୍ତାର



ଟେଲାପାଲି ଠାରେ ଉତ୍ୟକ୍ତ ଶତାଧିକ ଅଞ୍ଚଳ ବାସୀ କ୍ଷତି ପୂରଣ ଦାବିରେ ଟାଇଆର ଜାଳି ରାସ୍ତା ଅବରୋଧ କରିବା ସହ ରାସ୍ତା ରୋକ କରିଥିଲେ । ଘଟଣା ସ୍ଥଳରେ ଫିରିଙ୍ଗିଆ ଥାନା ଅଧିକାରୀ ଗୋପୀନାଥ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝା ସୁଝା କରିଥିଲେ ତଥାପି ରାସ୍ତା ଅବରୋଧ ହଟି ନଥିଲା ଦୀର୍ଘ ସକାଳ ୬ ଟାରୁ ୧୦ ଟା ପର୍ଯ୍ୟନ୍ତ ଲୋକେ କ୍ଷତି ପୂରଣ ଦାବିରେ ରାସ୍ତା ଅବରୋଧ ସହ ତୁରନ୍ତ କ୍ଷତି ପୂରଣ ସହ ପରିବାରର ଅସୁବିଧା ଦୃଷ୍ଟିରୁ ମେଡିକାଲ ରୁ ଶବ ଟେଲା ପାଲି ଗ୍ରାମକୁ ପହଞ୍ଚାଇବାକୁ ନିବେଦନ କରିଥିଲେ । ଅନ୍ୟ ପଟେ ଫିରିଙ୍ଗିଆ ଥାନା ଅଧିକାରୀ ଗୋପୀନାଥ ପ୍ରଧାନ ପରିବାର ଓ ଉତ୍ୟକ୍ତ ଲୋକଙ୍କୁ ଶବ ଗାଁକୁ ପହଞ୍ଚିବା ଖର୍ଚ୍ଚ ଓ ଓ କ୍ଷତି ପୂରଣ ବ୍ୟବସ୍ଥା କରିବା ପାଇଁ ସମ୍ପୂର୍ଣ ସହଯୋଗ କରିବା ପାଇଁ ପ୍ରତିଶୃତି ଦେବା ପରେ ଉତ୍ୟକ୍ତ ଲୋକେ ରାସ୍ତା ଅବରୋଧ ରୁ ହଟିଥିଲେ । ତେବେ ସେହି ଦିନ ହିଁ ଫିରିଙ୍ଗିଆ ବ୍ଲକ ଗୋଛାପଡା ବନ୍ଦୁଲି ରାସ୍ତା ରେ ୩ ଜଣ ବାଇକରେ ୨ ଭାଇ ବାଲୁ କହଁର,ରତି କହଁର ଓ ଶ୍ରୀଗୁଣୀ ର ଜରିନ୍ଦ୍ର କହଁର ଗୋଛାପଡା ଯାଉଥିବା ବେଳେ ବନ୍ଦୁଲି ଗାଁ ଶ୍ରୀଗୁଣୀ ଦୋକାନକୁ ସିମେ଼ ବୋଝେଇ ଟ୍ରକ ଗୋଛାପଡା ରୁ ଶ୍ରୀଗୁଣୀ ଦୋକାନ ଯାଉଥିବା ବେଳେ ବନ୍ଦୁଲି ନିକଟରେ ଟ୍ରକ ନିଜେ ଧକ୍କା ଦେଇଥିଲେ ଏହି ଧକାରେ ୩ ଜଣକର ଡାହାଣ ଗୋଡ଼ ଭାଙ୍ଗିଥିଲା ସେହିଭଳି ନୁଆଁପଡା ବାଙ୍କରେ ମଧ ଗୋଟିଏ ଅଟୋ ଓଲଟି ଯିବା ଫଳରେ ଅଟୋ ଡ୍ରାଇଭର ଆହତ ହୋଇଥିଲେ । ଫିରିଙ୍ଗିଆ ବ୍ଲକ ରେ ବାରମ୍ବାର ଏଭଳି ଦୁର୍ଘଟଣା ଘଟିଥିବା ବେଳେ ପୋଲିସ ସମ୍ପୂର୍ଣ୍ଣ ନିଷ୍କ୍ରିୟ ରହିଛି ଯାହାକୁ ନେଇଁ ଫିରିଙ୍ଗିଆ ବ୍ଲକ ରେ ଅସନ୍ତୋଷ ଦେଖା ଦେଇଛି । ଆଗାମୀ ଦିନରେ ପ୍ରଶାସନ ତରଫରୁ କୌଣସି ସମାଧାନ ରାସ୍ତା କିମ୍ବା ସହାୟତା ଦିଆ ନଗଲେ ପୁଣି ଥରେ ଆନ୍ଦୋଳନ କରାଯିବ ବୋଲି ଅଞ୍ଚଳ ବାସୀ ଚେତାବନୀ ଦେଇଛନ୍ତି ।ଟେଲା ପାଲି ଦୁର୍ଘଟଣା ରେ ମୃତକ ଙ୍କ ପୁଅ ବାବୁଲା ରଣା ଫିରିଙ୍ଗିଆ ଥାନାରେ ଲିଖିତ ଅଭିଯୋଗ ପରେ ଫିରିଙ୍ଗିଆ ଥାନାରେ ଏକ ମାମଲା ମଧ ରୁଜୁ ହୋଇଛି ଶବ ବ୍ୟବଛେଦ ପରେ ଗାଁରେ ଶବ ପହଞ୍ଚିଛି ଓ ଗାଁ ସ୍ମଶାନ ରେ ଶବ ଦାହ କରାଯାଇଛି ।ଏହି ଘଟଣାରେ ଅଧିକ ତଦନ୍ତ ଚାଲୁରହିଥିବା ଫିରିଙ୍ଗିଆ ଥାନା ଅଧିକାରୀ ଗୋପୀନାଥ ପ୍ରଧାନ ସୂଚନା ଦେଇଛନ୍ତି ।

## ଗ୍ରାମସଂଯୋଜକ ମହାସଂଘ ଦ୍ୱିତୀୟ ବାର୍ଷିକ ଉତ୍ସବ



କରଞ୍ଜିଆ, (ମହାଭାରତ) ଠାକୁରମୁଣ୍ଡା ବ୍ଲକ ଗ୍ରାମସଂଯୋଜକ ମହାସଂଘ ର ଦ୍ୱିତୀୟ ବାର୍ଷିକ ଉତ୍ସବ ରବିବାର ଦିନ ପର୍ଯ୍ୟଟନ ସ୍ଥଳୀ ଭୀମକୁଣ୍ଡ ଠାରେ ଅନୁଷ୍ଠିତ ହୋଇଯାଇଛି ।ମୟୂରଭଞ୍ଜ ଜିଲ୍ଲା ଗ୍ରାମସଂଯୋଜକ ମହାସଂଘର ସଭାପତି ଗଦାଧର ଦାସ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ, ସ୍ୱତନ୍ତ୍ର ଅତିଥି ଭାବେ ଠାକୁରମୁଣ୍ଡା ବ୍ଲକ ଅଧକ୍ଷା ସରୋଜିନୀ ମୁଣ୍ଡା, ବ୍ଲକ ଉପାଧକ୍ଷ ସନ୍ତୋଷ କୁମାର ମହାନ୍ତ, ତରାମରା ସରପଞ୍ଚ ବ୍ରହ୍ମାନନ୍ଦ ଦେହୁରୀ,ଦିଗଧର ସରପ□ ମଳୟ ପରିମାଣିକ, କେଶଡ଼ିହା ସରପଞ୍ଚ□ ବୀଣାପାଣି ନାୟକ,ଚମ୍ପାଝର ସରପ□ ବିକ୍ରମ ପିଙ୍ଗୁଆ ଯୋଗ ଦେଇଥିବା ବେଳେ ଠାକୁରମୁଣ୍ଡା ବ୍ଲକ ଗ୍ରାମ ସଂଯୋଜକ ମହାସଂଘ ସଭାନେତ୍ରୀ ପ୍ରଭାବତୀ ମହାନ୍ତ, କପ୍ତିପଦା ବ୍ଲକ ଗ୍ରାମ ସଂଯୋଜକ ସଙ୍ଘ କୋଷାଧ୍ୟକ୍ଷ ସହଦେ ପାତ୍ର, ଶରତ ଜୋନ ମେଟ ସଙ୍ଘ ସଭାପତି ବିଜୟ ସାମଲ,ଠାକୁରମୁଣ୍ଡା ବ୍ଲକ ଗ୍ରାମ ସଂଯୋଜକ ସମ୍ପାଦକ ସୁଦାମ ନାଏକ, ସହ ସମ୍ପାଦକ ନକୁଳ ମହାନ୍ତ, କୋଷାଧ୍ୟକ୍ଷ ଜଳଧର ମହାନ୍ତ ଯୋଗ ଦେଇଥିଲେ।ଏହି ଅବସର ରେ ବ୍ଲକ ର ଗ୍ରାମସଂଯୋଜକ ମାନେ ଉପସ୍ଥିତ ଥିଲେ। ମହାତ୍ମା ଗାନ୍ଧୀ ଜାତୀୟ କର୍ମ ନିଶ୍ଚିତ ଯୋଜନା ରେ କାର୍ଯ୍ୟକାରୀ ହେଉଥିବା କାମ ରେ ଗ୍ରାମସଂଯୋଜକ ମାନଙ୍କୁ ଦୈନିକ ମଜୁରୀ ପରିମାଣ କମ ଦିଆ ଯାଉଥିବାରୁ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲାୟଗ୍ରାମସଂଯୋଜକ ମାନଙ୍କୁ ମାସିକିଆ ପ୍ରାପ୍ୟ ପ୍ରଦାନ କରାଯିବାକୁ ଦାବୀ କରାଯାଇଥିଲା ।

## କିରିକିଟା ଗ୍ରାମ ପଞ୍ଚାୟତ କୁ ବ୍ଲକ ମାନ୍ୟତା ଦାବି

### ଦାବୀ ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ



ଖଡ଼ିଆଳ:(ମହାଭାରତ)ରାଜ୍ୟ ସରକାରଙ୍କ ତରଫରୁ ଗତ କିଛି ଦିନ ତଳେ ନୂତନ ବ୍ଲକ ଗଠନ ପାଇଁ ଘୋଷଣା କରାଯାଇଥିଲା । ଯାହାକି ପ୍ରତି ୩୦ରୁ ୪୦ କିମି ଦୂରରେ ନୂତନ ବ୍ଲକ ଗୁଡିକ ଗଠନ କରାଯିବ ବୋଲି ପ୍ରକାଶ ପାଇଥିଲା । ସମସ୍ତ ଭିତ୍ତିଭୂମି ଥାଇ ମଧ ନୂଆପଡା ଜିଲ୍ଲାର କିରିକିଟା ଗ୍ରାମ ପଞ୍ଚାୟତ ବ୍ଲକ ମାନ୍ୟତାରୁ ବଞ୍ଚିତ ହୋଇଛି । ରାଜ୍ୟ ସରକାରଙ୍କ ବ୍ଲକ ପୁନଃ ଗଠନ ଘୋଷଣା ଶୁଣିବା ପରେ ଆବାହକ ସନ୍ୟାସୀ ଦାସ ଓ ସଂଯୋଜକ ରାତ୍ରାନନ୍ଦ ମନହିରା ଙ୍କ ନେତୃତ୍ବରେ କିରିକିଟା ଗ୍ରାମ ପଞ୍ଚାୟତ ସହ ଆଖ ପାଖ ପ୍ରାୟ ପନ୍ଦର ଗୋଟି ଗ୍ରାମ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ସଭ୍ୟା, ବୁଦ୍ଧିଜୀବୀ ଓ ବିଭିନ୍ନ ସଂଗଠନ ର ସଦସ୍ୟମାନେ କିରିକିଟା ଠାରେ ଏକତ୍ରିତ ହୋଇ କିରିକିଟା ଗ୍ରାମ ପଞ୍ଚାୟତ କୁ ବ୍ଲକ ମାନ୍ୟତା ଦାବୀ କରିବା ପାଇଁ ଅଣ୍ଟା ଭିଡି ଥିବା ବେଳେ ଆଜି ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ନୂଆପଡ଼ା ଜିଲ୍ଲା ଖଡ଼ିଆଳ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କିରିକିଟା ଗ୍ରାମ ପଞ୍ଚାୟତକୁ ବ୍ଲକ ମାନ୍ୟତା ପ୍ରଦାନ ପାଇଁ ଦୀର୍ଘ ୨୫ ବର୍ଷ ହେବ ଦାବି ହୋଇଆସୁଛିୟ ବର୍ତମାନ ରାଜ୍ୟ ସରକାରଙ୍କ ନୂତନ ବ୍ଲକ ଗଠନ ଘୋଷଣା ଶୁଣିବା ପରେ କିରିକିଟା ଗ୍ରାମ ପଞ୍ଚାୟତ ସହ ପାଖା ପାଖି ପ୍ରାୟ ପନ୍ଦର ଗୋଟି ଗ୍ରାମ ପଞ୍ଚାୟତ ର ସରପ□, ସମିତି ସଭ୍ୟ ସଭ୍ୟା, ବୁଦ୍ଧିଜୀବୀ ମାନେ କିରିକିଟା ଠାରେ ଏକତ୍ରିତ ହୋଇ ବୈଠକ କରିଛନ୍ତି । ଆଜିର ଏହି ବୈଠକରେ ଖଡ଼ିଆଳ ବ୍ଲକର କିରିକିଟା, ସୁନାରୀ ସିକୁଆ, ଡୁଆଝର, ରାଣ୍ଡିମୁଣ୍ଡା, ସରଧାପୁର, ବିରିଘାଟ, ଲାଞ୍ଜି, ଦାବ୍ରି, କେନ୍ଦୁପାଟି, ଖାସବାହାଲ ଗ୍ରାମ ପଞ୍ଚାୟତ ସହ ସିନାପାଲି ବ୍ଲକର ଗଣ୍ଡାବାହାଳି, ମଖାପଦର, ବରଗା ଏବଂ ବୋଡ଼େନ ବ୍ଲକର ଲର୍କା ଓ ରୋକାଲ କୁ ନେଇ ମୋଟ ପନ୍ଦର ଗୋଟି ଗ୍ରାମ ପଂଚାୟତର ସରପଞ୍ଚ, ସମିତି ସଭ୍ୟ ସଭ୍ୟା, ବୁଦ୍ଧିଜୀବୀ, ବିଭିନ୍ନ ଅନୁଷ୍ଠାନର ସଦସ୍ୟ ଯୋଗ ଦେଇ ସମସ୍ତଙ୍କ ପାଇଁ ମଧ ସ୍ଥଳ କିରିକିଟା ଗ୍ରାମ ପଞ୍ଚାୟତ ହେଉଥିବାରୁ କିରିକିଟା କୁ ବ୍ଲକ ମାନ୍ୟତା ଦେବାକୁ ଦାବୀ କରିବା ସହ କିରିକିଟା କୁ ବ୍ଲକ ପୁନର୍ଗଠନ ପ୍ରକ୍ରିୟା ରେ ସାମିଲ କରିବା ପାଇଁ ସରକାରୀ ସ୍ତରରେ ପଦକ୍ଷେପ ନେବାକୁ ଦାବି କରାଯାଇଥିଲା। ଏହି ବୈଠକ ରେ ସାମିଲ ହୋଇଥିବା ବିଭିନ୍ନ ଗ୍ରାମ ପଞ୍ଚାୟତ କିରିକିଟା ଗ୍ରାମପଞ୍ଚାୟତ କୁ ପ୍ରାୟ ୧୦ରୁ ୧୫କିମି ଦୂରରେ ରହୁଥିବାରୁ ସମସ୍ତ କାର୍ଯ୍ୟ ସୁଚାରୁ ରୂପେ ସମ୍ପାଦନ ହୋଇ ପାରିବ ବୋଲି ସମସ୍ତେ ମତ ପ୍ରକାଶ କରିଥିଲେ । ତେଣୁ କିରିକିଟା ଗ୍ରାମ ପଞ୍ଚାୟତ ବ୍ଲକ ମାନ୍ୟତା ପାଇଁ ୧୫ ଗୋଟି ଗ୍ରାମ ପଞ୍ଚାୟତକୁ ମିଶ୍ରଣ କରି ଏକ ନୂତନ ବ୍ଲକ ଗଠନ କରିବା ପାଇଁ ବୈଠକରେ ଦାବି କରାଯାଇଥିଲା। ଏନେଇ ରୋକାଲ ଗ୍ରାମ ପଞ୍ଚାୟତ ସରପ□ ଠାକୁର ବାଗଙ୍କ ନେତୃତ୍ବରେ ଏକ ଦଶ ଜଣିଆ ପ୍ରତିନିଧି କମିଟି ଗଠନ କରାଯାଇ ଥିବା ବେଳେ ଏହି ପ୍ରତିନିଧି ଦଳ ଯାଇ ସ୍ଥାନୀୟ ବିଡ଼ିଓ, ଜିଲ୍ଲାପାଳ, ମୁଖ୍ୟ ମନ୍ତ୍ରୀ ମୋହନ ଚରଣ ମାଝୀ,ଓଡ଼ିଶା ସରକାରଙ୍କ ପଞ୍ଚାୟତ ରାଜ ମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ ପଞ୍ଚାୟତ ରାଜ କମିଶନର, ରାଜସ୍ୱ କମିଶନର ଆଦି ଙ୍କୁ ଦାବୀ ପତ୍ର ପ୍ରଦାନ କରାଯିବ ବୋଲି ବୈଠକରେ ନିଷ୍ପତି ଗ୍ରହଣ କରାଯାଇଥିଲା । କମିଟି ନିର୍ଦ୍ଧାରିତ କରିଛି ଯେ ଆଗାମୀ ଦିନରେ ଭୁବନେଶ୍ୱର ଯାଇ ରାଜ୍ୟ ସରକାରଙ୍କୁ ଭେଟି ଆଲୋଚନା କରିବା ସହ କିରିକିଟା ପଞ୍ଚାୟତକୁ ବ୍ଲକ ଗଠନ କରିବା ପାଇଁ ଅନୁରୋଧ କରାଯିବ ବୋଲି ପ୍ରକାଶ କରିଛନ୍ତି। ଅପରପକ୍ଷରେ ଚଳିତ ଜାନୁଆରୀ ମାସ ରେ ପରବର୍ତ୍ତୀ ପ୍ରସ୍ତୁତି ବୈଠକ ହେବ ବୋଲି ସ୍ଥିର ହୋଇଛି । ଆଜିର ବୈଠକରେ କିରିକିଟା ସରପଞ୍ଚ□ ଛବି ମାଝୀ, ସମିତି ସଭ୍ୟା ଗାୟତ୍ରୀ ମାଝୀ, ସୁନାରୀ ସିକୁଆ ସରପ□ ତୋଲେଶ୍ୱରୀ ଦାଶ, ସମିତି ସଭ୍ୟା ବିଜୟା ମେହେର, ରାଣିମୁଣ୍ଡା ସରପଞ୍ଚ□ ତୁକାରାମ ହିଆଲ, ସମିତି ସଭ୍ୟା ଚିନ୍ତମଣୀ ମାଝୀ, ଡୁଆଝର ସରପଞ୍ଚ ଜିତୁ କୁମ୍ଭାର, ରୋକାଲ ସରପ□ ଠାକୁର ବାଗ,ଲାଞ୍ଜି ସରପଞ୍ଚ□ ବୈଦେହୀ ମାଝୀ, ଗଣ୍ଡାବାହାଳି ସରପଞ୍ଚ□ କୌଶଲ୍ୟା ମେହେର, ମଖାପଦର ସରପଞ୍ଚ□ ରତ୍ନ ତାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ । ଯଦି ଏ ଦିଗରେ ସରକାର ପଦକ୍ଷେପ ନ ନିଅନ୍ତି ତେବେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ସାମୟିକ ଗଣନାକାରଣୀ ପ୍ରଶିକ୍ଷଣ କର୍ମଶାଳା

ସମ୍ବଲପୁର :(ମହାଭାରତ) : ଭାରତ ସରକାରଙ୍କ ଗୃହମନ୍ତ୍ରାଳୟ ଅଧିନସ୍ଥ ଜନଗଣନା ନିର୍ଦ୍ଦେଶାଳୟ, ଓଡିଶା ପକ୍ଷରୁ ନମୁନା ପଞ୍ଜିକରଣ ପଦ୍ଧତି କାର୍ଯ୍ୟକ୍ରମରେ ସମ୍ବଲପୁର ଏବଂ ଦେବଗଡ ଜିଲ୍ଲା ର ସାମୟିକ ଗଣନାକାରୀ ମାନଙ୍କର ଏକ ଦିନିକିଆ ପ୍ରଶିକ୍ଷଣ କର୍ମଶାଳା ଜିଲ୍ଲାପାଳଙ୍କ ସମ୍ମିଳନ କକ୍ଷ ସମ୍ବଲପୁର ରେ ଅନୁଷ୍ଠିତ ହୋଇଯାଇଛି। ଏହି ରିଫ୍ରେଷେର ଟ୍ରେନିଂ ରେ ସମ୍ବଲପୁର ର ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ରେଣୁବାଳା ନନ୍ଦ , ଉପନିର୍ଦ୍ଦେଶକ ଜନଗଣନା ନିର୍ଦ୍ଦେଶାଳୟ ଶ୍ରୀ ହାରାଧନ କର୍ମୀ, ସହାୟକ ନିର୍ଦ୍ଦେଶକ ଜନଗଣନା ନିର୍ଦ୍ଦେଶାଳୟ ଶ୍ରୀ ବିଶ୍ୱଭୂଷଣ ଦାଶ, ବରିଷ୍ଠ ସାଂଖ୍ୟିକ ଅନ୍ୱେଷକ ଜନଗଣନା ନିର୍ଦ୍ଦେଶାଳୟ ଶ୍ରୀ ପ୍ରଦୀପ କୁମାର ମହାକୁଡ଼ , ସାଂଖ୍ୟିକ ଅନେ୍ୱଷକ ଶ୍ରୀ ରାହୁଲ ପ୍ରସାଦ ପ୍ରମୁଖ ମଞ୍ଚାସିନି ଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଭାରତବର୍ଷ ର ଜନଗଣନା ଓ ନମୁନା ପଞ୍ଜିକରଣର ଗୁରୁତ୍ୱ ଉଲ୍ଲେଖ କରିବା ସହ ଭାରତୀୟ ଜନଗଣନା ବିଶ୍ୱର ଶ୍ରେଷ୍ଠ ଜନଗଣନା ବିଷୟରେ ଉଲ୍ଲେଖ କରିଥିଲେ , ଓଡିଶା ଦ୍ୱାରା ସମ୍ପାଦାନ କରାଯାଉଥିବା ନମୁନା ପଞ୍ଜିକରଣ , ଜନ୍ମହାର, ମୃତ୍ୟୁହାର, ଶିଶୁ ମୃତ୍ୟୁହାର ଏବଂ ଅନ୍ୟାନ୍ୟ ବିଭିନ୍ନ ପ୍ରଜନନ ଓ ମୃତ୍ୟୁ ସୂଚକାଙ୍କର ବିଶ୍ୱସନୀୟ ବାର୍ଷିକ ଆକଳନ ପ୍ରଦାନ କରିବା ଆଦି ଉପରେ ଆଲୋଚନା କରିଥିଲେ ୟ ମୋଟ ୧୩ ଜଣଙ୍କୁ ଏହି ପ୍ରଶିକ୍ଷଣ ଦିଆଯାଇଛି।

## ପାତ୍ରତନ୍ତୀ କଲ୍ୟାଣ ସମିତି ର କମ୍ବଳ ବଣ୍ଟନ

ପାଟଣା:-(ମହାଭାରତ)କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ୍ ଅନ୍ତର୍ଗତ ଦମାହୁଦା ହାଟ ପଡ଼ିଆ ଠାରେ ନିଖୀଳ ଉତ୍କଳ ପାତ୍ରତନ୍ତୀ କଲ୍ୟାଣ ସମିତିର ଏକ ବୈଠକ ଅନୁଷ୍ଠିତ ହୋଇଛିଯାଇଛି । ଡାଳପକା ଓ ଦମାହୁଦା ପଞ୍ଚାୟତରୁ କୁଦାଡୋ,ନୀର ,ବେଲସରେଇ,ଗୋଜାପଥର ଗାଁ ରୁ ବହୁ ଲୋକ ଯୋଗଦାନ ଦେଇଥିଲେ । ମୁଖ୍ୟ ଅତିଥି ଭାବେ ନିଖୀଳ ଉତ୍କଳ ପାତ୍ରତନ୍ତୀ କଲ୍ୟାଣ ସମିତି କେନ୍ଦୁଝର ଏବଂ ମୟୁରଭଞ୍ଜ ଜିଲ୍ଲାର ଆବାହକ ଶ୍ରୀ ଜଗମୋହନ ଦାସ ଯୋଗ ଦେଇଥିଲେ ଏବଂ ସାହାରପଡା ବ୍ଲକ ର ପାତ୍ରତନ୍ତୀ କଲ୍ୟାଣ ସମିତି ର ସଭାପତି ଶ୍ରୀ କୀର୍ତ୍ତନ ପାତ୍ର , ଉପ ସଭାପତି ଶ୍ରୀ ଅର୍ଜ୍ଜୁନ ପାତ୍ର ,କୋଷାଧ୍ୟକ୍ଷ ଶ୍ରୀ ସୁଶାନ୍ତ ପାତ୍ର, ସଂଯୋଜକ ସମ୍ପାଦକ ଯତିନ୍ଦ୍ର ପାତ୍ର ଏବଂ କରଞ୍ଜିଆ ସମିତି ସହ ସମ୍ପାଦକ ଶ୍ରୀ ତିରଲୋନ ପାତ୍ର ସଙ୍ଗେ ସଙ୍ଗେ ଅନେକ ବୃଦ୍ଧ ବୃଦ୍ଧା ଲୋକମାନଙ୍କୁ ଶୀତ କମ୍ବଳ ବସ୍ତ୍ର ଦିଆଯାଇଥିଲା ଏବଂ ନିଜ ଜାତିର କେମିତି ଉନ୍ନତି ହେବ, ଶିକ୍ଷା,ଓ କୁସଂସ୍କାର କିପରି ଦୂର କରିବାକୁ ହେବ ତାହା ବିଷୟରେ ଉଦବୋଧନ ଦିଆଯାଇଥିଲା ।ଶେଷରେ ଶ୍ରୀ ଯତିନ୍ଦ୍ର ପାତ୍ର ସଂଯୋଜକ ସମ୍ପାଦକ ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ।

## ନୂଆପଡା ଯୁବକଂଗ୍ରେସ ଦ୍ୱାର ୧୦ମ ମିନିମାରାଥନ ପ୍ରତିଯୋଗିତା ଅନୁଷ୍ଠିତ

ଖଡ଼ିଆଲ:(ମହାଭାରତ) ଯୁବ ଦିବସ ଏବଂ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମଦିନ ଉପଲକ୍ଷେ ନୂଆପଡା ଜିଲ୍ଲା ଯୁବ କଂଗ୍ରେସ ଦ୍ୱାରା ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ଶ୍ରୀ ଶାହାରୁଖ ଖାନଙ୍କ ନେତୃରେ ୧୦ମ ଜିଲ୍ଲା ସ୍ତରୀୟ ମିନି ମାରାଥନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ଜିଲ୍ଲା ତଥା ରାଜ୍ୟ ବାହାରର ବିଭିନ୍ନ ଅ□ଳରୁ ୧୦୦ ରୁ ଉର୍ଦ୍ଧ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମର ମୂଳ ଉଦେଶ୍ୟ ହେଉଛି ସ୍ୱାମୀ ବିବେକାନନ୍ଦଙ୍କ ଐତିହ୍ୟକୁ ସମ୍ମାନ କରିବା , ଯୁବକମାନଙ୍କ ମଧ୍ୟରେ ଶାରୀରିକ ସୁସ୍ଥତା, ଏକତା ଏବଂ ସୁସ୍ଥ ପ୍ରତିଯୋଗିତାର ଭାବନାକୁ ପ୍ରୋତ୍ସାହିତ କରିବା। ଏହି ମାରାଥନ ପ୍ରତିଯୋଗିତା କୁ ଖରିଆର ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ କମଳ ଚରଣ ତାଣ୍ଡି ଏକ ଆନୁଷ୍ଠାନିକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ମାରାଥନ ପ୍ରତିଯୋଗିତା ଉଦ୍ୟାନବନ୍ଧ



ଆମ୍ବେଦକର ଛକ ଠାରୁ କୋମନା ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଆଠ କିଲୋମିଟର ଯାଏଁ ଉଭୟ ପୁରୁଷ ଏବଂ ମହିଳା ଙ୍କ ପାଇଁ ଦୌଡ ପ୍ରତିଯୋଗିତା ହୋଇଥିଲା । ଯେଉଁଥିରେ ପ୍ରତିଯୋଗୀ ମାନଙ୍କ ମଧ୍ୟରେ ଏକ ଉତ୍ସାହ ଦେଖାଦେଇଥିଲା। ଏହି ପ୍ରତିଯୋଗିତା ରେ ପୁରୁଷ ପ୍ରତିଯୋଗୀ ମଧ୍ୟରୁ ସୋନପୁର ଜିଲ୍ଲାର ଦୟାନିଧି ମୁଣ୍ଡା ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଉ□ରପ୍ରଦେଶ ପ୍ରତାପଗଡ଼ ଜିଲ୍ଲାର ରାଜକୁମାର ପ୍ରତାପ ଦ୍ୱିତୀୟ ଓ କଳାହାଣ୍ଡି ଜିଲ୍ଲାର ପଙ୍କଜ ରଣା ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେଇଭଳି ମହିଳା ବିଭାଗ ପ୍ରତିଯୋଗିତା ରେ ଧନମତି ମାଝୀ ପ୍ରଥମ, ଦାସମତି ଛତ୍ରିଆ ଦ୍ୱିତୀୟ, ଯମୁନା ବହାଦୁର ତୃତୀୟ ଓ ଯଶୋଦା ଛାତ୍ରୀୟା ଚତୁର୍ଥ ସ୍ଥାନ ଅଧିକାର କରିଥିଲେ । ଏହି କାର୍ଯ୍ୟକ୍ରମ ରେ ଅତିଥି ଭାବରେ ସମାଜସେବୀ ମାଧବ ପ୍ରସାଦ ସାହୁ ଯୋଗଦାନ କରି ପ୍ରତିଯୋଗୀ ମାନଙ୍କୁ ଖେଳକୁଦ ଉପରେ ଅବଗତ କରି ଉତ୍ସାହିତ କରିଥିଲେ ଓ ପ୍ରତିଯୋଗିତା ରେ ବିଜେତା ହୋଇଥିବା ପ୍ରତିଯୋଗୀ ଙ୍କୁ ମାନପତ୍ର, ଟ୍ରଫି ସହ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମ କୁ ବିରାଟ ତାଣ୍ଡି, ଉମା ବନଛୋର, ବଳରାମ ସରାଫ, ପ୍ରବୀଣ, ରୁଦ୍ର, ରାଜେଶ ପଣ୍ଡା,ଫୟେଜ ଅଲ୍ଲୀ,ସୟାତ ଅଲ୍ଲୀ, ଶିବ, ଚନ୍ଦ୍ର ତଥା କୋମନା ଅଞ୍ଚଳର ସମାଜସେବୀ ଓ ବୁଦ୍ଧିଜୀବୀ ମାନେ ଉପସ୍ଥିତ ରହି ମାରାଥନ କାର୍ଯ୍ୟକ୍ରମ କୁ ସହାୟତା କରିଥିଲେ ।

## ଆଦିବାସୀ ସମ୍ପ୍ରଦାୟର ବାପା ମା ଛେଉଣ୍ଡ ୪ଅନାଥ ପିଲାଙ୍କ ମୁହଁରେ ହସ ଫୁଟାଇଲା କ୍ଷିତିଜ୍ୟୋତିଃ ଆଶ୍ରମ

ପାଟଣା:-(ମହାଭରତ)ଘଟଗାଁ ବ୍ଲକର ଉପରଡ଼ିହା ଗ୍ରାମ ପଂଚାୟତ ଅନ୍ତର୍ଗତ ଗୋଳାବନ୍ଧ ଗ୍ରାମର ମୁଣ୍ଡା ସାହିରେ ଅତି ଅବହେଳିତ ଅବସ୍ଥାରେ ସାବତ ମା ପାଖରେ ରହୁଥିବା ୪ଅନାଥ ଭାଇଭଉଣୀଙ୍କୁ ମକର ପର୍ବ ପାଇଁ ନୂତନ ପୋଷାକ ଓ ଶୀତ ବସ୍ତ୍ର ଏବଂ ଏକ ମାସର ରାସନ ସାମଗ୍ରୀ ପ୍ରଦାନ କରିଛି ଘଟଗାଁର କ୍ଷିତିଜ୍ୟୋତିଃ ଆଶ୍ରମ ।ପ୍ରକାଶ ଥାଉକି ଗୋଳାବନ୍ଧ ବାସିନ୍ଦା ସ୍ୱର୍ଗତ ଜଗତ ମୁଣ୍ଡା ଦେଢ଼ ବର୍ଷ ତଳେ ଓ ତାଙ୍କ ଧର୍ମପତ୍ନୀ ସୁମିତ୍ରା ମୁଣ୍ଡା ତିନି ବର୍ଷ ତଳେ ଟି ବି ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ବରଣ କରିବାରୁ ତାଙ୍କର ୪ପୁଅ ଝିଅ ସାବତ ମା ଜୟନ୍ତୀ ମୁଣ୍ଡା ମୁଣ୍ଡା ସହିତ ଅତି କଷ୍ଟରେ କାଳାତିପାତ କରୁଛନ୍ତି । ବିଶେଷ ସୂତ୍ରରୁ ଖବର ପାଇ ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ



କ୍ଷିତିଜ୍ୟୋତିଃ ଆଶ୍ରମ ଘଟଗାଁ କେନ୍ଦ୍ରର ସଂଗଠକ ଚରମାନନ୍ଦ ଦାସ ଓ ପରିଚାଳକ ଅର୍ଜୁନ ଚରଣ ମହାନ୍ତ, ସଭ୍ୟ ଲକ୍ଷ୍ମୀଧର ପାତ୍ର ସ୍ୱର୍ଗତ ଜଗତ ମୁଣ୍ଡାଙ୍କ ତିନି ଝିଅ ଯଥା ଟିକିନା ମୁଣ୍ଡା , ସଂଜୁ ମୁଣ୍ଡା ,ମିତାଲି ମୁଣ୍ଡା ଏବଂ ଏକମାତ୍ର ପୁତ୍ର ରାଜେଶ ମୁଣ୍ଡା ଙ୍କୁ ନୂତନ ପୋଷାକ, ଶୀତ ବସ୍ତ୍ର ଓ ଏକମାସାର ରାସନ ସାମଗ୍ରୀ ଦେଇ କେନ୍ଦୁଝର ଜିଲ୍ଲାର ଗଣପର୍ବ ମକର ପୂର୍ବରୁ ବାପା ମା ଛେଉଣ୍ଡ ଅନାଥ ଭାଇ ଭଉଣୀଙ୍କ ମୁହଁରେ ହସ ଖେଳାଇଛନ୍ତି ।ଏଥିସହିତ ସାବତ ମା ଜୟନ୍ତୀ ମୁଣ୍ଡାଙ୍କୁ ମଧ ନୂତନ ବସ୍ତ୍ର ସହିତ ଶୀତ ପୋଷାକ ପ୍ରଦାନ କରାଯାଇଛି ।

## ଦୁର୍ଘଟଣା ରେ ଜଣେ ମୃତ ଜଣେ ଆହତ

କାକଟପୁର(ମହାଭାରତ) : ବେ ପରୁଆ ଗାଡି ଚାଳନା ପଡିଛି ମହଙ୍ଗା, ଆଜି କାକଟପୁର ବାଲିଦୋକାନ ରାସ୍ତା ସୁଆର ଛକ ରେ ଘଟିଛି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ସୂଚନା ମୁତାବକ ଚରୀଛକ ବନମାଳୀପୁର ରୁ କିଛି ଯୁବକ କିଛି ବାଇକ ଆଣି ବୁଲିବାକୁ ଆସିଥିଲେ। କାକଟପୁର ଆନନ୍ଦବଜାର ଦେଇ ଯିବା ବାଟରେ ବାଲିଦୋକାନ ନିକଟରେ ସୁଆର ଛକ ରେ ଏକ ଗଛ ରେ ଭାରସ୍ୟାମ ହରାଇ ବାଇକ ଦୁର୍ଘଟଣା ର ଶିକାର ହୋଇଥିଲା। ସ୍ଥାନୀୟ ଲୋକ ଉଭୟ ଆହତ ଙ୍କୁ ୧୦୮ ଆମ୍ବୁଲାନ୍ସ ମାଧ୍ୟମ ରେ ନିକଟରେ ଥିବା ବାଙ୍ଗୁରୀଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରେ ଭର୍ତ୍ତୀ କରିଥିଲେ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଙ୍କ ସୂଚନା ମୁତାବକ ଜଣେ ଯୁବକ ତୁଗୁଲି କାଣ୍ଡି (୧୮) ଯିଏ ମୃତ୍ୟୁବରଣ କରିଛି ଆଉ ଆହତ ଯୁବକ ଜିତୁ ଦାସ (୨୨), ଆହତ ଙ୍କୁ ପ୍ରାରମ୍ଭିକ ଚିକିତ୍ସା କରାଯାଇ ବର୍ତ୍ତମାନ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି, ଘଟଣା ସ୍ଥଳରେ କୋଣାର୍କ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

ମହାଭାରତ ଏଇ ପୃଥିବୀରେ...
ପ୍ରତିଟି ଖବର ହାତ ପାହାନ୍ତାରେ



# କେଜ୍ରିୱାଲ ଓ ସିସୋଦିଆ ଯେଉଁଠିକୁ ଯାଆନ୍ତି, ସେଠାରେ ଲୋକଙ୍କୁ ମଦ ବୋତଲ ଦେଖାଯାଏ:ଶାହ

**ନୂଆଦିଲ୍ଲୀ,୧୨।୧(ଏଜେନ୍ସି):** ଅରବିନ୍ଦ କେଜ୍ରିୱାଲ ଓ ମନୀଷ ସିସୋଦିଆ ଯେଉଁଠିକୁ ଯାଆନ୍ତି, ସେଠାରେ ଲୋକଙ୍କୁ ମଦ ବୋତଲ ଦେଖାଯାଏ । ଏଭଳି କିଛି ଆମ୍ ଆଦମୀ ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅରବିନ୍ଦ କେଜ୍ରିୱାଲଙ୍କୁ ଟାର୍ଗେଟ କରି କହିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ । ଏ କାର୍ଯ୍ୟକ୍ରମରେ ଯୋଗ ଦେଇ ଶାହ କହିଛନ୍ତି, ୫ ଫେବୃଆରୀରେ ଦିଲ୍ଲୀର ଆପ-ଦା ମୁକ୍ତି ଦିନ ରହିଛି । ଯେଉଁ ଲୋକ ଦୁର୍ନୀତି ବିରୋଧରେ ଆନ୍ଦୋଳନ କରୁଥିଲେ, ଆନ୍ନା ହଜାରେଙ୍କ ଭଳି ସନ୍ଥ ପୁରୁଷଙ୍କୁ ଆଗରେ ଆଣି, ଏବେ ସେମାନେ ଦିଲ୍ଲୀବାସୀଙ୍କ ପାଇଁ ଆପ-ଦା ଆଣିଛନ୍ତି । କାରଣ କେଜ୍ରିୱାଲ ଆପ୍ ପାଇଁ ଆପ-ଦା ପାଲଟିଛନ୍ତି । କେଜ୍ରିୱାଲ ଓ ସିସୋଦିଆ ଯେଉଁଠିକୁ ଯାଉଛନ୍ତି, ସେଠାରେ ଲୋକଙ୍କୁ ମଦ ବୋତଲ ଦେଖାଯାଏ । ଶାହ କହିଛନ୍ତି, ଦିଲ୍ଲୀରେ ବସ୍ତିରେ ରହୁଥିବା ଲୋକଙ୍କୁ ମଇଳା ପାଣି ମିଳୁଛି । ବସ୍ତିରେ ରହୁଥିବା ଲୋକ ଆମକୁ ପଚାରୁଛନ୍ତି ଦିଲ୍ଲୀ ଦୁନିଆର ସବୁଠାରୁ ପ୍ରଦୂଷିତ ସହର କାହିଁକି ? ଗତ ୧୦ ବର୍ଷରେ କେଜ୍ରିୱାଲ ଦିଲ୍ଲୀରେ କ'ଣ କହିଛନ୍ତି ? ଯଦି କେଜ୍ରିୱାଲ କିଛି କରିପାରୁ ନାହାନ୍ତି ତାଙ୍କୁ ନିଜର ସରକାର ଛାଡିଦେବା ଦରକାର । ବିଜେପି ସବୁ କରିକି ଦେଖାଇବ । କେଜ୍ରିୱାଲ ଏକମାତ୍ର ସିଏମ୍ ଯିଏକି ଜେଲ୍ ଯିବାପରେ ବି ଇସ୍ତଫା ଦେଇନାହାନ୍ତି । ଅମିତ ଶାହ କହିଛନ୍ତି,ଆମେ କହିଥିଲୁ ଅଯୋଧ୍ୟାରେ ରାମ ମନ୍ଦିର ହେବ । କେଜ୍ରିୱାଲ କହୁଥିଲେ ମନ୍ଦିର ହେଲେ କ'ଣ ହେବ ? ଶୌଚାଳୟ ତିଆରି କରିବା ଦରକାର । କେଜ୍ରିୱାଲ ଜୀ ଆମେ ଟଏଲେଟ୍ ବି ତିଆରି କରିଛୁ । ୫୫୦ ବର୍ଷର ଅପେକ୍ଷା ପରେ ଅଯୋଧ୍ୟାରେ ରାମ ମନ୍ଦିର ହେଲା । ମୋଦିଙ୍କ ଗ୍ୟାରେଣ୍ଟି ହେଉଛି ବସ୍ତିରେ ରହୁଥିବା ଲୋକଙ୍କୁ ପକ୍କା ଘର ଦିଆଯିବ । କେଜ୍ରିୱାଲଙ୍କ 'ଶିଶମହଲ'ର ଶୌଚାଳୟ ଏହି ବସ୍ତିଠାରୁ ବି ମହଙ୍ଗ ମହଙ୍ଗା ।'

# କନୌଜ ରେଳ ଷ୍ଟେସନରେ ଅଘଟଣ: ୧୮ ଶ୍ରମିକ ଆହତ

**ଲକ୍ଷ୍ନୌ,୧୨।୧(ଏଜେନ୍ସି):** : ଉତ୍ତରପ୍ରଦେଶର କନୌଜର ରେଳଷ୍ଟେସନରେ ଆଜି ଏକ ବଡ ଅଘଟଣ ଘଟିଯାଇଛି । କନୌଜରେ ନିର୍ମାଣଧୀନ ଅମୃତ ଭାରତ ରେଳ ଷ୍ଟେସନର ଲିଣ୍ଟେଲ୍ ଭୁଶୁଡ଼ି ପଡ଼ିବା ପରେ ଅନେକ ଶ୍ରମିକ ଭଗ୍ନାବଶେଷ ତଳେ ଫସି ରହିଛନ୍ତି । ତଥାପି, ଉଦ୍ଧାର କାର୍ଯ୍ୟ ସମୟରେ କିଛି ଶ୍ରମିକଙ୍କୁ ଭଗ୍ନାବଶେଷରୁ ବାହାର କରାଯାଇ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଏହି ଦୁର୍ଘଟଣାରେ ୧୮ ଜଣ ଶ୍ରମିକ ଆହତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗୁରୁତର ରହିଛି । ମିଳିଥିବା ସୂଚନା ମୁତାବକ ଉତ୍ତରପ୍ରଦେଶର କନୌଜରେ ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ଏହି ନିର୍ମାଣ କାର୍ଯ୍ୟ ଚାଲିଥିଲା । କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଷ୍ଟେସନର ଲିଣ୍ଟେଲ୍ ନିର୍ମାଣ କାର୍ଯ୍ୟ ଚାଲିଥିବା ସମୟରେ ଭୁଶୁଡ଼ି ପଡ଼ିଥିଲା । ଅନେକ ଶ୍ରମିକ ଲିଣ୍ଟେଲ୍ ବିଛାଇବାରେ ବ୍ୟସ୍ତ ଥିଲେ । ଏହି ଦୁର୍ଘଟଣା ପରେ, ସମଗ୍ର ଷ୍ଟେସନରେ ଏକ ପ୍ରକାର ଉତ୍ତେଜନା ପ୍ରକାଶ ପାଇଲା । ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି । ଏହି ଦୁର୍ଘଟଣାରେ



ଶ୍ରମିକମାନେ ଆହତ ହୋଇଥିବା କୁହାଯାଉଛି । ଶନିବାର ଅପରାହ୍ନ ପ୍ରାୟ ୩ଟାରେ କନୌଜ ରେଳ ଷ୍ଟେସନ ନିକଟରେ ଏହି ଦୁର୍ଘଟଣା ଘଟିଥିଲା । ଯେଉଁଠାରେ ଷ୍ଟେସନ ମଧ୍ୟରେ ନିର୍ମାଣାଧୀନ ପ୍ରକଳ୍ପର ଛାତ ଭୁଶୁଡ଼ି ପଡ଼ିଥିଲା । ଏହା ପରେ, ଶୀଘ୍ର ରିଲିଫ୍ ଦଳକୁ ଡକାଯାଇଥିଲା ଏବଂ ଶ୍ରମିକମାନଙ୍କୁ ଭଗ୍ନାବଶେଷରୁ ବାହାର କରିବା ପାଇଁ ଚେଷ୍ଟା କରାଯାଉଛି । କନୌଜ ରେଳ ଷ୍ଟେସନରେ ଘଟିଥିବା ଏହି ଦୁର୍ଘଟଣା ସମ୍ପର୍କରେ ସମାଜବାଦୀ ପାର୍ଟି ପକ୍ଷରୁ ମଧ୍ୟ ପ୍ରତିକ୍ରିୟା ପ୍ରକାଶ ପାଇଛି । ଏସପି ପାର୍ଟି ଏକ୍ସ ଆକାଉଣ୍ଟରେ ଲେଖିଛି ଯେ, ବିଜେପି ସରକାର ଏବଂ ତତ୍କାଳୀନ କନୌଜ ସାଂସଦ ସୁବ୍ରତ ପାଠକ ଦାବି କରିଥିଲେ ଯେ କନୌଜର ରେଳ ଷ୍ଟେସନ ଅତ୍ୟାଧୁନିକ ହେବ ଏବଂ କୋଟି କୋଟି ଟଙ୍କା ଖର୍ଚ୍ଚରେ ନିର୍ମିତ ହେବ । କିଛି ଦିନ ପୂର୍ବେ, ଡିଭିଜନାଲ ରେଳ ପ୍ରବନ୍ଧକ ମଧ୍ୟ ଏକ ଅଚାନକ ଯାଞ୍ଚ କରିଥିଲେ । ଆଉ ଆଜି କନୌଜ ରେଳ ଷ୍ଟେସନ କୋଠା ଭୁଶୁଡ଼ି ପଡ଼ିଥିଲା ଯେଉଁଥିରେ ଶହ ଶହ ଲୋକ ପୋତି ହୋଇଯାଇଥିବା ଏବଂ ଅନେକଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ଠିକାଦାରମାନଙ୍କୁ ନିମ୍ନମାନର କାମ କରାଇବା ପାଇଁ ଚାପ ଦିଆଯାଉଛି, ବିଜେପି ନେତାମାନେ ସର୍ବାଧିକ କମିଶନ ଆଦାୟ କରିବାର ଖେଳ ଖେଳୁଛନ୍ତି । ଏହି ଘଟଣାର ତୁରନ୍ତ ଏକ ଉଚ୍ଚସ୍ତରୀୟ ତଦନ୍ତ ହେବା ଉଚିତ ଏବଂ ଦୋଷୀମାନଙ୍କୁ ଦଣ୍ଡ ଦିଆଯିବା ଉଚିତ ଏବଂ ପୀଡିତ ପରିବାରକୁ ପର୍ଯ୍ୟାପ୍ତ କ୍ଷତିପୂରଣ ଏବଂ ଆହତମାନଙ୍କୁ ଉପଯୁକ୍ତ ଚିକିତ୍ସା ଏବଂ କ୍ଷତିପୂରଣ ଦିଆଯିବା ଉଚିତ । ସେହିପରି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ଆହତଙ୍କ ଉତ୍ତମ ଚିକିତ୍ସା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

# ଯବାନଙ୍କ ପାଇଁ ଡିଆରଡିଓ ତିଆରି କଲା ହିମକବଚ ମଲ୍ଟି-ଲେୟାର କ୍ଲୋଦିଂ ସିଷ୍ଟମ

**ନୂଆଦିଲ୍ଲୀ,୧୨।୧(ଏଜେନ୍ସି):** ଭାରତୀୟ ସେନା ହେବେ ଆହୁରି ଶକ୍ତିଶାଳୀ ପ୍ରବଳ ଜାଡ଼ରେ ମଧ୍ୟ ଶତ୍ରୁ ଉପରେ ରଖିପାରିବେ ନଜର । ମାଇନସ୍ ୬୦ ଡିଗ୍ରୀ ସେଲସିୟସ୍ ତାପମାତ୍ରାରେ ସୀମାରେ ଦେବେ ପହରା । ଡିଆରଡିଓ ତିଆରି କରିଛି ହିମକବଚ ମଲ୍ଟି-ଲେୟାର କ୍ଲୋଦିଂ ସିଷ୍ଟମ । ଏହା ବିଶେଷ ଭାବରେ ହିମାଳୟ ଅଞ୍ଚଳରେ କାର୍ଯ୍ୟରତ ସେନିକଙ୍କୁ ପ୍ରବଳ ଥଣ୍ଡାରୁ ରକ୍ଷା କରିବ । ସାରା ଦେଶରେ ଜାରି ରହିଛି ପ୍ରବଳ ଶୀତଲହରୀ । ଏହି ହାଡ଼ଭଙ୍ଗା ଶୀତରେ ସୀମାରେ ପ୍ରହରା ଦେଉଛନ୍ତି ଦେଶର ଯବାନ । ଏଭଳି ପ୍ରତିକୂଳ ପରିବେଶରୁ ଯବାନଙ୍କୁ ରକ୍ଷା କରିବ ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଂଗଠନ ବା ଡିଆରଡିଓ । ଯବାନଙ୍କ ପାଇଁ ଡିଆରଡିଓ ତିଆରି କରିଛି ହିମକବଚ ମଲ୍ଟି-ଲେୟାର କ୍ଲୋଦିଂ ସିଷ୍ଟମ । ଏହାକୁ ଅତ୍ୟାଧିକ ଥଣ୍ଡା ପାଗରେ ସୁରକ୍ଷା ପାଇଁ ଡିଜାଇନ୍ କରାଯାଇଛି । ୨୦ ଡିଗ୍ରୀ ସେଲସିୟସରୁ ନେଇ ମାଇନସ୍ ୬୦ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ତାପମାତ୍ରା ପାଇଁ ଡିଜାଇନ୍ କରାଯାଇଛି । ଏହାର ଟେଷ୍ଟିଂ ମଧ୍ୟ ପାସ୍ ହୋଇଛି । ଏବେ ଏହା ଭାରତର ପ୍ରତିରକ୍ଷା କ୍ଷମତାକୁ ଆହୁରି ବଢାଇବ । 'ହିମକବଚ'ରେ ରହିଛି ଅନେକ ଗୁଡିଏ ଲେୟାର । ଏଥିରେ ଇନସୁଲେସନ୍, ନିଶ୍ୱାସ ନେବାର ପ୍ରକ୍ରିୟା ଓ ଆରାମ ପାଇଁ ତିଆରି କରାଯାଇଛି । ମଡ୍ୟୁଲାର ଡିଜାଇନ ସେନିକଙ୍କୁ ପାଣିପାଗ ଆଧାରରେ ଯୋଡିଥାଏ । ହିମାଳୟ ଅଞ୍ଚଳରେ କାର୍ଯ୍ୟରତ ସେନିକଙ୍କ ପାଇଁ ଏହି ସିଷ୍ଟମକୁ ତିଆରି କରାଯାଇଛି । ହିମକବଚ ପୂର୍ବରୁ ଭାରତୀୟ ସେନା ଏକ୍ସଟ୍ରୀମଟେଣ୍ଡେଣ୍ଟ କୋଲ୍ଡ ୱେଦର କ୍ଲୋଦିଂ ସିଷ୍ଟମର ଉପଯୋଗ କରୁଥିଲା । ଯାହାକୁ ଡିଆରଡିଓର ଡିଫେନ୍ସ ଇନଷ୍ଟିଚ୍ୟୁଟ୍ ଅଫ୍ ଫିଜିଓଲୋଜି ଆଣ୍ଡ ଆଲାଇଡ ସାଇନ୍ସେଜ୍ ଦ୍ୱାରା ବିକଶିତ କରାଯାଇଥିଲା । ଏହା ତିନୋଟି ଲେୟାରର ରହିଥିଲା । ହିମକବଚ ପୂର୍ବର ସିଷ୍ଟମ ଅପେକ୍ଷା ଆହୁରି ସୁରକ୍ଷା ଦେବାର ଆଶା କରାଯାଉଛି । ଏବେ ଉଦ୍ଦେଶ୍ୟ ହେଲା ଅଧିକ ଉଚ୍ଚାରେ କାମ କରୁଥିବା ସେନିକଙ୍କ ସୁରକ୍ଷାରେ ସୁଧାର କରିବା । କେବଳ ସେତିକି ନୁହେଁ ପିନ୍ଧିବାକୁ ଆରାମ ଦାୟକ । ହାଲକା ମଧ୍ୟ ରହିଛି ।

## ପାକିସ୍ତାନ୍ ରାସ୍ତାରେ ବାଂଲାଦେଶ !

# ଭାରତ ସହ ସମ୍ପର୍କ ଖରାପରେ ଲାଗିପଡିଛନ୍ତି ୟୁନୁସ

**ନୂଆଦିଲ୍ଲୀ,୧୨।୧(ଏଜେନ୍ସି):** ବାଂଲାଦେଶ ଭାରତ ସହିତ କ୍ରମାଗତ ଭାବରେ ତାର ସମ୍ପର୍କ ଖରାପ କରୁଛି । ଏବେ ବାଙ୍ଗଲାଦେଶ ସମ୍ପୂର୍ଣ୍ଣ ଭାବରେ ପାକିସ୍ତାନର ରାସ୍ତାରେ ଚାଲୁଛି । ଭାରତରେ ବିଚାରପତି ସମ୍ମିଳନୀ ପରେ, ଢାକା, ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ଅନ୍ୟ ଏକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ମନା କରିଦେଇଛି । ଏହି କାରଣରୁ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ଆହୁରି ବୃଦ୍ଧି ପାଇବାର ଆଶଙ୍କା ରହିଛି । ବାଂଲାଦେଶୀ ଅଧିକାରୀମାନେ



ସରକାରୀ ଖର୍ଚ୍ଚରେ ଅଯଥା ବିଦେଶ ଯାତ୍ରା ଉପରେ କଟକଣାକୁ ଏହାର କାରଣ ବୋଲି ଦର୍ଶାଇଛନ୍ତି । ଆଉ ଭାରତୀୟ ପାଣିପାଗ ବିଭାଗ (IMD)ର ୧୫୦ତମ ବାର୍ଷିକୀ ସମାରୋହରେ ଯୋଗ ଦେବାକୁ ମନା କରିଦେଇଛନ୍ତି । ବାଂଲାଦେଶ ପାଣିପାଗ ବିଭାଗ (BMD)ର କାର୍ଯ୍ୟକାରୀ ନିର୍ଦ୍ଦେଶକ ମୋମିନୁଲ ଇସଲାମ ଆଇଏମଡିଠାରୁ ଏକ ମାସ ପୂର୍ବରୁ ନିମନ୍ତ୍ରଣ ପାଇବା ନେଇ ନିଶ୍ଚିତ କରି କହିଛନ୍ତି, ଭାରତୀୟ ପାଣିପାଗ ବିଭାଗ ଆମକୁ ଏହାର ୧୫୦ତମ ବାର୍ଷିକୀ ପାଳନ ପାଇଁ ନିମନ୍ତ୍ରଣ କରିଛି । ଆମର ସେମାନଙ୍କ ସହିତ ଭଲ ସମ୍ପର୍କ ରହିଛି ଏବଂ ଦୁଇ ଦେଶ ମଧ୍ୟରେ ସହଯୋଗ ଜାରି ରହିବ । ତଥାପି, ସରକାରୀ ଖର୍ଚ୍ଚରେ ଅଯଥା ବିଦେଶ ଯାତ୍ରାକୁ ସୀମିତ କରିବାର ବାଧ୍ୟତାମୂଳକ ଥିବାରୁ ଆମେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଉନାହୁଁ । ଇସଲାମ ଦୁଇ ଦେଶର ପାଣିପାଗ ବିଭାଗ ମଧ୍ୟରେ ନିୟମିତ ଯୋଗାଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ୨୦ ଡିସେମ୍ବର ୨୦୨୪ ରେ ଭାରତୀୟ ପାଣିପାଗ ବିଜ୍ଞାନୀଙ୍କ ସହ ଏକ ପୃଥକ ବୈଠକ ପାଇଁ ତାଙ୍କର ଭାରତ ଗସ୍ତ ବିଷୟରେ ଉଲ୍ଲେଖ କରିଥିଲେ । ଅଲଇଏମଡି ପାକିସ୍ତାନ, ଆଫଗାନିସ୍ତାନ, ମିଆଁମାର, ଭୁଟାନ, ନେପାଳ, ଶ୍ରୀଲଙ୍କା ଏବଂ ମାଳଦ୍ୱୀପ ସମେତ ଅନେକ ପଡ଼ୋଶୀ ଦେଶ ଏବଂ ମଧ୍ୟ ଏସିଆ ଏବଂ ଦକ୍ଷିଣ ପୂର୍ବ ଏସିଆର ଦେଶମାନଙ୍କୁ ନିମନ୍ତ୍ରଣ କରିଛି । ଆଇଏମଡି ଅଧିକାରୀ କହିଛନ୍ତି, ଆମେ ସମସ୍ତ ଦେଶକୁ ଏହି ମହୋତ୍ସବରେ ଯୋଗଦେବାକୁ କହିଛୁ । ଯେଉଁମାନେ ଆଇଏମଡି ଆରମ୍ଭ ହେବା ସମୟରେ (୧୫୦ ବର୍ଷ ପୂର୍ବେ) ଭାରତର ଅଂଶ ଥିଲେ । ପାକିସ୍ତାନ ପୂର୍ବରୁ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ରାଜି ହୋଇସାରିଛି । କିନ୍ତୁ ବାଂଲାଦେଶ ସରକାର ଉତ୍ତର ଦେଇନାହାଁନ୍ତି । ଉଲ୍ଲେଖ ଥାଉ କି ଭାରତୀୟ ପାଣିପାଗ ବିଭାଗ ଜାନୁଆରୀ ୧୫, ୨୦୨୫ରେ ଆନୁଷ୍ଠାନିକ ଭାବରେ ୧୫୦ତମ ବାର୍ଷିକୀ ପାଳନ କରିବ ।

# ପ୍ରଶ୍ନପତ୍ର ଲିକ କରିବା ଏକ ବ୍ୟବସାୟ ପାଲଟିଛି

**ନୂଆଦିଲ୍ଲୀ,୧୨।୧(ଏଜେନ୍ସି):** ପ୍ରଶ୍ନପତ୍ର ଲିକକୁ ନେଇ ଭାରତର ଉପରାଷ୍ଟ୍ରପତି ଜଗଦୀପ ଧନଖର କହିଛନ୍ତି ଯେ ଏହାକୁ ବନ୍ଦ କରାଯିବା ଉଚିତ । ପ୍ରଶ୍ନପତ୍ର ଲିକ୍ ଏକ ପ୍ରକାର ବ୍ୟବସାୟରେ ପରିଣତ ହୋଇଛି । ଜଗଦୀପ ଧନଖର କହିଛନ୍ତି ଯେ ଯଦି ପ୍ରଶ୍ନପତ୍ର ଲିକ୍ ହୁଏ ତେବେ ଚୟନର ନିରପେକ୍ଷତାର କୌଣସି ଅର୍ଥ ନାହିଁ । ପ୍ରଶ୍ନପତ୍ର ଲିକ୍ ଏକ ଶିଳ୍ପରେ ପରିଣତ ହୋଇଛି, ଏକ ପ୍ରକାର ବ୍ୟବସାୟ ରେ ପରିଣତ ହୋଇଛି । ଏହା ଏକ ଖରାପ ଜିନିଷ ଯାହା ଉପରେ ଲଗାମ ଲଗାଇବା ଆବଶ୍ୟକ । ଉପରାଷ୍ଟ୍ରପତି କେନ୍ଦ୍ରର ମୋଦୀ ସରକାର ଆଣିଥିବା ସାର୍ବଜନୀନ ପରୀକ୍ଷା (ଅନ୍ୟାୟ ଅର୍ଥ ନିବାରଣ) ବିଲ୍ ୨୦୨୪କୁ ପ୍ରଶଂସା କରିଛନ୍ତି ।



ଛାତ୍ରଛାତ୍ରୀମାନେ ଏବେ ଦୁଇଟି ଭୟର ସମ୍ମୁଖୀନ ହେଉଛନ୍ତି । ପ୍ରଥମଟି ହେଉଛି ପରୀକ୍ଷାର ଭୟ ଏବଂ ଦ୍ୱିତୀୟଟି ହେଉଛି ପ୍ରଶ୍ନପତ୍ର ଲିକ୍ ଭୟ । ଉପରାଷ୍ଟ୍ରପତି କହିଛନ୍ତି ଯେ ଛାତ୍ରଛାତ୍ରୀମାନେ ମାସ ମାସ ଧରି ପ୍ରସ୍ତୁତି କରନ୍ତି, କିନ୍ତୁ ପ୍ରଶ୍ନପତ୍ର ଲିକ୍ ହେଲେ ଏହା ସେମାନଙ୍କ ପାଇଁ ଏକ ବଡ଼ ଝଟକା ହୋଇଥାଏ, ଯାହା ଅତ୍ୟନ୍ତ ନିରାଶାଜନକ । ଗତ ସପ୍ତାହରେ ସଂସଦରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ମଧ୍ୟ ଏହାକୁ ନେଇ ମୋଦୀ ସରକାରଙ୍କୁ ଟାର୍ଗେଟ କରିଥିଲେ । ଗତ ଜାନୁଆରୀ ୩ରେ ସେ କହିଥିଲେ ଯେ ବିଜେପି ଯୁବବର୍ଗଙ୍କ ଭବିଷ୍ୟତ ସହ ଖେଳୁଛି । ବିଜେପି ଏକଲବ୍ୟ ଭଳି ଯୁବଗୋଷ୍ଠୀଙ୍କ ଅଙ୍ଗୁଳି କାଟିନେଉଛି ।

# ଅବସର ନେବେ ରାଜୀବ କୁମାର

**ନୂଆଦିଲ୍ଲୀ,୧୨।୧(ଏଜେନ୍ସି):** ଦେଶର ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାରଙ୍କ କାର୍ଯ୍ୟକାଳ ସରିବାକୁ ଯାଉଛି । ଫେବୃଆରୀ ୧୮ ତାରିଖରେ ଅବସର ନେବେ ମୁଖ୍ୟ ନିର୍ବାଚନ ଆୟୁକ୍ତ ରାଜୀବ କୁମାର । ଦିଲ୍ଲୀ ବିଧାନସଭା ନିର୍ବାଚନ ତାରିଖ ଘୋଷଣା ହୋଇ ସାରିଛି । ଫେବୃଆରୀ ୫ ତାରିଖରେ ଦିଲ୍ଲୀ ନିର୍ବାଚନ ଅନୁଷ୍ଠିତ ହେବ । ୮ ତାରିଖରେ ଫଳାଫଳ ବାହାରିବ । ନିର୍ବାଚନ ତାରିଖ ଘୋଷଣା ସମୟରେ ମୁଖ୍ୟ ନିର୍ବାଚନ ଆୟୁକ୍ତ ରାଜୀବ କୁମାର କହିଥିଲେ ଏହା ମୋର ଶେଷ ପ୍ରେସମିଟ । ଆସନ୍ତା ଫେବୃଆରୀ ୧୮ ତାରିଖରେ ତାଙ୍କର କାର୍ଯ୍ୟକାଳ ସରିବ । ଦିଲ୍ଲୀ ବିଧାନସଭା ନିର୍ବାଚନ ତାଙ୍କର ଚିଫ୍ ଇଲେକ୍ସନ କମିଶନର ଭାବେ ଶେଷ ନିର୍ବାଚନ ହେବ । କିପରି ନିଯୁକ୍ତ ହୁଅନ୍ତି ମୁଖ୍ୟ ନିର୍ବାଚନ କମିଶନର- ଏବେ ପ୍ରଶ୍ନ ଆସୁଥିବ ଦେଶର ମୁଖ୍ୟ ନିର୍ବାଚନ କମିଶନରଙ୍କ ଚୟନ କିପରି ହୁଏ । କହି ରଖୁଛୁ କି ମୁଖ୍ୟ ନିର୍ବାଚନ ଆୟୁକ୍ତ ଏବଂ ନିର୍ବାଚନ ଆୟୁକ୍ତ ଚୟନ ନେଇ ନୂଆ ନିୟମ ଲାଗୁ ହୋଇଛି । ଚୟନ ପ୍ରକ୍ରିୟାକୁ ବ୍ୟାପକ କରାଯାଇଛି । ନିର୍ବାଚନ ଆୟୋଗରେ ସିଇସିଙ୍କ ସହିତ ଅନ୍ୟ ନିର୍ବାଚନ ଆୟୁକ୍ତ ରହିଥାନ୍ତି । ବର୍ତ୍ତମାନ ଜ୍ଞାନେଶ କୁମାର ଓ ସୁଖବୀର ସିଂହ ସନ୍ଧୁ ଏହି ପଦରେ ରହିଛନ୍ତି । ନୂଆ ଆଇନ ଅନୁସାରେ ଚିଫ୍ ଇଲେକ୍ସନ କମିଶନର ଓ ନିର୍ବାଚନ କମିଶନର ନିଯୁକ୍ତି ପାଇଁ ପ୍ରାର୍ଥୀଙ୍କ ନାମର ଏକ ସର୍ଟଲିଷ୍ଟ ବାହାରିଥାଏ । ଏହାପରେ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ୩ ସଦ୍ୟସୀୟ କମିଟି ପାଖକୁ ପଠାଯିବ । ଏହା ପରେ ଚୟନ କମିଟି ସୁପାରିଶ କରିଥିବା ନାମରକୁ ରାଷ୍ଟ୍ରପତିଙ୍କ ନିକଟକୁ ପଠାଇବେ । ଏହାପରେ ରାଷ୍ଟ୍ରପତି ଉକ୍ତ ନାମରେ ଅନ୍ତିମ ମୋହର ମାରିବେ । ଏହାପରେ ନୋଟିଫିକେସନ ଜାରି କରାଯିବ । ଚୟନ କମିଟି ଅଧ୍ୟକ୍ଷତା ପ୍ରଧାନମନ୍ତ୍ରୀ କରିଥାନ୍ତି । ସମସ୍ତ ନିର୍ବାଚନ ଦାୟିତ୍ୱ ଥାଏ- କହିରଖୁଛୁ କି ଦେଶରେ ହେଉଥିବା ସମସ୍ତ ନିର୍ବାଚନ ଦାୟିତ୍ୱ ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ ଉପରେ ଥାଏ । ସମ୍ବିଧାନର ଅନୁଚ୍ଛେଦ ୩୨୪ରେ ନିର୍ବାଚନ ଆୟୋଗଙ୍କ ବିଷୟରେ ରହିଛି । ଲୋକସଭା, ରାଜ୍ୟସଭା, ବିଧାନସଭାଠୁ ନେଇ ରାଷ୍ଟ୍ରପତି-ଉପରାଷ୍ଟ୍ରପତି ନିର୍ବାଚନ ଦାୟିତ୍ୱ ମୁଖ୍ୟ ନିର୍ବାଚନ କମିଶନରଙ୍କ ଉପରେ ଥାଏ । ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ ଅଧିନରେ ନିର୍ବାଚନ ଆୟୁକ୍ତ ରହିଥାନ୍ତି । ରାଜ୍ୟରେ ନିର୍ବାଚନ ଆୟୋଗଙ୍କୁ ରାଜ୍ୟପାଳ ନିଯୁକ୍ତି କରିଥାନ୍ତି । ରାଜୀବ କୁମାରଙ୍କ ପରେ ଜ୍ଞାନେଶ କୁମାର ଓ ସୁଖବୀର ସିଂହ ପରବର୍ତ୍ତୀ ଚିଫ୍ କମିଶନର ହୋଇପାରନ୍ତି ବୋଲି ଚର୍ଚ୍ଚା ହେଉଛି ।

# କୋଲମ୍ବିଆରେ ବିମାନ ଦୁର୍ଘଟଣାରେ ୧୦ଜଣଙ୍କ ମୃତ୍ୟୁ

ବୋଗୋଟା,୧୨।୧୧(ଏଜେନ୍ସି): ଦକ୍ଷିଣ ଆମେରିକୀ ଦେଶ କୋଲମ୍ବିଆରେ ଏକ ଛୋଟ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ୧୦ଜଣଙ୍କ ମୃତ୍ୟୁ ଘଟିଛି ।ବିମାନ ଅଧିକାରୀ ଏହା ନିଶ୍ଚିତ କରିଛନ୍ତି ।ପେସିଫିକ ଟ୍ରାଭେଲ ଦ୍ୱାରା ପରିଚାଳିତ ଏହି ବିମାନ ଜୁରାଡୋରୁ ମୋଡୋଲିନ ରାସ୍ତାରେ ବୁଧବାର ନିଖୋଜ ହୋଇଯାଇଥିଲା ।ବିମାନର ଧ୍ୱଂସାବଶେଷ ଏଣ୍ଟିଓକ୍ୱିୟାର ଉତ୍ତର ପଶ୍ଚିମୀ କୋଲମ୍ବିଆ ବିଭାଗର ଉର୍ରାଓ୍ୱର ଏକ ଗ୍ରାମୀଣ ଅଂଚଳରେ ମିଳିଥିଲା ।ମିଡିଆ ରିପୋର୍ଟ ଅନୁସାରେ ବିମାନରେ ଚାଳକ ଦଳର ଦୁଇ ସଦସ୍ୟ ଏବଂ ଆଠଜଣ ଯାତ୍ରୀ ଥିଲେ ।ଏଣ୍ଟିଓକ୍ୱିୟାର ବିପଦ ପରିଚାଳନା ବିଭାଗର ନିର୍ଦ୍ଦେଶକ



କାର୍ଲୋସ ରିୟୋସ ପୁଏର୍ଟା କହିଛନ୍ତି ଯେ ଦୁର୍ଭାଗ୍ୟବଶତଃ ବିମାନରେ ଯାତ୍ରା କରୁଥିବା କେହି ମଧ୍ୟ ବଂଚିନାହାନ୍ତି । ଆମର ସାଇଟରେ ୩୭ କର୍ମୀ କାମ କରୁଛନ୍ତି ।ଆମେ ଦ୍ୱିତୀୟ ପର୍ଯ୍ୟାୟ ତ୍ୱରାନ୍ୱିତ କରୁଛୁ,ଯେଉଁଥିରେ ମୃତଦେହ ଉଦ୍ଧାର ଏବଂ ନ୍ୟାୟିକ ପୋଲିସ ସହିତ ସମନ୍ୱୟ ଅନ୍ତର୍ଭୁକ୍ତ ।ପ୍ରତିକୁଳ ପାଗ ଯୋଗୁଁ ପୁନରୁଦ୍ଧାର ପ୍ରକ୍ରିୟା ସହଜ ହେଉନାହିଁ ।ତଥାପି ପୁନରୁଦ୍ଧାର ପ୍ରକ୍ରିୟା ଯଥାସମ୍ଭବ ଏବଂ ସକୁଶଳରେ ସମାପ୍ତ କରିବାକୁ ପ୍ରୟାସ ଚାଲିଛି ।

# କେଜ୍ରିୱାଲଙ୍କୁ ଟକ୍କର ଦେବେ ଦୁଇ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ପୁଅ

**ନୂଆଦିଲ୍ଲୀ,୧୨।୧(ଏଜେନ୍ସି):** ଏଥରେ ନୂଆଦିଲ୍ଲୀ ଆସନରେ ସବୁଠାରୁ ବଡ଼ ଲଢ଼େଇ । ଜଣେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ଟକ୍କର ଦେଉଛନ୍ତି ଦୁଇଜଣ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଦୁଇ ପୁଅ । ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଆପରୁ ପ୍ରାର୍ଥୀ ହୋଇଥିବାବେଳେ କଂଗ୍ରେସରୁ ପ୍ରାର୍ଥୀ ହୋଇଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ଶୀଲା ଦୀକ୍ଷିତଙ୍କ ପୁଅ ସନ୍ଦୀପ । ତେଣେ ମଇଦାନକୁ ଓହ୍ଲାଇଛନ୍ତି ପୂର୍ବତନ ବିଜେପି ମୁଖ୍ୟମନ୍ତ୍ରୀ ସାହିବ ସିଂ ବର୍ମାଙ୍କ ପୁଅ ପରବେଶ ବର୍ମା । ନୂଆଦିଲ୍ଲୀ ବିଧାନସଭା ଆସନ କଂଗ୍ରେସ ଗଡ଼ ଥିଲା । ୧୯୯୮ରୁ ୨୦୧୩ ଯାଏ ଶୀଲା ଦୀକ୍ଷିତ ଥିଲେ ମୁଖ୍ୟମନ୍ତ୍ରୀ । ତେବେ ୨୦୧୩ରୁ ବିଜୟୀ ହୋଇଆସୁଛନ୍ତି କେଜରିୱାଲ । ପୂର୍ବ ଦିଲ୍ଲୀରୁ ୨ ଥର ସାଂସଦ ହୋଇଛନ୍ତି ସନ୍ଦୀପ ଦୀକ୍ଷିତ । ସାମାଜିକ ବିକାଶ କାର୍ଯ୍ୟକ୍ରମରେ ଜଡ଼ିତ ଅଛନ୍ତି ସନ୍ଦୀପୟ ଶୀଲା ଦୀକ୍ଷିତଙ୍କ ଲିଗାସୀ ନେଇ ସନ୍ଦୀପଙ୍କ ଉପରେ ଆଶା ରଖିଛି ଦଳ । ସେପଟେ ପୂର୍ବତନ ମୁଖ୍ୟମନ୍ତ୍ରୀ ସାହେବ ସିଂ ବର୍ମାଙ୍କ ପୁଅ ପରବେଶ ବର୍ମା । ସେ ପଶ୍ଚିମ ଦିଲ୍ଲୀରୁ ୨ ଥର ସାଂସଦ ହୋଇଛନ୍ତି । ଗତ ଲୋକସଭା ନିର୍ବାଚନରେ ପରବେଶଙ୍କୁ ମିଳି ନଥିଲା ଟିକେଟ । ତେଣେ ଦିଲ୍ଲୀର ବିଭିନ୍ନ ସ୍ଥାନରେ ପ୍ରଚାର କରିଛନ୍ତି ସନ୍ଦୀପ ଦୀକ୍ଷିତ ।

# କଂଗ୍ରେସର ବଡ଼ ପ୍ରତିଶ୍ରୁତି

ନୂଆଦିଲ୍ଲୀ,୧୨।୧: କଂଗ୍ରେସ ଆଜି ତାର ତୃତୀୟ ଗ୍ୟାରେଣ୍ଟି ଘୋଷଣା କରିଛି । ଏହି ଘୋଷଣା ଯୁବପିଢ଼ିଙ୍କ ପାଇଁ ଏହାର ନାମ ଯୁବ ଉଡାନ ଯୋଜନା କଂଗ୍ରେସ ଘୋଷଣା କରିଛି ଯେ, ଯଦି ଏହା ସରକାର ଗଠନ କରେ, ତେବେ ବେକାର ଯୁବକଯୁବତୀଙ୍କୁ ପ୍ରତିମାସରେ ୮୫୦୦ ଟଙ୍କା ଶିକ୍ଷାର୍ଥୀ ଭାବରେ ଦିଆଯିବ ରାଜସ୍ଥାନର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତଥା କଂଗ୍ରେସ ନେତା ସଚିନ ପାଇଲଟ ରାଜଧାନୀ ଦିଲ୍ଲୀରେ ଏହା ଘୋଷଣା କରିଛନ୍ତି । ସଚିନ ପାଇଲଟ କହିଛନ୍ତି, ୫ରେ ଦିଲ୍ଲୀର ଲୋକମାନେ ଏକ ନୂତନ ସରକାର ବାଛିବାକୁ ଯାଉଛନ୍ତି କଂଗ୍ରେସ ଦଳର ସମସ୍ତ ନେତା ଏବଂ କର୍ମୀ ସେମାନଙ୍କର ଦାୟିତ୍ୱ ନିର୍ବାହ କରୁଛନ୍ତି । ଅହଂକାର ସଂଘର୍ଷ ଯୋଗୁ ଦିଲ୍ଲୀବାସୀ କଷ୍ଟ ଭୋଗିଛନ୍ତି । ଜନସାଧାରଣ ପୂର୍ଣ୍ଣ ସୁଯୋଗ ଦେଇଥିଲେ । ଦିଲ୍ଲୀରେ ରହୁଥିବା ଆମର ଶିକ୍ଷିତ ବନ୍ଧୁମାନଙ୍କର ଯତ୍ନ ନେବା ଏବଂ ସେମାନଙ୍କ ଯତ୍ନ ନେବା ସରକାରଙ୍କର କିଛି ଦାୟି କିନ୍ତୁ ତାହା ହୋଇପାରି ନାହାନ୍ତି । ପାଇଲଟ କହିଥିଲେ, ଦିଲ୍ଲୀର ଯେକୌଣସି ଯୁବକ ଶିକ୍ଷିତ ପୁଅ ହେଉ କି ଝିଅ, ଆମେ ପ୍ରତ୍ୟେକ ଶିକ୍ଷିତ ବେକାରଙ୍କୁ ଯୁବ ଉଡ଼ାଣ ଯୋଜନା ଅଧୀନରେ ପ୍ରତିମାସରେ ୮୫୦୦ ଟଙ୍କା ଦେବୁ ।

# ଧୂଆଁ କମୁନି, ନିଆଁ ଲିଭୁନି, ନେଲାଣି ୧୬ ଜୀବନ

ୱାଂଶିଟନ,୧୨।୧: ହୁ ହୁ ହୋଇ ଜଳୁଛି ଜଙ୍ଗଲ ନିଆଁ ଆଁରେ ପଶିଗଲାଣି ଜନବସତି ଏହା ଥମିବାର ନାଁ ଧରୁନାହିଁ ନିଆଁ ସହ ଚାରିଆଡେ ବ୍ୟାପିବାରେ ଲାଗିଛି ଧୂଆଁ ଲସ୍ ଏଞ୍ଜିଲସ୍‌ରେ ଲାଗିଥିବା ନିଆଁ ବିକରାଳ ରୂପ ଧାରଣ କରି ଜନବସତି ଆଡକୁ ବଢ଼ି ଚାଲିଛି । ବର୍ତ୍ତମାନ ସୁଦ୍ଧା ଏହି ନିଆଁରେ ପୋଡି ୧୬ ଜଣଙ୍କ ଜୀବନ ଗଲାଣି ସେହିପରି ୧୨ ହଜାରରୁ ଅଧିକ ଘର ଜଳି ପୋଡି ପାଉଁଶ ହୋଇଗଲାଣି ।



ନିଆଁ ଲିଭାଇବା ପାଇଁ ସରକାର ଲାଗି ପଡିଛନ୍ତି ତଥାପି ନିଆଁ ଆୟତ୍ତ ହେଉନାହିଁ ଅଗ୍ନିଶମ ବାହିନୀ ନିଆଁ ଲିଭାଇବା ପାଇଁ ଝାଳ ବୁହା ପରିଶ୍ରମ ମଧ୍ୟ କରୁଛି କିନ୍ତୁ ପ୍ରବଳ ପବନ ଯୋଗୁ ଏହା ଲିଭିବା ବଦଳରେ ବଢ଼ି ଚାଲିଛି ପାଣିପାଗ ବିଭାଗର କହିବା ମୁତାବକ, ଆଜି ରାତି ଓ ସୋମବାର ଆହୁରି ଅଧିକ ପବନ ବହିବା ସମ୍ଭାବନା ରହିଛି । ତେଣୁ ନିଆଁ ଆହୁରି ବଢ଼ିବ ବୋଲି ଅଶଙ୍କା କରାଯାଇଛି । ଲସ୍ ଏଞ୍ଜିଲସ୍ କାଉଣ୍ଟିର ଚାରି ଅଞ୍ଚଳରେ ନିଆଁ ବ୍ୟାପି ତାଣ୍ଡବ ରଚିଛି ଏଥିରେ ପେସିଫିକ୍ ପେଲିସେଡସ୍ ଅଞ୍ଚଳ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି ଏଠାରେ ପ୍ରାୟ ୧୦୦୦ ଏକର ଯାଏଁ ନିଆଁ ବ୍ୟାପିଛି, ଯେଉଁଥିରେ ହଜାର ହଜର ଘର ଜଳି ପୋଡି ପାଉଁଶ ହୋଇଯାଇଛି ଫଳରେ ଏଠାର ଲୋକ ଘର ଛାଡି ସୁରକ୍ଷିତ ସ୍ଥାନକୁ ଯିବାକୁ ବାଧ୍ୟ ହୋଇଛନ୍ତି ।

ଇଟନ୍ ଓ ଅନ୍ୟ ଅଞ୍ଚଳର ମଧ୍ୟ ନିଆଁର ପ୍ରକୋପ ଜାରି ରହିଛି ଲସ୍ ଏଞ୍ଜିଲସ୍ କାଉଣ୍ଟିରେ ୧୦୦,୦୦୦ରୁ ଅଧିକ ବାସିନ୍ଦା ବିସ୍ଥାପିତ ହୋଇଯାଇଛନ୍ତି ସେହିପରି ନିଆଁ ଲାଗି ଅନେକ ହଲିଉଡ ଷ୍ଟାର୍ ମଧ୍ୟ ପ୍ରଭାବିତ ହୋଇଛନ୍ତି ସେମାନଙ୍କ ବେଶ୍ ଦାମୀ ଘରଗୁଡିକ ମଧ୍ୟ ପୋଡି ପାଉଁଶ ହୋଇଯାଇଛି । ଲସ୍ ଏଞ୍ଜିଲସ କାଉଣ୍ଟି ପୁଲିସ ବିଭାଗ କହିଛି । ବର୍ତ୍ତମାନ ସୁଦ୍ଧା ନିଆଁରେ ପୋଡି ୧୬ ଜଣଙ୍କ ମୃତ୍ୟୁ ହୋଇଛି ।ସେହିପରି ୧୩ ଜଣ ଏବେବି ନିଖୋଜ ଅଛନ୍ତି ପୀଡିତଙ୍କୁ ଉଦ୍ଧାର କରିବା ପାଇଁ ସନ୍ଧାନୀ କୁକୁର ସ୍କାଡ୍ ସହାୟତାରେ ଅଗ୍ନି ପ୍ରଭାବିତ ଅଞ୍ଚଳରେ ଥିବା ଘର ଏବଂ ଅନ୍ୟାନ୍ୟ ଅଟ୍ଟାଳିକାରେ ସର୍ଚ୍ଚ ଅପରେସନ ଚାଲିଛି । ସୂଚନା ମୁତାବକ, କାଲିଫର୍ଣ୍ଣିଆ । ଜଙ୍ଗଲରେ ନିଆଁ ଜାନୁଆରୀ ୭ ତାରିଖରେ ଲାଗିଥିଲା, ଯାହା ଏକ ସପ୍ତାହ ପରେ ମଧ୍ୟ ଥମିବାର ନାଁ ଧରୁନି ନିଆଁ ଲିଭାଇବା ପାଇଁ ଆକାଶ ମାର୍ଗରୁ ପାଣି ସିଞ୍ଚନ ଚାଲିଛି ତଥାପି ନିଆଁ ଆୟତ୍ତ ହେଉନାହିଁ ।

# ୪ ଜଣଙ୍କୁ ବାନ୍ଧିଲା ଇଡି

ପଟନା ୧୨।୧୧(ଏଜେନ୍ସି):ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡୀ )ଜାତୀୟ ଜନତା ଦଳର ବିଧାୟକ ଏବଂ ପୁର୍ବତନ ମନ୍ତ୍ରୀ ଆଲୋକ ମେହତା ଉପରେ କଡା ଅଭିମୁଖ୍ୟ ଗ୍ରହଣ କରୁଛି ।ସେମାନଙ୍କ ଅନେକ କମ୍ପାନୀ ସହିତ ଜଡିତ କୋଟି ଟଙ୍କା ମନି ଲ୍ୟାଣ୍ଡ୍ରିଙ୍ଗ ମାମଲାରେ ଅନୁସନ୍ଧାନବେଳେ ମିଳିଥିବା ପ୍ରମାଣ ଆଧାରରେ ଚାରିଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ।ଏହି ମାମଲା ବିହାର ସ୍ଥିତ ବୈଶାଳୀ ସହରୀ କର୍ପୋରେସନ ବ୍ୟାଙ୍କରୁ କୋଟି କୋଟି ଟଙ୍କା ଠକେଇ ହୋଇଛି ।ଏହି ଘୋଟାଲରେ ବ୍ୟାଙ୍କର ଚେୟାରମ୍ୟାନ ସହିତ ସୀଇଓ ଏବଂ ବହୁ ଅଧୀକାରୀଙ୍କ ଭୁମିକା ମଧ୍ୟ ସନ୍ଦେହଜନକ ।ଏହି ମାମଲାରେ ଅନୁସନ୍ଧାନବେଳେମିଳିଥିବା ବିବୃତ୍ତି ଆଧାରରେ ଚାରିଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ।ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ଦିଲ୍ଲୀରୁ ,ଅନ୍ୟଜଣେ କୋଲକାତାର ଏବଂ ଅବଶିଷ୍ଟ ଦୁଇ ମୁଖ୍ୟ ଅଭିଯୁକ୍ତଙ୍କୁ ବିହାରରୁ ଗିରଫ କରାଯାଇଛି ।

# ବିନା କୌଣସି ଅତିରିକ୍ତ ଚାର୍ଜରେ ପାଇପାରିବେ ଅସୀମିତ ହାଇସ୍ପିଡ଼ ଡାଟା

**ନୂଆଦିଲ୍ଲୀ,୧୨।୧(ଏଜେନ୍ସି):** ଭୋଡାଫୋନ୍ ଆଇଡିଆ (ଭିଆଇ) ଉପଭୋକ୍ତାମାନଙ୍କ ପାଇଁ ଏକ ଖୁସି ଖବର । କମ୍ପାନୀ ଏହାର ପ୍ରିପେଡ୍ ପ୍ଲାନରେ ଅସୀମିତ ଡାଟା ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛି । ଏହାର ଅର୍ଥ ହେଉଛି ଯେ ଏବେ ଭିଆଇ ଉପଭୋକ୍ତାମାନେ କୌଣସି ଚିନ୍ତା ବିନା ଡାଟା ବ୍ୟବହାର କରିପାରିବେ । କମ୍ପାନୀ ଡାଟା ବ୍ୟବହାର ଉପରେ କୌଣସି ସୀମା ଧାର୍ଯ୍ୟ କରିନାହିଁ । କୁହାଯାଉଛି ଯେ କମ୍ପାନୀ ବର୍ତ୍ତମାନ ଏହି ଡାଟା ପ୍ୟାକ୍ ପରୀକ୍ଷାମୂଳକ ଭାବରେ ଆଣିଛି । ଏହା ବିଶ୍ୱାସ କରାଯାଉଛି ଯେ ଏହି ସୁବିଧା ଭବିଷ୍ୟତରେ ସମସ୍ତ ଉପଭୋକ୍ତାଙ୍କ ପାଇଁ କାର୍ଯ୍ୟକାରୀ କରାଯାଇପାରିବ । କମ୍ପାନୀର ଏହି ଅଫର ବିଷୟରେ କହିବାକୁ ଗଲେ ଭିଆଇ ଏବେ ୩୬୫ ଟଙ୍କାରୁ ଅଧିକ ରିଚାର୍ଜ କରୁଥିବା ଉପଭୋକ୍ତାମାନଙ୍କୁ ଅସୀମିତ ଡାଟା ପ୍ରଦାନ କରିବ । ଅର୍ଥାତ୍, କମ୍ପାନୀ ଏହି ଅଫର ୩୬୫, ୩୭୯, ୪୦୭, ୪୪୯, ୪୦୮, ୪୬୯, ୬୪୯, ୯୭୯, ୯୯୪, ୯୯୬, ୯୯୭, ୯୯୮ ଏବଂ ୧୧୯୮ ଟଙ୍କାର ପ୍ଲାନରେ ପ୍ରଦାନ କରୁଛି । ଉଲ୍ଲେଖ ଥାଉ କି ଯେ ଏହି ପ୍ଲାନଗୁଡ଼ିକ ପୂର୍ବରୁ କାର୍ଯ୍ୟକାରୀ ହୋଇସାରିଛି । ଏବେ ଏଗୁଡ଼ିକ ଉପରେ ନୂତନ ସୁବିଧା ଘୋଷଣା କରାଯାଇଛି । ବର୍ତ୍ତମାନ ଏହି ଅଫର ମଧ୍ୟପ୍ରଦେଶ, ରାଜସ୍ଥାନ ଏବଂ ଆନ୍ଧ୍ର ପ୍ରଦେଶରେ ଚାଲୁଛି । ଆଶା କରାଯାଉଛି ଯେ କମ୍ପାନୀ ଭବିଷ୍ୟତରେ ଏହାକୁ ସାରା ଦେଶରେ କାର୍ଯ୍ୟକାରୀ କରିପାରିବ । ଭିଆଇ ଦେଶର ତୃତୀୟ ବୃହତ୍ତମ ଟେଲିକମ୍ କମ୍ପାନୀ ଏବଂ ଏପର୍ଯ୍ୟନ୍ତ ଏହା ଏହାର ବ୍ୟବହାରକାରୀଙ୍କୁ କେବଳ ୪ଜି ସଂଯୋଗ ପ୍ରଦାନ କରୁଛି । କମ୍ପାନୀ ମାର୍ଚ୍ଚ ମାସରୁ ଦେଶର ୭୫ଟି ସହରରେ ୫ଜି ସେବା ଆରମ୍ଭ କରିବାକୁ ଯାଉଛି । ନୂତନ ଅଫରକୁ ସେପର୍ଯ୍ୟନ୍ତ ଗ୍ରାହକମାନଙ୍କୁ ବଜାୟ ରଖିବାର ଏକ ପ୍ରୟାସ ଭାବରେ ଦେଖାଯାଉଛି ।

# ମାର୍ଚ୍ଚ ୨୩ ରୁ ଆଇପିଏଲ



ନୂଆଦିଲ୍ଲୀ,୧୨।୧ :ଫଟାଫଟ କ୍ରିକେଟ ଆଇପିଏଲର ୧୮ତମ ସଂସ୍କରଣ କେବେ ଆରମ୍ଭ ହେବ, ତାର ତାରିଖ ଘୋଷଣା କରିଛି ବିସିସିଆଇ ଆସନ୍ତା ମାର୍ଚ୍ଚ ୨୩ ତାରିଖରୁ ଆଇପିଏଲ ଆରମ୍ଭ ହେବ ବୋଲି ବିସିସିଆଇର ଉପ ସଭାପତି ରାଜୀବ ଶୁକ୍ଲା ନିଶ୍ଚିତ କରିଛନ୍ତି।ମାର୍ଚ୍ଚ ୨୩ରୁ ଆଇପିଏଲ ଆରମ୍ଭ ହେବାକୁ ଥିବା ବେଳେ ଏହାର ବହୁ ପୂର୍ବରୁ ଅର୍ଥାତ ନଭେମ୍ବର ୨୪ ଓ ୨୫ରେ ସମସ୍ତ ୧୦ ଫ୍ରାଞ୍ଚାଇଜ ନିଲାମ ପ୍ରକ୍ରିୟା ଜରିଆରେ ଖେଳାଳି କିଣି ସାରିଛନ୍ତି। ଆଜି ରାଜୀବ ଶୁକ୍ଲା କହିଛନ୍ତି, ଆଇପିଏଲ ମାର୍ଚ୍ଚ ୨୩ରୁ ଆରମ୍ଭ ହେବ ସେହିପରି ମେ ୨୫ରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ୨୦୨୪ରେ ଆଇପିଏଲ ମାର୍ଚ୍ଚ ୨୨ରେ ଆରମ୍ଭ ହୋଇଥିଲା ଫାଇନାଲ ମେ ୨୬ରେ ଖେଳାଯାଇଥିଲା କିନ୍ତୁ ଏଥର ମାର୍ଚ୍ଚ ୨୩ରୁ ଆଇପିଏଲ ଆରମ୍ଭ ହେବ। ଅତିରିକ୍ତ ଭାବେ ଆଇପିଏଲ ପକ୍ଷରୁ ଜଣେ ନୂଆ। କମିଶନରଙ୍କୁ ବର୍ଷକ ପାଇଁ ନିଯୁକ୍ତ କରାଯିବ ବିସିସିଆଇର ପରବର୍ତ୍ତୀ ବୈଠକ ଜାନୁଆରୀ ୧୮ରୁ ୧୯ରେ ଆୟୋଜନ ହେବ ଏହି ସମୟରେ ଚାମ୍ପିୟନ୍ସ ଟ୍ରଫି ପାଇଁ ସ୍କ୍ୱାଡ ଉପରେ ଆଲୋଚନା କରାଯିବ ବୋଲି ଜଣାପଡ଼ିଛି।

## ୪ ସହରରେ ଡବ୍ଲୁପିଏଲ୍

ପୁରୁଷଙ୍କ ଆଇପିଏଲ ଢାଞ୍ଚାରେ ଖେଳାଯାଉଥିବା ମହିଳା ପ୍ରିମିୟର ଲିଗ ବା ଡବ୍ଲୁପିଏଲ୍‌ର ୨୦୨୫ ସଂସ୍କରଣ ।ଫେବୃଆରୀ ପ୍ରଥମ ସପ୍ତାହରୁ ଆରମ୍ଭ ହେବ ଏହି ଟୁର୍ଣ୍ଣାମେଣ୍ଟ। ଚଳିତ ବର୍ଷ ୪ଟି ସହରରେ ଆୟୋଜନ ହେବ। ଏ ସମ୍ପର୍କରେ ଆଜି ବିସିସିଆଇ ଉପସଭାପତି ରାଜୀବ ଶୁକ୍ଲା ସ୍ପଷ୍ଟ କରିଛନ୍ତି।ସେ କହିଛନ୍ତି, ଡବ୍ଲୁପିଏଲ୍‌ର ୨୦୨୫ ସଂସ୍କରଣ ଫେବୃଆରୀ ପ୍ରଥମ ସପ୍ତାହରୁ ଆରମ୍ଭ ହୋଇପାରେ। ଖୁବଶୀଘ୍ର ଏହାର ତାରିଖ ଘୋଷଣା ହେବ ସମସ୍ତ ମ୍ୟାଚ୍ ଏଥର ମୁମ୍ବାଇ, ବଦୋଦରା, ଲକ୍ଷ୍ନୌ ଓ ବେଙ୍ଗାଲୁରୁରେ ଖେଳାଯିବ।

ବିସିସିଆଇ ପ୍ରଥମେ କେବଳ ଲକ୍ଷ୍ନୌ ଓ ବଦୋଦରାରେ ଆୟୋଜନ କରିବ ବୋଲି ଲକ୍ଷ୍ୟ ରଖିଥିଲା କିନ୍ତୁ ଆଜି ବସିଥିବା ଗଭର୍ଣ୍ଣିଂ କାଉନସିଲ ମିଟିଂରେ ମୁମ୍ବାଇ ଓ ବେଙ୍ଗାଲୁରୁରେ ମଧ୍ୟ ମ୍ୟାଚ୍ ହେବ ବୋଲି ନିଷ୍ପତ୍ତି ହୋଇଛି। ସେହିପରି ମୁମ୍ବାଇରେ ଖେଳାଯିବାକୁ ଥିବା ମ୍ୟାଚ୍‌ଗୁଡ଼ିକ କେବଳ ବ୍ରାବର୍ଣ୍ଣ ଷ୍ଟାଡିୟମରେ ଅନୁଷ୍ଠିତ ହେବ ବୋଲି ଶ୍ରୀ ଶୁକ୍ଲା ସ୍ପଷ୍ଟ କରିଛନ୍ତି।

ମୁମ୍ବାଇରେ ଓପନିଂ ମ୍ୟାଚ୍ ଅନୁଷ୍ଠିତ ହେବ ବେଙ୍ଗାଲୁରୁରୁ ଟୁର୍ଣ୍ଣାମେଣ୍ଟ ଯିବା ପୂର୍ବରୁ କିଛି ମ୍ୟାଚ୍ ଲକ୍ଷ୍ନୌରେ ଅନୁଷ୍ଠିତ ହେବ ବଦୋଦରାରେ ନୂଆ। କରି ନିର୍ମାଣ ହୋଇଥିବା କୋଟାମ୍ବି ଷ୍ଟାଡିୟମରେ ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳାଯିବ ବୋଲି ଜଣାପଡ଼ିଛି। କୋଟାମ୍ବି ଷ୍ଟାଡିୟମ ସହର ଠାରୁ ମାତ୍ର ୨୦ କିମି ଦୂର ନିକଟରେ ଏଠାରେ ଭାରତୀୟ ମହିଳା ଦଳ ଓ ୱେଷ୍ଟଇଣ୍ଡିଜ ମହିଳା ଦଳ ମଧ୍ୟରେ ଦିନିକିଆ। ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା ।ଏବେ ସେଠାରେ ବିଜୟ ହଜାରେ ଟ୍ରଫିର ନକଆଉଟ ମ୍ୟାଚ୍‌ଗୁଡ଼ିକ ଖେଳାଯାଉଛି। ୨୦୨୩ ସଂପୂର୍ଣ୍ଣ ଭାବେ ମୁମ୍ବାଇରେ ଖେଳାଯାଇଥିଲା କିନ୍ତୁ ୨୦୨୪ରେ ବେଙ୍ଗାଲୁରୁ ଓ ଦିଲ୍ଲୀରେ ମ୍ୟାଚ୍‌ଗୁଡ଼ିକ ଅନୁଷ୍ଠିତ ହୋଇଥିଲା ।୨୦୨୪ରେ ସ୍ମୃତି ମନ୍ଧାନାଙ୍କ ରୟାଲ ଚ୍ୟାଲେଞ୍ଜରସ ବେଙ୍ଗାଲୁରୁ ଚାମ୍ପିୟନ ହୋଇଥିଲା।

## ଜିଲ୍ଲାସ୍ତରୀୟ ସିନିୟର୍ ଆନ୍ତଃକ୍ଲବ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ଶେଷ ସୁପର ଲିଗ୍ ମ୍ୟାଚ୍‌ରେ ଆଲି କ୍ରିକେଟ୍ ଏବଂ ଷ୍ପୋର୍ସ କାଉନ୍‌ସିଲ୍ ବିଜୟୀ

କେନ୍ଦ୍ରାପଡ଼ା,୧୨।୧ : କେନ୍ଦ୍ରାପଡା ଜିଲ୍ଲା କ୍ରିକେଟ୍ ଆସୋସିଏସନ ଏବଂ ଓସିଏର ମିଳିତ ଆନୁକୂଲ୍ୟରେ ବିଜୁ ପଟ୍ଟନାୟକ ଷ୍ଟାଡିୟମ୍‌ରେ ଆୟୋଜିତ ଜିଲାସ୍ତରୀୟ ଆନ୍ତଃ କ୍ଲବ ଶେଷ ସୁପର ଲିଗ୍ ମ୍ୟାଚ୍‌ରେ ଆଲି କ୍ରିକେଟ୍ ଏବଂ ଷ୍ପୋର୍ସ କାଉନ୍‌ସିଲ୍ ବିଜୟୀ ହୋଇଛି। ରବିବାର ଦିନ କେନ୍ଦ୍ରାପଡା ଟାଇଗର୍ସ କ୍ରିକେଟ କ୍ଲବ ଓ ଆଲି କ୍ରିକେଟ୍ ଏବଂ ଷ୍ପୋର୍ସ କାଉନ୍‌ସିଲ୍ ମଧ୍ୟରେ ସୁପର ଲିଗ୍ ଅନୁଷ୍ଠିତ ହୋଇଥିଲା । ପ୍ରଥମେ କେନ୍ଦ୍ରାପଡା ଟାଇଗର୍ସ କ୍ରିକେଟ କ୍ଲବ ଟସ୍ ଜିତି ବ୍ୟାଟିଂ କରି ୩୪.୫ ଓଭରରେ ୧୦ ୱିକେଟ୍ ବିନିମୟରେ ୧୩୬ ରନ୍ କରିଥିଲା । ଜବାବରେ ଆଲି କ୍ରିକେଟ୍ ଏବଂ ଷ୍ପୋର୍ସ କାଉନ୍‌ସିଲ୍ ୧୬.୨ ଓଭରରେ ୩ ୱିକେଟ୍ ବିନିମୟରେ ୧୩୮ ରନ୍ କରିଥିଲା। ଫଳରେ ଆଲି କ୍ରିକେଟ୍ ଏବଂ ଷ୍ପୋର୍ସ କାଉନ୍‌ସିଲ୍ ୭ ୱିକେଟ୍‌ରେ ବିଜୟୀ ହୋଇଥିଲା । ଏହି ମ୍ୟାଚରେ ଆଲି କ୍ରିକେଟ୍ ଏବଂ ଷ୍ପୋର୍ସ କାଉନ୍‌ସିଲ୍‌ର ସାହାଜାଦ୍ ଖାନ୍ ୭ଟି ଚୌକା ଓ ୩ଟି ଛକା ମାରି ୪୪




ବଲ୍‌ରେ ୬୪ ରନ୍ ବ୍ୟାଟିଂ କରି ଥିବା ବେଳେ ୭.୫ ଓଭର ବୋଲିଂ କରି ଗୋଟିଏ ମେଡେନ୍ ନେଇ ୧୩ରନ୍ ଦେଇ ଗୋଟିଏ ୱିକେଟ୍ ନେଇ ମ୍ୟାନ ଅଫ୍ ମ୍ୟାଚ୍ ହୋଇଥିଲେ । ଏହି ଅବସରରେ ଟ୍ରେଜେରର୍ ନୃସିଂହ ଚରଣ ରଥ ଅତିଥି ଭାବେ ଯୋଗ ଦେଇ ଖେଳାଳୀଙ୍କୁ ଟ୍ରଫି ପ୍ରଦାନ କରିଥିଲେ । ବିଶ୍ୱଜିତ ଅଧିକାରୀ ଓ ଲଲିତେନ୍ଦୁ ପଣ୍ଡା ଅମ୍ପାୟର ଭାବେ ମ୍ୟାଚ୍ ପରିଚାଳନା କରିଥିଲେ । ଚିରଞ୍ଜୀବୀ ବଳ ଓ ଏସ୍‌କେ ମିନାଜୁଦ୍ଦିନ୍ ସ୍କୋରର ଭାବେ ପରିଚାଳନା କରିଥିଲେ। ବରଦା କାନ୍ତ ବରାଳ ଏହି ଖେଳର ବିବରଣୀ ପ୍ରକାଶ କରିଥିଲେ । କେନ୍ଦ୍ରାପଡା ଜିଲ୍ଲା କ୍ରିକେଟ ଆସୋସିଏସନର ସମ୍ପାଦକ ଶୁଭାଶିଷ ସେନାପତିଙ୍କ ତତ୍ତ୍ୱାବଧାନରେ ଆକବର ଅଲ୍ଲୀ ଖାନ, କାର୍ତ୍ତିକ ସାହୁ, ଦିପକ କୁମାର ବାରିକ, ସମିର ମହାପାତ୍ର ଏହି ଖେଳକୁ ପରିଚାଳନା କରିଥିଲେ । ଜିଲ୍ଲାସ୍ତରୀୟ ସିନିୟର୍ ଆନ୍ତଃକ୍ଲବ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଆଜି ଶେଷ ସୁପର ଲିଗ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏହି ସମସ୍ତ ମ୍ୟାଚ୍‌ରେ ଓସିଏ ପକ୍ଷରୁ ଜିଲ୍ଲାରୁ ୩୦ଜଣ ଖେଳାଳିଙ୍କୁ ବଛାଯାଇଥିଲା । ସେମାନଙ୍କ ମଧ୍ୟରୁ ୧୫ଜଣଙ୍କୁ ଚୟନ କରାଯାଇ ରାଜ୍ୟସ୍ତରୀୟ ଖେଳରେ ଭାଗ ନେବାକୁ ସୁଯୋଗ ଦିଆଯିବ ବୋଲି ଶୁଭାଶିଷ ସେନାପତି ସୂଚନା ଦେଇଛନ୍ତି।

# ଫେବୃଆରୀ ୨୦ରୁ କଟକରେ ଜାତୀୟ କବାଡି ଚାମ୍ପିୟନଶିପ

କଟକ,୧୨।୧ : ପ୍ରଥମଥର ପାଇଁ ଓଡ଼ିଶାରେ ଖେଳାଯିବ ଜାତୀୟ ସିନିୟର କବାଡି ଚାମ୍ପିୟନଶିପ ଆସନ୍ତା ଫେବୃଆରୀ ୨୦ରୁ ୨୩ ତାରିଖ ଯାଏ ୭୧ତମ ଜାତୀୟ ପୁରୁଷ ସିନିୟର କବାଡି ଚାମ୍ପିୟନଶିପ କଟକର ଜବାହାରଲାଲ ନେହରୁ ଇନଡୋର ଷ୍ଟାଡିୟମରେ ଆୟୋଜନ ହେବ




ଆମେଚର କବାଡି ଫେଡେରେସନ ଅଫ ଇଣ୍ଡିଆ। ଓ ଓଡ଼ିଶା କବାଡି ଆସୋସିଏସନ୍ ପକ୍ଷରୁ ଏହି ଚମ୍ପିୟାନଶିପକୁ ଆୟୋଜନ କରାଯାଉଛି ରାଜ୍ୟ ସରକାର ମଧ ଏହି ଚାମ୍ପିୟନଶିପରେ ସହଯୋଗ କରିବେ ଟୁର୍ଣ୍ଣାମେଣ୍ଟରେ ୩୦ଟି ରାଜ୍ୟର ୪୫୦ରୁ ଅଧିକ ଖେଳାଳି ଭାଗ ନେବେ ସେହିପରି ପ୍ରତିଯୋଗିତାରେ ୫ଟି ଡିପାର୍ଟମେଣ୍ଟାଲ ଦଳ ମଧ୍ୟ ଅଂଶଗ୍ରହଣ କରିବେ ବୋଲି ଜଣାପଡ଼ିଛି।

ଏହା ସିନୟର ଚାମ୍ପିୟନଶିପ ହୋଇଥିବାରୁ ବିଭିନ୍ନ ରାଜ୍ୟରୁ ଭାରତକୁ ପ୍ରତିନିଧି କରୁଥିବା ଷ୍ଟାର କବାଡି ଖେଳାଳି ଓ ପ୍ରୋ କବାଡି ଲିଗରେ ଭାଗ ନେଇ ନିଜର ଜଲା ଦେଖାଉଥିବା ଖେଳାଳିମାନେ ମଧ ଅଂଶଗ୍ରହଣ କରିବେ ବୋଲି ଓଡ଼ିଶା କବାଡି ଆସୋସିଏସନର ସମ୍ପାଦକ ଅଜୟ ବେହେରା ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଛନ୍ତି।

ସେ କହିଛନ୍ତି, ଦେଶର ସମସ୍ତ ରାଜ୍ୟର ଦଳଗୁଡ଼ିକ ଚାମ୍ପିୟନଶିପରେ ଭାଗ ନେବେ ଏହାବାଦ ୫ଟି ଅଫିସିଆଲ ଦଳ- ସର୍ଭିସେସ, ଇଣ୍ଡିଆନ ରେଲୱେ, ବ୍ୟାଙ୍କ ସ୍ପୋର୍ଟସ, ଇଲେକ୍ଟ୍ରିସିଟି ବୋର୍ଡ ଓ ମେଜର ପୋର୍ଟସ ମ୍ୟାଚ୍ ଖେଳିବେ ଖେଳାଳି ଓ ଅଫିସିଆଲଙ୍କୁ ମିଶାଇ ମୋଟ ୭୫୦ ଜଣ ଚାମ୍ପିୟନଶିପରେ ସାମିଲ ହେବେ।

ଚାମ୍ପିୟନଶିପର ଓପନିଂ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗା ଦେବାର କାର୍ଯ୍ୟକ୍ରମ ଥିବା ବେଳେ ଉଦଯାପନୀ ଉତ୍ସବରେ କିଛି କେନ୍ଦ୍ରମନ୍ତ୍ରୀ ଯୋଗଦେବେ ପ୍ରଥମଥର ପାଇଁ ଓଡ଼ିଶାରେ ସିନିୟର କବାଡି ଚାମ୍ପିୟନଶିପ ଆୟୋଜନ ହେଉଛି ।

# ଦେବଜିତ ସାଇକିଆ ବିସିସିଆଇର ନୂଆ ସମ୍ପାଦକ

ମୁମ୍ବାଇ,୧୨।୧ : ପୂର୍ବତନ ୱିକେଟ୍ କିପର୍ ବ୍ୟାଟସ୍‌ମ୍ୟାନ୍ ଦେବଜିତ ସାଇକିଆ ହେଲେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ତଥା ବିସିସିଆଇର ନୂଆ ସମ୍ପଦକ। ତାଙ୍କୁ ବିସିସିଆଇ ସଭାପତି ରୋଜର ବିନ୍ନି କାର୍ଯ୍ୟକାରୀ ସମ୍ପଦକ ଭାବରେ ନିଯୁକ୍ତ କରିଛନ୍ତି। ଆଇସିସି ଅଧକ୍ଷ ଜୟ ଶାହଙ୍କ ସ୍ଥାନରେ ସାଇକିଆ। ଏହି ପଦ ଗ୍ରହଣ କରିବେ ଏହି ପଦ ପାଇଁ ସେ ଏକମାତ୍ର ପ୍ରାର୍ଥୀ ଥିଲେ।



ଜୟ ଶାହ ଆଇସିସି ଅଧକ୍ଷ ହେବା ପରେ ସାଇକିଆ। ମଧ୍ୟବର୍ତ୍ତୀକାଳୀନ ସମ୍ପାଦକ ଭାବରେ କାର୍ଯ୍ୟ କରୁଥିଲେ ବିସିସିଆଇର ସମ୍ବିଧାନ ଅନୁଯାୟୀ କୌଣସି ଖାଲି ପଦବୀକୁ ୪୫ ଦିନ ମଧ୍ୟରେ ଏକ ସାଧାରଣ ସଭା ଡକାଇ ପୂରଣ କରିବାକୁ ପଡିବ ଜୟ ଶାହା ୧ ଡିସେମ୍ବର ୨୦୨୪ରେ ଆଇସିସି ଅଧକ୍ଷ ରୂପେ ଦାୟିତତ୍ୱ ଗ୍ରହଣ କରିଥିଲେ ଏହାପର ଠାରୁ ଏହି ପଦବୀ ଖାଲି ଥିଲା।

ଆସାମର ବାସିନ୍ଦା ଦେବଜ୍ଜି ସାଇକିଆ। ପ୍ରଥମ ଶ୍ରେଣୀର ପୂର୍ବତନ କ୍ରିକେଟର ଯିଏ ୧୯୯୦ରୁ ୧୯୯୧ ଯାଏ ଚାରୋଟି ମ୍ୟାଚ୍ ଖେଳିଥିଲେ ତାଙ୍କ କ୍ରିକେଟ୍ କ୍ୟାରିୟର ବେଶ୍ ଛୋଟ ସେ ଏହି ସମୟରେ ୫୩ ରନ୍ ସଂଗ୍ରହ କରି ୯ଟି ଓ୍ୱିକେଟ୍ ନେଇଛନ୍ତି। କ୍ରିକେଟ୍ ପରେ ସେ ଆଇନରେ କ୍ୟାରିୟର କରିଥିଲେ ଏବଂ ୨୮ ବର୍ଷ ବୟସରେ ସେ ଗୌହାଟୀ ହାଇକୋର୍ଟରେ ଓକିଲ ହୋଇଥିଲେ ଏଥି ସହିତ, କ୍ରୀଡା କୋଟା ଅନୁଯାୟୀ ସେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ। (ଆରବିଆଇ) ଏବଂ ଉତ୍ତର ରେଳବାଇରେ ଚାକିରି ପାଇଥିଲେ ସାଇକିଆ। ୨୦୧୯ରେ ର ସଚିବ ହୋଇଥିଲେ ଏବଂ ପରେ ୨୦୨୨ରେ ବିସିସିଆଇର ଯୁଗ୍ମ ସଚିବ ଭାବରେ ନିର୍ବାଚିତ ହୋଇଥିଲେ।

## ୨୯ ତମ ନିମାପଡା କପ କ୍ରିକେଟ

# ଖୋର୍ଦ୍ଧାକୁ ହରାଇ ରାମେଶ୍ୱର ସ୍ପୋର୍ଟିଂ ଚାମ୍ପିଅନ




ନିମାପଡା,୧୨।୦୧-ନିମାପଡା ଆଥଲେଟିକ ଆସୋସିଏସନ ପକ୍ଷରୁ ନିମାପଡା ବାରବାଟୀ ପଡିଆରେ ଅନୁଷ୍ଠିତ ହେଉଥିବା ୨୯ତମ ନିମାପଡା କପ୍ ତଥା ପ୍ରଥମ ତାପସ ଦାସ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ ଖୋର୍ଦ୍ଧାର ଇଷ୍ଟକୋଷ୍ଟ ରେଲୱେ ଏବଂ ଭୁବନେଶ୍ୱରର ରାମେଶ୍ୱର ସ୍ପୋଟିଙ୍ଗ ମଧ୍ୟରେ ଅନୁଷ୍ଠିତ ହୋଇଥିଲାପ୍ରଥମେ ଇଷ୍ଟ କୋଷ୍ଟ ରେଲୱେ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇ ପଡିଆକୁ ଓହ୍ଲାଇ ନିର୍ଦ୍ଧାରିତ ଓଭରରେ ସମସ୍ତ ୱିକେଟ ହରାଇ ୧୫୯ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ପ୍ରଶାନ୍ତ ସାହୁ ୩୪ ଓ ରାକେଶ ମହାନ୍ତି ୩୭ ରନ ସଂଗ୍ରହ କରିଥିଲେ ପ୍ରତିପକ୍ଷ ବୋଲର ଆଶୁତୋଷ ନାୟକ ୫ଟି ୱିକେଟ ଅକ୍ତିଆର କରିଥିଲେ। ଏହାର ଜବାବରେ ରାମେଶ୍ୱର ସ୍ପୋଟିଙ୍ଗ ୧୬୨ ରନ କରି ବିଜୟ ଲାଭ କରିଥିଲେଦଳ ପକ୍ଷରୁ ସର୍ବାଧିକ ଏମ.ଜି.ଗୋପାଳ ୬୩ରନ ଓ ସିଦ୍ଧାର୍ଥ ବେହେରା ୪୯ ରନ ସଂଗ୍ରହ କରିଥିଲେ। ଏମ.ଜି.ଗୋପାଳ ମ୍ୟାନ ଅଫ ଦି ମ୍ୟାଚ ଓ ଆଶୁତୋଷ ନାୟକ ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ,ପଞ୍ଚାୟତ ସମିତି ଅଧକ୍ଷ ଶଙ୍କର ଭୋଇ,ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ,ଆଥେଲେଟିକ ଆସୋସିଏସନ ସମ୍ପାଦକ ଜୀବନାନନ୍ଦ ମହାପାତ୍ର, ଶ୍ରଧାସୁମନ ଦାସ, ଅଭିନେତ୍ରୀ ଶିବାନୀ ପ୍ରମୁଖ ଯୋଗ ଦେଇଥିଲେ ଅମ୍ପାୟାର ଭାବେ ନିର୍ମଳ ମିଶ୍ର ଓ ସମ୍ବିତ ପଟ୍ଟନାୟକ ମ୍ୟାଚ ପରିଚାଳନା କରିଥିଲେସ୍କୋର ବୋର୍ଡରେ ଓମ୍ ରଞ୍ଜନ ପ୍ରଧାନ ଓ ରୋଶନଜିତ ରାୟ ସହଯୋଗ କରିଥିଲେକ୍ରିକେଟ ସମ୍ପାଦକ ଅକ୍ଷୟ ବେହେରା ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

# କପିଳ ଦେବଙ୍କୁ ମାରିବାକୁ ଯାଇଥିଲେ ଯୁବରାଜ ସିଂହଙ୍କ ବାପା

ନୂଆଦିଲ୍ଲୀ : ସବୁବେଳେ ନିଜର ବିବାଦୀୟ ବୟାନ ପାଇଁ ଚର୍ଚ୍ଚାରେ ରହୁଥିବା ଯୁଗରାଜ ସିଂହ ସାଂଘାତିକ ଖୁଲାସା କରିଛନ୍ତି ଯୁଗରାଜ ହେଉଛନ୍ତି ପୂର୍ବତନ ଷ୍ଟାର କ୍ରିକେଟର ଯୁବରାଜ ସିଂହ ବାପା। ଯୁଗରାଜ ଏବେ କହିଛନ୍ତି ଯେ ସେ ଏକଦା କିମ୍ବଦନ୍ତୀ କ୍ରିକେଟର କପିଲ ଦେବଙ୍କ ଘରକୁ ପିସ୍ତଲ ଧରି ତାଙ୍କୁ ମାରିବା ପାଇଁ ଯାଇଥିଲେ।





୧୯୮୩ ବିଶ୍ୱକପ ବିଜେତା ଭାରତୀୟ ଦଳର ଅଧିନାୟକ କପିଲ ଦେବ ତାଙ୍କୁ(ଯୁଗରାଜ) ଭାରତୀୟ ଟିମରୁ ବାହାର କରିଦେବାକୁ ସେ ରାଗି ଯାଇ ଏପରି ପଦକ୍ଷେପ ନେଇଥିେ। ଯୁଗରାଜ ଭାରତ ପାଇଁ ଗୋଟିଏ ଟେଷ୍ଟ ଓ ୬ଟି ଦିନିକିଆ। ଖେଳିଛନ୍ତି।୧୯୮୦-୮୧ରେ ସେ ଅଷ୍ଟ୍ରେଲିଆ। ଓ ନ୍ୟୁଜିଲ୍ୟାଣ୍ଡରେ ଏହି ମ୍ୟାଚଗୁଡ଼ିକ ଖେଳିଥିଲେ।

ଯୁଗରାଜ ଏବେ କହିଛନ୍ତି ଯେ ସେ କପିଲ ଦେବଙ୍କୁ ମାରିବାକୁ ଚାହୁଁଥିଲେ। କିନ୍ତୁ ତାଙ୍କ ମାଙ୍କ ପାଇଁ ସେ କପିଲ ଦେବଙ୍କୁ ଛାଡ଼ି ଦେଇଥିଲେ। ଗୋଟିଏ ପୋଡକାଷ୍ଟରେ ଯୁଗରାଜ କହିଛନ୍ତି, ଯେତେବେଳେ କପିଲ ଦେବ ଭାରତ, ନର୍ଥ ଜୋନ ଓ ହରିୟାଣାର କ୍ୟାପ୍ଟେନ ହୋଇଥିଲେ। ସେତେବେଳେ ମୋତେ ବିନା କାରଣରୁ ଟିମରୁ ବାଦ ଦେଇଥିଲେ। ମୋ ପତ୍ନୀ(ଯୁବରାଜଙ୍କ ମା) କପିଲଙ୍କୁ ମୁଁ ପ୍ରଶ୍ନ କରେ ବୋଲି ଚାହୁଁଥିଲେ। କିନ୍ତୁ ମୁଁ ସେହି ବ୍ୟକ୍ତି(କପିଲ ଦେବ)ଙ୍କୁ ଉପଯୁକ୍ତ ଶିକ୍ଷା ଦେବି ବୋଲି ତାଙ୍କୁ କହିଥିଲି।

ଏହାପରେ ମୁଁ ମୋର ପିସ୍ତଲ ବାହାର କରିଥିଲି। ସିଧା କପିଲଙ୍କ ସେକ୍ଟର ୯ ସ୍ଥିତ ଘରେ ପହଞ୍ଚିଥିଲି। ସେ ନିଜର ମାଙ୍କ ସହ ବାହାରକୁ ଆସିଥିଲେ। ମୁଁ ସେଠାରେ ତାଙ୍କୁ ମନଇଚ୍ଛା ଗାଳି କରିଥିଲି। ମୁଁ ତାଙ୍କୁ କହିଥିଲି ଯେ ତୁମ ପାଇଁ ମୁଁ ମୋର ଜଣେ ବନ୍ଧୁଙ୍କୁ ହରାଇଛି ଓ ତୁମେ ମୋ ସହ ଯାହା କରିଛି, ତାର ପରିଣାମ ତୁମକୁ ଭୋଗିବାକୁ ପଡ଼ିବ।

ମୁଁ ତାଙ୍କୁ କହିଥିଲି ଯେ ତୁମ ମୁଣ୍ଡକୁ ଗୁଳି କରିବି। ହେଲେ ମୁଁ ଏହା କରୁନି। କାରଣ ତୁମ ପାଖରେ ଜଣେ ଅତି ମୂଲ୍ୟବାନ ମା ରହିଛନ୍ତି। ମୁଁ ଶବନମ(ଯୁବରାଜଙ୍କ ମା)ଙ୍କୁ କହିଥିଲି ଛାଡ଼ ସେସବୁ କଥା ।ସେହି ମୁହୂର୍ତ୍ତରେ ମୁଁ ନିଷ୍ପତ୍ତି ନେଇଥିଲି ଯେ ଆଉ କ୍ରିକେଟ ଖେଳିବି ନାହିଁ ଯୁବରାଜ ଖେଳିବ।

ଯୁଗରାଜ ଉକ୍ତ ପୋଡକାଷ୍ଟରେ କିମ୍ବଦନ୍ତୀ କ୍ରିକେଟର ବିଶନ ସିଂହ ବେଦୀଙ୍କୁ ମଧ୍ୟ ସମାଲୋଚନା କରିଛନ୍ତି ସେ କହିଛନ୍ତି, ବିଶନ ସିଂହ ବେଦୀଙ୍କ ସମେତ କିଛି ସଦସ୍ୟ ମୋ ବିରୋଧରେ ଷଡ଼ଯନ୍ତ୍ର କରିଥିଲେ। ମୁଁ କେବେ ହେଲେ ବିଶନ ସିଂହ ବେଦୀଙ୍କୁ କ୍ଷମା କରିବି ନାହିଁ। ନିଜର ପ୍ରକୃତି ପାଇଁ ବେଦୀ ବେଡରେ ପଡ଼ି ପ୍ରାଣ ହରାଇଥିଲେ।

ମୁଁ ଯେତେବେଳେ ଦଳରୁ ବାଦ ପଡ଼ିଲି ସେତେବେଳେ ଅନ୍ୟତମ ଚୟନକର୍ତ୍ତା ରବୀନ୍ଦ୍ର ଚଡ୍ଡାଙ୍କ ସହ କଥା ହୋଇଥିଲି। ସେ ସମୟରେ ବିଶନ ସିଂହ ବେଦୀ(ତତ୍କାଳୀନ ମୁଖ୍ୟ ଚୟନକର୍ତ୍ତା) ମୋତେ ନେବାକୁ ଚାହୁଁ ନଥିବା କହିଥିଲେ ।ମୋତେ ସେ ସୁନୀଳ ଗାଭାସ୍କରଙ୍କ ଲୋକ ବୋଲି ଭାବୁଥିଲେ। କାରଣ ମୁଁ ମୁମ୍ବାଇରେ ଖେଳୁଥିଲି। ଗାଭାସ୍କରଙ୍କ ସହ ମୋର ସମ୍ପର୍କ ବେଶ ନିବିଡ଼ ଥିଲା।

କପିଲଙ୍କୁ ଟାର୍ଗେଟ କରି ଯୁଗରାଜ ଆହୁରି କହିଛନ୍ତି, ୨୦୧୧ରେ ଯେତେବେଳେ ଭାରତ ବିଶ୍ୱକପ ଜିତିଲା ସେତେବେଳେ କପିଲ ଦେବ ହିଁ ଏକମାତ୍ର ବ୍ୟକ୍ତି ଯିଏ କାନ୍ଦିଥିଲେ। ମୁଁ ତାଙ୍କ ପାଖକୁ ଗୋଟିଏ ପେପର କଟିଂ ପଠାଇ ମୋ ପୁଅ ଯୁବରାଜ ସିଂହ ତାଙ୍କ ଠାରୁ ଯଥେଷ୍ଟ ଭଲ ବୋଲି କହିଥିଲି। ଏହାପରେ କପିଲ ମୋତେ କ୍ଷମା ମାଗିବା ସହ ଦେଖା କରିବାକୁ ମେସେଜ କରିଥିଲେ ହେଲେ। ମୁଁ କିଛି ଶୁଣି ନଥିଲି।

# ଖୋର୍ଦ୍ଧା କ୍ରିକେଟ ଆସୋସିଏସନ୍ ଗିନି କପ୍ ଚମ୍ପିୟାନ

ଖୋର୍ଦ୍ଧା: ଦୀର୍ଘ ୮ଦିନ ଧରି ଚାଲିଥିବା ଗିନି କପ୍ କ୍ରିକେଟ ଉଦଯାପନ ହୋଇଛି ଖୋର୍ଦ୍ଧା କ୍ରିକେଟ ଆସୋସିଏସନ ଚଳିତ ବର୍ଷ ର ଗିନି କପ୍ ଚମ୍ପିୟାନ ହୋଇଛନ୍ତି। ଆଜିର ଫାଇନାଲ ଖେଳରେ ଖୋର୍ଦ୍ଧା କ୍ରିକେଟ ଆସସିଏସନ ଖୋର୍ଦ୍ଧା ଏବଂ ସୋଲାର କ୍ରିକେଟ କ୍ଲବ କଟକ ମଧ ରେ ଆୟୋଜିତ ହୋଇଥିଲା । ଆଜିର ଖେଳକୁ ଖୋର୍ଦ୍ଧା ପୌରାଧକ୍ଷା କନକ ଲକ୍ଷ୍ମୀ ମହାନ୍ତି ଏବଂ ଖୋର୍ଦ୍ଧା ସମବାୟ ବ୍ୟାଙ୍କ ସଭାପତି ଅଭିଷେକ ସିଂ ସାମନ୍ତ ଶୁଭାରମ୍ଭ କରିଥିଲେ ।

ଖୋର୍ଦ୍ଧା ଟିମ୍ ଟସ ଜିତି ନିର୍ଦ୍ଧାରିତ ୨୦ ଓଭର ରେ ୫ ୱିକେଟ୍ ହରାଇ ୧୫୭ ରନ ସଂଗ୍ରହ କରିଥିଲେ ।ଦଳ ପକ୍ଷ ରୁ ରାକେଶ ପଟ୍ଟନାୟକ ୨୫ବଲ୍ ରେ ୪୨ ରନ ସଂଗ୍ରହ ଏବଂ ଆରୀୟଶ୍ରୀ ଦେବାଶିଷ ଭଞ୍ଜ ୧୯ବଲ ରେ ୨୫ରନ ସଂଗ୍ରହ କରିଥିଲେ । ୧୫୮ରନ ର ପିଛା କରି ସୋଲାର କ୍ଲବ କଟକ ୨୦ଓଭର ରେ ୮ ୱିକେଟ୍ ହରାଇ ମାତ୍ର ୧୦୬ରନ ସଂଗ୍ରହ କରିଥିଲେ ।ଦଳ ପକ୍ଷ ରୁ ପ୍ରଦୀପ୍ତ କୁମାର ଦାସ ୨୯ଟି ବଲ୍ ଖେଳି ୨୮ରନ ସଂଗ୍ରହ କରିଥିଲେ ।ଆଜିର ମ୍ୟାଚ ରେ ଭଲ ପ୍ରଦର୍ଶନ କରି ପ୍ଲେୟାର ଅଫ ଦି ଫାଇନାଲ ଭାବେ ରାକେଶ କୁମାର ପଟ୍ଟନାୟକ ବିବେଚିତ ହୋଇ ମୁଖ୍ୟ ଅତିଥି ଙ୍କ ଠାରୁ ୫୦୦୦ଟଙ୍କା ଚେକ୍, ଟ୍ରଫି ଏବଂ ଟାଇମେକ୍ସ ୱାର୍ଲ୍ଡ ପ୍ରଦତ୍ତ ସ୍ମାର୍ଟ ୱାଚ ପାଇଥିଲେ।




ସେଇଭଳି ସମସ୍ତ ମ୍ୟାଚ ରେ ଭଲ ପ୍ରଦର୍ଶନ କରି ପ୍ଲେୟାର ଅଫ ଦି ଟୁର୍ଣ୍ଣମେଣ୍ଟଭାବେ ପ୍ରଦୀପ୍ତ କୁମାର ଦାସ ଙ୍କୁ ୧୦୦୦୦ଟଙ୍କାର ଚେକ୍, ଟ୍ରଫି ସହ ଟାଇମେକ୍ସ ୱାର୍ଲ୍ଡ ପ୍ରଦତ୍ତ ସ୍ମାର୍ଟ ୱାଚ ପ୍ରଦାନ କରାଯାଇଥିଲା ଖୋର୍ଦ୍ଧା ଡିଷ୍ଟ କ୍ରିକେଟ ଆସୋଷିଏସନ ର କାର୍ଯ୍ୟକାରୀ ସଭାପତି ମନୋଜ ପ୍ରଧାନ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ସମ୍ମାନିତ ଅତିଥିରୂପେ ବ୍ରହ୍ମଗିରି ର ପୂର୍ବତନ ବିଧାୟକ ତଥା ବିଶିଷ୍ଟ କ୍ରିକେଟର ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଉପ ସଭାପତି ମହେଶ ଅଗ୍ରୱାଲ, ଯୋଗ ଦେଇଥିଲେ।

ସମ୍ପାଦକ ଭବାନୀ ଶଙ୍କର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ ଏହି ଅବସର ରେ ମୁଖ୍ୟ ଅତିଥି ବିଧାୟକ ପ୍ରଶାନ୍ତ ଜଗଦେବ, ଏବଂ ସମ୍ମାନିତ ଅତିଥି ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଖୋର୍ଦ୍ଧା ଷ୍ଟାଡିୟମ୍ ପରିସର ଭିତରେ କେଡିସିଏ କ୍ରିକେଟ ଏକାଡେମୀ ର ଭିତ୍ତି ପ୍ରସ୍ତର ସ୍ଥାପନ କରିବା ଶହ ମିନି ଷ୍ଟାଡିୟମ୍ ରେ ପରିଣତ କରିବା ପାଇଁ ୫୦ ଲକ୍ଷ ଟଙ୍କା ଅନୁଦାନ ଘୋଷଣା କରିଥିଲେ ଚମ୍ପିୟାନ ଦଳ ଭାବେ ଖୋର୍ଦ୍ଧା ଟିମ୍‌କୁ ଗିନି କପ୍ ସହ ମୋଦୀ ଡିଷ୍ଟିଲେରି ରକଫୋର୍ଡ ପ୍ରଦତ୍ତ ୫୦୦୦୦ ଟଙ୍କାର ଚେକ୍ ସହ ତାପସ ବୋଷ ଙ୍କ ୫ହଜାର ନଗଦ ଅର୍ଥ ରାଶିଏବଂ ରନର୍ସ ଅପ ସୋଲାର କ୍ରିକେଟ କ୍ଲବ କଟକ କୁ ଟ୍ରଫି ସହ ୩୦୦୦୦ ଟଙ୍କା ଚେକ୍ ଅତିଥି ମାନେ ପ୍ରଦାନ କରିଥିଲେ ପୂର୍ବତନ ଖୋର୍ଦ୍ଧା ବିଧାୟକ ତଥା ଆସୋସିଏସନର ପ୍ରତିଷ୍ଠାତା ସଭ୍ୟ ଜ୍ୟୋତି ରିନ୍ଦ୍ର ନାଥ ମିତ୍ର ଏବଂ କ୍ରିକେଟ କୋଚ କାର୍ତ୍ତିକ ଜେନା ଙ୍କୁ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇ ଥିଲା ଓଡ଼ିଶା ଅଣ୍ଡର ୧୬ ଟିମ ରେ ପ୍ରତିନିଧି କରିଥିବା ଖୋର୍ଦ୍ଧା ର ଯୁବ କ୍ରିକେଟ ଖେଳାଳି ସ୍ୱର୍ଣ୍ଣଭ ଦାସ, ଏବଂ ପୀୟୂଷ କୁମାର ବଳିଆରସିଂଙ୍କୁ ମଧ୍ୟ ଆସୋସିଏସନ ପକ୍ଷ ରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଇମ୍ପାକ୍ଟ ଖେଳାଳି ଭାବେ ଖୋର୍ଦ୍ଧା ଦଳ ର ସୁମିତ ମହାରଣା ଙ୍କୁ ଏ ଟ୍ଏଚ ଟାଇମ୍ସ ପକ୍ଷ ରୁ ପୁରସ୍କୃତ କରାଯାଇଥିଲା ଆଜିର ଫାଇନାଲ ମ୍ୟାଚ୍ ରେ ଅମ୍ପାୟାର ଭାବେ ପ୍ରିତି ରଂଜନ ବିଜୟ ସିଂ ଏବଂ ଚନ୍ଦ୍ର ମୋହନ ବରାଳ ପରିଚାଳନା କରୁଥିଲେ। ଉଦଯାପନୀ ଉତ୍ସବ ରେ ସଭ୍ୟ ଦେବି ଶଙ୍କର ପଣ୍ଡା ଧନ୍ୟବାଦ୍ ପ୍ରଦାନ କରିଥିଲେ। ଗିନି କପ୍ ର ସଫଳତା ପାଇଁ ସମ୍ପାଦକ ଭବାନୀ ଶଙ୍କର ପଣ୍ଡା ସମସ୍ତ ସଭ୍ୟ ବୃନ୍ଦ ଙ୍କୁ ଧନ୍ୟବାଦ ଏବଂ କୃତଜ୍ଞତା ଜ୍ଞାପନ କରିଥିଲେ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ